



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-346 ♦BHUBANESWAR ♦SATURDAY ♦14 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୪୬ ♦ଭୁବନେଶ୍ୱର ♦ଶନିବାର ♦୧୪ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ଇରାନ ଉପରେ ଇସ୍ରାଏଲ୍‌ର ପ୍ରଚଣ୍ଡ ଆକ୍ରମଣ

# ମଧ୍ୟପ୍ରାଚ୍ୟ ଥରହର



### ୩୩୦ ବୋମାବର୍ଷା କଲେ ୨୦୦ ଲଢୁଆ ବିମାନ

### ପରମାଣୁ କେନ୍ଦ୍ର ସମେତ ୬ ସାମରିକ ଠିକଣା ଧ୍ୱଂସ

### ଇରାନର ୨୦ ପ୍ରମୁଖ ସେନା କମାଣ୍ଡର ନିହତ

### ୬ ପ୍ରମୁଖ ପରମାଣୁ ଓ ସାମରିକ ବୈଜ୍ଞାନିକ ମୃତ

### ଇସ୍ରାଏଲ ଉପରେ ଇରାନ୍‌ର ଶହେରୁ ଊର୍ଦ୍ଧ୍ୱ ଡ୍ରୋନ ମାଡ଼

### ପରମାଣୁ ଚୁକ୍ତି ନ କଲେ ବଡ଼ଧରଣର ଆକ୍ରମଣ: ଟ୍ରମ୍ପ

### ଆମେରିକାର ଚେତାବନୀକୁ ଇରାନ୍‌ର ବେଖାତିର୍

■ **ତେହରାନ, ୧୩।୬ (ଏଜେନ୍ସି):** ଇରାନ୍ ଉପରେ ଶୁକ୍ରବାର ପ୍ରତ୍ୟୁଷରେ ଇସ୍ରାଏଲ୍‌ର ଅପ୍ରତ୍ୟାଶିତ ଆକ୍ରମଣରେ ଥରି ଉଠିଛି ମଧ୍ୟପ୍ରାଚ୍ୟ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀର ଦିନକ ପରେ ଇରାନ ଉପରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ ଏହି ଭୟାବହ ସ୍ଥିତି ସୃଷ୍ଟି କରିଛି। ଅପରେସନ 'ରାଇଜିଂ ଲାୟନ' ଅଧୀନରେ ଭାରତୀୟ ସମୟ ୫ଟା ୧୫ରେ ୨୦୦ରୁ ଅଧିକ ଲଢୁଆ ବିମାନ ଇରାନରେ ଜୋରଦାର ଏୟାର ଷ୍ଟ୍ରାଇକ କରିଛି। ଇରାନର ୧୨ଟି ପ୍ରଦେଶର ୬ଟି ସାମରିକ ଠିକଣାକୁ ନିଶାଣ କରି ୩୩୦ରୁ ଅଧିକ ବୋମାବର୍ଷା କରାଯାଇଛି। ଆକ୍ରମଣରେ ଇରାନର ବିପୁଳ କ୍ଷୟକ୍ଷତି ହୋଇଛି; ଯାହାକୁ ଭରଣା କରିବା ଇରାନ ପକ୍ଷେ କଷ୍ଟକର। ବିଧ୍ୱଂସକ ଆକ୍ରମଣରେ ୪ଟି ପରମାଣୁ କେନ୍ଦ୍ର, ବାଲିଷ୍ଟିକ କ୍ଷେପଣାସ୍ତ୍ର ମହଜୁଦ କେନ୍ଦ୍ର ସମେତ ୬ଟି ସାମରିକ ଠିକଣା ଧ୍ୱଂସ ହୋଇଯାଇଛି। ଏୟାର ଷ୍ଟ୍ରାଇକରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୫୦୦ରୁ ଅଧିକ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମୃତକଙ୍କ ମଧ୍ୟରେ ଇରାନ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସ (ଆଇଆରଜିସି) ମୁଖ୍ୟ ତଥା ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇଙ୍କ ଘନିଷ୍ଠ ଜେନେରାଲ ହୋସେନ ସଲାମୀ, ସଶସ୍ତ୍ର ବାହିନୀ ମୁଖ୍ୟ ମହମ୍ମଦ ବାଘେରୀଙ୍କ ସମେତ ୨୦ ପ୍ରମୁଖ କମାଣ୍ଡରଙ୍କ ଜୀବନ ଯାଇଛି। ୬ ଜଣ ପ୍ରମୁଖ ପରମାଣୁ ଏବଂ



ସାମରିକ ବୈଜ୍ଞାନିକ ମଧ୍ୟ ପ୍ରାଣ ହରାଇଛନ୍ତି। ଇସ୍ରାଏଲର ଏହି ଆକ୍ରମଣ ଇରାନର ପରମାଣୁ କାର୍ଯ୍ୟକ୍ରମ ପାଇଁ ଶକ୍ତ ଝଟ୍‌କା ସାବ୍ୟସ୍ତ ହୋଇଛି।

ଏହି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ଚରମରେ ପହଞ୍ଚାଇ ଦେଇଛି। ଏହାକୁ ନେଇ ଇରାନ ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି। ଏହି ଆକ୍ରମଣର ଦଣ୍ଡ ଇସ୍ରାଏଲକୁ ମିଳିବ ବୋଲି କହିଛନ୍ତି। ଏହା ପରେ ଇରାନ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଛି। ଇସ୍ରାଏଲ ଉପରେ ଇରାନ ଶହେରୁ ଅଧିକ ଡ୍ରୋନ ମାଡ଼ କରିଛି। ତେବେ ସବୁ ଡ୍ରୋନ୍‌କୁ ଖସାଇ ଦିଆଯାଇଛି। କୌଣସି ଡ୍ରୋନ ଇସ୍ରାଏଲ ସୀମାରେ ପ୍ରବେଶ କରିପାରିନି ବୋଲି ▶ପୃଷ୍ଠା-୭

**ଅହମଦାବାଦ ବିମାନ ଦୁର୍ଘଟଣା** ଦରପୋଡ଼ା ଶବ ଦେଖି ଠକିଯାଉଛି ଆଖି

# ଶବାଗାରରେ ଆତ୍ମୀୟ ଖୋଜା



### ୨୭୦ ମୃତଦେହ ଉଦ୍ଧାର

### ଚିହ୍ନଟ ହୋଇପାରୁନି ୨୬୩

■ **ଅହମଦାବାଦ, ୧୩।୬ (ଏଜେନ୍ସି):** ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଏହି ଭୟଙ୍କର ଦୁର୍ଘଟଣାରୁ କେବଳ ଜଣେମାତ୍ର ଯାତ୍ରୀ ସୌଭାଗ୍ୟକୁ ବଞ୍ଚି ଯାଇଛନ୍ତି। ବିମାନର ୧୨ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଏମାନଙ୍କ ମଧ୍ୟରେ ରାଜସ୍ଥାନର ୧୩ ଜଣ, ମଧ୍ୟପ୍ରଦେଶ, ହରିୟାଣା ଏବଂ ବିହାରର ଜଣେ ଲେଖାଏଁ ସାମିଲ ଅଛନ୍ତି। ଏ ପର୍ଯ୍ୟନ୍ତ ଘଟଣାସ୍ଥଳରୁ ୨୭୦ ମୃତଦେହ ଉଦ୍ଧାର କରାଗଲାଣି। ମାତ୍ର ସମସ୍ତ ମୃତଦେହ ଜଳି ଯାଇଥିବାରୁ ଏହାକୁ ଚିହ୍ନଟ କରିବା କଷ୍ଟସାଧ ହୋଇପଡ଼ିଛି। ଶବାଗାରରେ ରଖାଯାଇଥିବା ଖଣ୍ଡବିଖଣ୍ଡିତ ଓ ଦରପୋଡ଼ା ଶବ ଭିତରୁ ନିଜର ଆତ୍ମୀୟଙ୍କୁ ଶୋକାତୁର ହୋଇ ଅଣ୍ଡାଳୁଛନ୍ତି ପରିଜନମାନେ।ଶବଗୁଡ଼ିକର ଅବସ୍ଥା ଏପରି ହୋଇଛି ଯେ କେଉଁ ଶବ ନିଜର, ତାକୁ ଚିହ୍ନିବାରେ ଆତ୍ମୀୟଙ୍କ ଆଖି ଠକିଯାଉଛି। ସେହିପରି ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀଙ୍କ ମୃତଦେହ ବି ଚିହ୍ନଟ ହୋଇପାରି ନାହିଁ। ମୃତକଙ୍କୁ ଚିହ୍ନଟ ଲାଗି ତାଙ୍କ ପରିବାର ସଦସ୍ୟଙ୍କ ଡିଏନ୍‌ଏ ପରୀକ୍ଷା କରାଯାଉଛି। ଏହାର ରିପୋର୍ଟ ଆସିବା ପରେ ୭ ଜଣଙ୍କୁ ଚିହ୍ନଟ କରାଯାଇ ପରିବାର ସଦସ୍ୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ୨୨୦ ଜଣଙ୍କ ଡିଏନଏ ନମୁନା ସଂଗ୍ରହ କରାଯାଇଛି। ଅହମଦାବାଦ ହସ୍ପିଟାଲ ବାହାରେ ମୃତକଙ୍କ ସମ୍ପର୍କୀୟଙ୍କ ଗହଳି ଲାଗି ରହିଛି। ନିଜ ସମ୍ପର୍କୀୟଙ୍କୁ ଚିହ୍ନଟ କରିବା ପାଇଁ ସେମାନେ ଦିନରାତି ଚାହିଁ ରହିଛନ୍ତି।

ଗୁଜରାଟ ପୁଲିସ, ଏନଆଇଏ, ଏଏଆଇବି, ଡିଜିସିଏ, ଏନଟିଏସବି, ଏଫଏଏ, ୟୁକେ-ଏଏଆଇବି ସମେତ ୮ଟି ଏଜେନ୍ସି ବିମାନ ଦୁର୍ଘଟଣାର ତଦନ୍ତ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦୁର୍ଘଟଣାସ୍ଥଳକୁ ଗସ୍ତ କରିବା ସହ ଡାକ୍ତରଖାନାରେ ଆହତମାନଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ହଷ୍ଟେଲ୍ ଛାତରୁ ମିଳିଲା ବ୍ଲାକ୍ ବକ୍ସ

■ **ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** ଅହମଦାବାଦ୍ ବିମାନ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୬୫ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦୁର୍ଘଟଣାର କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳି ନ ଥିବା ବେଳେ ବିମାନର ବ୍ଲାକ ବକ୍ସ ବା ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର (ଡିଏଫ୍‌ଡିଆର) ମେଡିକାଲ କଲେଜ୍ ହଷ୍ଟେଲ ଛାତ ଉପରୁ ମିଳିଛି ବୋଲି ଶୁକ୍ରବାର ଏୟାର କ୍ରାଫ୍ଟ ଆକସିଡେଣ୍ଟ ବ୍ୟୁରୋ (ଏଏଆଇବି) ସୂଚନା ଦେଇଛି। ବ୍ଲାକ୍ ବକ୍ସ ମିଳିବା ପରେ ଖୁବ୍‌ଶୀଘ୍ର ବିମାନର ଦୁର୍ଘଟଣାର କାରଣ ସମ୍ପର୍କରେ ସୂଚନା ମିଳି ପାରିବ ବୋଲି ଆଶା କରାଯାଉଛି।

## ମହିଳା ଜନଜାଗରଣ ସମାବେଶରେ ସରକାରଙ୍କୁ ବିଜେଡିର ନିଶାଣ

# ଓଡ଼ିଶାରେ ମହିଳା ଅସୁରକ୍ଷିତ

### ଏକ ବର୍ଷରେ ଦୁଷ୍କର୍ମ, ଅପହରଣ, ହତ୍ୟାରେ ଅହେତୁକ ବୃଦ୍ଧି

### କ୍ଷୁଣ୍ଣ ହୋଇଛି ରାଜ୍ୟର ୭୦ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାଧୀନତା

### ସୁଭଦ୍ରାରେ ଦିନକୁ ୨୭ ଟଙ୍କା ମହିଳାଙ୍କ ସ୍ୱାଭିମାନଙ୍କୁ ପରିହାସ



■ **ଯାଜପୁର, ୧୩।୬ (ସମିସ):** ଗତ ଏକ ବର୍ଷରେ ରାଜ୍ୟର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ବିଫଳତାକୁ ନେଇ ବର୍ଷିଛି ବିଜେଡି। ଯାଜପୁରର ବରୁଆଁଠାରେ ଏକ ବିଶାଳ ମହିଳା ଜନ ଜାଗରଣ ଅଭିଯାନରେ ବିଜେଡି ରାଜ୍ୟରେ ବର୍ଦ୍ଧିତ ମହିଳା ବିରୋଧୀ ହିଂସା, ମହିଳାଙ୍କ ପ୍ରତି ଅନ୍ୟାୟ, ପ୍ରତିଶ୍ରୁତି ପାଳନରେ ସରକାରଙ୍କ ବିଫଳତା ଓ ସୁଭଦ୍ରା ସହାୟତା ପରିହାସକୁ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି।

ଦଳର ବରିଷ୍ଠ ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ଗତ ଏକ ବର୍ଷରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇଛି। ପ୍ରତିଦିନ ମହିଳାମାନେ ଦୁଷ୍କର୍ମ, ଅପହରଣ, ହତ୍ୟା, ଯୌନ ନିର୍ଯାତନାର ଶିକାର ହେଉଥିବାର ଖବର ପ୍ରତିଦିନ ଗଣମାଧ୍ୟମରେ ଶିରୋନାମା ପାଲଟୁଛି। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହାଛଡା ନବୀନ ସରକାରଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ହୋଇଥିବା ୭୦ ଲକ୍ଷ ମହିଳା ମାନେ ଯେଉଁ ଅଥନୈତିକ ସ୍ୱାଧୀନତା ହାସଲ ହାସଲ କରିଥିଲେ, ତାହା ଆଜି ସରକାରଙ୍କ ଉଦାସୀନତା ଯୋଗୁ ବିପଦରେ ପଡିଛି। ରାଜ୍ୟ ସରକାର ମିଶନଶକ୍ତିର ଏସ୍‌ଏଚ୍‌ଜି ଗୁଡିକୁ ଅଣଦେଖା କରିବା ଯୋଗୁଁ ସ୍ୱାବଲମ୍ବୀ ମହିଳାମାନେ ଆଜି ସମ୍ମାନରୁ ବଞ୍ଚିତ ହୋଇଛନ୍ତି। ସୁଭଦ୍ରା ଯୋଜନାରେ ଦୁଇ ବର୍ଷରେ ପଚାଶ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ଏବେ ଦୈନିକ ୨୭ଟଙ୍କା ହିସାବରେ ଛଅ ମାସକୁ ୫ ହଜାର ଦେଇ ସରକାର ପରିହାସ କରିଛନ୍ତି। ▶ପୃଷ୍ଠା-୭

# ଓଡ଼ିଆ 'ଅସ୍ମିତା'ର ଝାଡ଼ଖଣ୍ଡୀ ପ୍ରୀତି

### ଓଡ଼ିଶା ସାରା ବୁଲୁଛି ଝାଡ଼ଖଣ୍ଡ ଓ ଛତିଶଗଡ଼ର 'ବିକାଶ ବାହନ'



■ **ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ବୁଲୁଛି 'ବିକାଶ ବାହନ'। ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ଏହି ବିକାଶ ବାହନ ଜରିଆରେ ରାଜ୍ୟ ସାରା ପ୍ରଚାର କରାଯାଉଛି। ଗେରୁଆ ରଙ୍ଗରେ ସୁସଜ୍ଜିତ ଗାଡ଼ିରେ ସରକାରୀ ଯୋଜନାଗୁଡ଼ିକର ପ୍ରଚାର କରାଯାଉଛି ଓ ଖୋଦ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ଗାଡ଼ିରେ ଲଗାଯାଇଛି। ମାଇକ୍ ଜରିଆରେ ସରକାରଙ୍କ ତଥାକଥିତ ବିକାଶର ରେକର୍ଡ଼ିଂ ଗୁଣଗାନ କରାଯାଉଛି। ମାତ୍ର ବିଡ଼ମ୍ବନା ହେଉଛି ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର କୋଣ ଅନୁକୋଣରେ ଘୁରୁଥିବା ପ୍ରାୟତଃ ସବୁ ଗାଡ଼ି ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ଭଡ଼ାରେ ଅଣା ଯାଇଛି। ଗୋଟିଏ ପଟେ ବିଜେପି ଓ ରାଜ୍ୟ ସରକାର ନିଜକୁ ଓଡ଼ିଆ ଅସ୍ମିତାର ଧ୍ୱଜାଧାରୀ ବୋଲି ଘୋଷି ହେଉଛନ୍ତି, ଓଡ଼ିଆ ଲୋକଙ୍କ ନିଯୁକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହୁଛନ୍ତି; ଅନ୍ୟପକ୍ଷରେ ସରକାରଙ୍କ ପ୍ରଚାର ପାଇଁ ଓଡ଼ିଆ ଗାଡ଼ି ମାଲିକଙ୍କ ପରିବର୍ତ୍ତେ ଝାଡ଼ଖଣ୍ଡ ଓ ଛତିଶଗଡ଼ ▶ପୃଷ୍ଠା-୭

**ଗାଡ଼ି ବୁଲା ଖର୍ଚ୍ଚ ଦିନକୁ ୨୫ ଲକ୍ଷ**


DADLS-31



**ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଚ୍ଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526


#### ସମୀକ୍ଷା ବୈଠକରୁ ଆସିଲା ସାଂଘାତିକ ତଥ୍ୟ

## ଯାଜପୁର, ଭଦ୍ରକରେ ହଇଜା

**ନମୁନା ପରୀକ୍ଷଣରୁ କଲେରା ଜୀବଣୁ ଠାବ**

**ଦୁଇ ଜିଲ୍ଲାରେ ୬୨୨ ଚିକିତ୍ସିତ, ୧୧ ମୃତ**

**ବିଭିନ୍ନ ହୋଟେଲ, ଢାବା ଉପରେ ଚଢ଼ଉ**

**ସରକାରୀ କର୍ମଚାରୀଙ୍କ ରଜ ଛୁଟି ବାତିଲ**

■ **ଯାଜପୁର, ୧୩।୬ (ସମିସ):** ଯାଜପୁର ଓ ଭଦ୍ରକ ଜିଲ୍ଲାରେ ଝାଡ଼ାବାନ୍ତିରେ ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଥିବାବେଳେ ସରକରୀ ସମୀକ୍ଷା ବୈଠକରୁ ସାଂଘାତିକ ତଥ୍ୟ ସାମ୍‌ନାକୁ ଆସିଛି। ଯାଜପୁର ଓ ଭଦ୍ରକ ଜିଲ୍ଲାରୁ ସଂଗୃହୀତ ମଳ ନମୁନା ପରୀକ୍ଷଣରୁ ହଇଜା (କଲେରା) ଜୀବାଣୁ ଠାବ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜଳବାହିତ ରୋଗ ନିରାକରଣ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇ ▶ପୃଷ୍ଠା-୭

# ହୋଟେଲରେ ନାବାଳିକାକୁ ତିନି ଦିନ ଧରି ଗଣଦୁଷ୍କର୍ମ



**ପୁରୀରେ ଲଜ୍ଜା**

■ **ପୁରୀ, ୧୩।୬ (ସମିସ):** ପୁରୀରେ ଲଜ୍ଜା। ଜଣେ ୧୪ ବର୍ଷର ନାବାଳିକାକୁ ୩ ଦିନ ଧରି ଏକ ହୋଟେଲରେ ରଖି ଗଣଦୁଷ୍କର୍ମ କରିଛନ୍ତି ୩ ଯୁବକ। ଶୁକ୍ରବାର ସମୁଦ୍ରକୂଳ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଲିନୋଳିଆ ଉପରସାହିର ଲେଙ୍କା ସୁନୀଲ ବେହେରା, ଗୌଡ଼ବାଡ଼ ସାହିର ଏଲ୍. ରାଜା ବେହେରା ଏବଂ ବି. ଗୌରାଙ୍ଗ ବେହେରା। ଶନିବାର ଅଭିଯୁକ୍ତମାନଙ୍କ ଡାକ୍ତରୀପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ମାନସ ଚକ୍ର କହିଛନ୍ତି।

ସୂଚନାନୁଯାୟୀ, ଗତ ୭ ତାରିଖ ଅପରାହ୍ଣରେ ନାବାଳିକା ପୁରୀ ହୋଟେଲ ନିକଟରେ ବୁଲୁଥିଲେ। ଏହି ସମୟରେ ତାକୁ ଜଳଖିଆ ଖାଇବାକୁ ଡାକି ଅଭିଯୁକ୍ତ ଲେଙ୍କା ସୁନୀଲ ବଳିଆପଣ୍ଡାସ୍ଥିତ ଏକ ହୋଟେଲକୁ ନେଇ ଯାଇଥିଲା। ସେଠାରେ ସେ ତା' ଦୁଇ ସାଙ୍ଗ ଏଲ୍. ରାଜା, ବି. ଗୌରାଙ୍ଗ ନାବାଳିକାକୁ ୩ ଦିନ ରଖି ଗଣଦୁଷ୍କର୍ମ କରିଥିଲେ। ୯ ▶ପୃଷ୍ଠା-୭

ସକାଳ
www.sakalaepaper.com

# ଇରାନ ଉପରେ କାହିଁକି ଆକ୍ରମଣ କଲା ଇସ୍ରାଏଲ



ତେଲ ଆଭିଭ, ୧୩।୬ (ଏଜେନ୍ସି): ଇସ୍ରାଏଲ ପାହାନ୍ତିଆରେ ଆକ୍ରମଣ କରି ଇରାନକୁ ଦୋହଲାଇ ଦେଇଛି। ଏହି ଆକ୍ରମଣକୁ ଏଭଳି ଭାବେ ଗୋପନୀୟ ରଖା ଯାଇଥିଲା ଯେ ତାହାର ଟିକିଏ ହେଲେ ବି ସୂଚନା ଇରାନ ପାଇପାରି ନ ଥିଲା। କିନ୍ତୁ ଆମେରିକାକୁ ପ୍ରଥମେ ଜଣାଇ ଦିଆଯାଇଥିଲା। ପୂର୍ବରୁ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଇରାନକୁ ଧମକ ଦେଇ ଚାଲିଥିଲେ। ପରମାଣୁ ଚୁକ୍ତି ନ କଲେ ବଡ଼ ପରିଣତି ଭୋଗିବ ବୋଲି ଚେତାଇ ଦେଇଥିଲା। ଏହା ପରେ ଇସ୍ରାଏଲ ଇରାନର ପରମାଣୁ କେନ୍ଦ୍ର, କ୍ଷେପଣାସ୍ତ୍ର ମହଜୁଦ କେନ୍ଦ୍ର ଏବଂ ପ୍ରମୁଖ ନେତୃତ୍ୱଙ୍କୁ ନିଶାଣ କରି ଆକ୍ରମଣ କରିଥିଲା। କେହି କିଛି ବୁଝିବା ଆଗରୁ ଆଇଡିଏଫର ଲଢୁଆ ବିମାନ ରାମ, ସୌଫା, ଏବଂ ଏଡିଆର ଆଦି ଧ୍ୱଂସଲୀଳା ରଚି ଫେରି ଆସିଥିଲା। ଏବେ ଇସ୍ରାଏଲକୁ ଏହି ଅଭିଯାନ କରିବାର କ'ଣ ଆବଶ୍ୟକତା ପଡ଼ିଲା ବୋଲି ପ୍ରଶ୍ନ ଉଠୁଛି। ଏହା ପଛରେ ଇରାନ ପରମାଣୁ କାର୍ଯ୍ୟକ୍ରମ ବଡ଼ କାରଣ ରହିଛି। ଗତ ଫେବୃଆରୀରୁ ଆମେରିକା ଗୁଇନ୍ଦା ଏଜେନ୍ସି ସତର୍କ କରି ଆସୁଥିଲା। ଇରାନ ଆଣବିକ କାର୍ଯ୍ୟକ୍ରମ ସହ ଜଡ଼ିତ ଏକାଧିକ ପ୍ରତିଷ୍ଠାନ ଉପରେ ଇସ୍ରାଏଲ ଆକ୍ରମଣ କରିପାରେ ବୋଲି କୁହାଯାଇଥିଲା। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ ଇରାନକୁ ପୂର୍ବରୁ ଅନେକ ଥର ଧମକ ଦେଇଥିଲେ।

କିଛି ଦିନ ତଳେ ଆମେରିକା ଗୁଇନ୍ଦା ରିପୋର୍ଟରେ କୁହାଯାଇଥିଲା ଯେ ଅକ୍ଟୋବରରେ ମିସାଇଲ ଉତ୍ପାଦନ କେନ୍ଦ୍ର ଓ ଏୟାର ଡିଫେନ୍ସ ସିଷ୍ଟମ ଉପରେ ହୋଇଥିବା ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଇସ୍ରାଏଲ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛି। ଇରାନରେ କ୍ଷମତା ପରିବର୍ତ୍ତନ କରି ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ମଧ ଇସ୍ରାଏଲ ଚାହୁଁଥିବା କୁହାଯାଇଥିଲା। ଆଜି ଇସ୍ରାଏଲ ଏହାକୁ ସତ କରି ଦେଖାଇଛି। ଯଦି ଇରାନ ଆଣବିକ ବୋମା ପାଇଯାଏ ତେବେ ତେଲ ଆଭିଭ ସବୁଠାରୁ ଅଧିକ କ୍ଷତି ସହିବ ବୋଲି ଇସ୍ରାଏଲ କହି ଆସୁଥିଲା। କାରଣ ଇରାନ ଇସ୍ରାଏଲର ଦୃଢ଼ ବିରୋଧୀ। ଇସ୍ରାଏଲକୁ ନିପାତ କରିବା ପାଇଁ ଇରାନ ଚାହୁଁଛି। ଦୀର୍ଘ ଦଶନ୍ଧି ଧରି ଇସ୍ରାଏଲ ବିରୋଧରେ ଛାୟା ଯୁଦ୍ଧ ଚଳାଇଛି। ହମାସ, ହୁତି ବିଦ୍ରୋହୀ ଏବଂ ହିଜବୁଲ୍ଲା ମାଧ୍ୟମରେ ଇସ୍ରାଏଲ ଉପରେ ଆକ୍ରମଣ ଜାରି ରଖିଛି। ଏହି ଆତଙ୍କବାଦୀ ଗୋଷ୍ଠୀ ଗୁଡିକୁ ଇରାନ ସହାୟତା ଦେଉଛି। ଗାଜାରେ ଇସ୍ରାଏଲ ଆକ୍ରମଣ ପରଠାରୁ ଏହି ସଂଗଠନ ଗୁଡ଼ିକ ପାଲେଷ୍ଟାଇନ ସମର୍ଥନରେ ବାହାରିଛନ୍ତି। ସେମାନେ ଇସ୍ରାଏଲ ବିରୋଧରେ ନିଜର ଆକ୍ରମଣକୁ ଜୋରଦାର କରିଛନ୍ତି।

ଅନ୍ୟପକ୍ଷରେ ମିଳିତ ଜାତିସଂଘର ଆଣବିକ ୱାଚଡଗ ଗୁରୁବାର ଗୋଟିଏ ସଂକଳ୍ପ ପାରିତ କରିଥିଲା। ଏଥିରେ ଇରାନ ନିଜର ଆଣବିକ ନିରସ୍ତ୍ରୀକରଣ ଚୁକ୍ତିକୁ ଉଲ୍ଲଘଂନ କରିବା ସ୍ଥିତିରେ ରହିଛି ବୋଲି କୁହାଯାଇଥିଲା। ଏହାର ଜବାବରେ ଇରାନ ଆଣବିକ କାର୍ଯ୍ୟକ୍ରମକୁ ବିସ୍ତାର କରିବାକୁ ଘୋଷଣା କରିଥିଲା। ଇରାନ ପରମାଣୁ କାର୍ଯ୍ୟକ୍ରମକୁ ଜୋରଦାର କରିବାରୁ ଇସ୍ରାଏଲ ଆକ୍ରମଣ କରିଥିଲା। ସବୁ ରାସ୍ତା ବନ୍ଦ ହୋଇ ଯାଇଥଇବାରୁ ବାଧ୍ୟବାଧ୍ୟକତାରେ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ଇସ୍ରାଏଲ ବିଦେଶମନ୍ତ୍ରୀ ଗିଦୋନ ସାର୍ କହିଛନ୍ତି। ଇରାନ ଅଟକିବାକୁ ଚାହୁଁ ନ ଥିଲା। ତେଣୁ ତାକୁ ରୋକିବାର ଆବଶ୍ୟକତା ଥିଲା।

## ଅହମଦାବାଦ ଦୁର୍ଘଟଣା

### ଜୀବନ ହରାଇଲେ ଭାଇ-ଭଉଣୀ



ଉଦୟପୁର, ୧୩।୬(ଏଜେନ୍ସି): ରାଜସ୍ଥାନର ଉଦୟପୁରର ମାର୍ବଲ ବ୍ୟବସାୟୀ ସଞ୍ଜୀବ ମୋଦୀଙ୍କ ପୁଅ ଶୁଭ ଓ ଝିଅ ସଗୁନ୍ ଲଣ୍ଡନ ବୁଲିବାକୁ ଯାଉଥିଲେ। କିନ୍ତୁ ଏମାନଙ୍କର ଏହି ଯାତ୍ରା ଥିଲା ଶେଷଯାତ୍ରା। ଭାଇ- ଭଉଣୀ ଏମ୍‌ବିଏ କରିବା ପରେ ପିତାଙ୍କ ବ୍ୟବସାୟ ସମ୍ଭାଳୁଥିଲେ। ଦୁର୍ଘଟଣା ବିଷୟରେ ଜାଣିବା ପରେ ସଞ୍ଜୀବ ଅହମଦାବାଦ ଯାଇଛନ୍ତି। ସ୍ଥାନୀୟ ସହେଲୀ ନଗରସ୍ଥିତ ତାଙ୍କ ବାସଭବନକୁ ଉଦୟପୁର ଜିଲ୍ଲା କଲେକ୍ଟର ନମିତ ମେହେତା ଯାଇ ଘଟଣା ସଂକ୍ରାନ୍ତରେ ତାଙ୍କୁ ଓ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଏହାପରେ ଆଖପାଖ ପଡୋଶୀ ମଧ ସେଠାରେ ପହଞ୍ଚିବାକୁ ଲାଗିଥିଲେ। ସେଠାରେ ଏବେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

### ପତ୍ନୀଙ୍କ ଅନ୍ତିମ ସଂସ୍କାର କରିବାକୁ ଆସିଥିଲେ, କିନ୍ତୁ...



ସୁରଟ, ୧୩।୬(ଏଜେନ୍ସି): ମୂଳତଃ ସୁରଟ ରହୁଥିବା ଅର୍ଜୁନ ପଟୋଲିଆ ପତ୍ନୀ ଓ ଦୁଇ ଝିଅଙ୍କ ସହ ୨୦୦୯ ରୁ ଲଣ୍ଡନରେ ରହିଆସୁଥିଲେ। ସେ ଲଣ୍ଡରେ ଏକ ବଡ଼ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୩ ବର୍ଷ ହେବ ତାଙ୍କ ପତ୍ନୀ ସର୍ଭାଇକାଲ କ୍ୟାନ୍ସରରେ ପୀଡିତ ଥିଲେ। ଗତ ମେ ୨୩ରେ ପତ୍ନୀଙ୍କ ପରଲୋକ ହୋଇଥିଲା। ଲଣ୍ଡନରେ ତାଙ୍କ ଅନ୍ତିମ ସଂସ୍କାର ହୋଇଥିଲା। କିନ୍ତୁ ଅନ୍ତିମ ସଂସ୍କାର ପରେ ସେ କେତୋଟି ରୀତିନୀତି ପାଳନ କରିବାକୁ ସୁରତ ଆସିଥିଲେ। ଏହାକୁ ପୂରଣ କରି ଅର୍ଜୁନ ଲଣ୍ଡନ ଫେରୁଥିଲେ। କିନ୍ତୁ ତାଙ୍କର ଏହି ଯାତ୍ରା ମହାଯାତ୍ରାରେ ପରିଣତ ହୋଇଥିଲା।

### ବାନ୍ଧବୀଙ୍କ ସହ ନେଲେ ଶେଷ ନିଶ୍ୱାସ



ଅହମଦାବାଦ, ୧୩।୬(ଏଜେନ୍ସି): ବିମାନ ଦୁର୍ଘଟଣାରେ ଆଉ ଏକ ଦୁଃଖଦ ଖବରକୁ ନେଇ ଗୁଜରାଟରେ ଚର୍ଚ୍ଚା ହେଉଛି। ବିବାହ କରିବାକୁ ଯାଉଥିବା ଏକ ଯୋଡି ଏହି ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଗୁଜରାଟର ଗଢ଼ଡା ତାଲୁକାର ଅଡତଲା ଗାଁରେ ରହୁଥିବା ୨୭ ବର୍ଷୀୟ ହାର୍ଦ୍ଦିକ ଦେବରାଜଭାଇ ଲଣ୍ଡନରେ ଆମାଜନରେ ଚାକିରି କରୁଥିଲେ। ସେ ଗତ ଦୁଇବର୍ଷ ହେବ ଲଣ୍ଡନରେ ରହୁଥିଲେ। ଲଣ୍ଡନରେ ରହୁଥିବା ବିଭୂତୀଙ୍କର ଗୋଟିଏ ମାସ ପୂର୍ବରୁ ନିର୍ବନ୍ଧ ହୋଇଥିଲା। ଏଥିପାଇଁ ରିତୀନୀତି ପାଳନ କରିବାକୁ ଦୁହେଁ ଗାଁକୁ ଆସିଥିଲେ। ଗୁରବାର ଦୁହେଁ ବିମାନରେ ଲଣ୍ଡନ ଫେରୁଥିଲେ। କିନ୍ତୁ ଦୁହେଁ ସାଥି ହୋଇ ଶେଷ ନିଶ୍ୱାସ ନେଇଥିଲେ।

### ଏମ୍‌ବିବିଏସ୍ ଆଡମିସନ କରିବାକୁ ଲଣ୍ଡନ ଯାଉଥିଲେ ପାୟଲ



ଅହମଦାବାଦ, ୧୩।୬ (ଏଜେନ୍ସି): ପିଲାଟି ବେଳୁ ଡାକ୍ତର ହେବାର ସ୍ୱପ୍ନ ଦେଖୁଥିଲେ ପାୟଲ ଖଟିକ୍। ଲଣ୍ଡନର ଏକ ପ୍ରତିଷ୍ଠିତ କଲେଜ୍‌ରେ ସେ ଏମ୍‌ବିବିଏସ୍‌ରେ ଆଡମିସନ କରିବାକୁ ଯାତ୍ରା କରିଥିଲେ। ସେ ପରିବାର ସହିତ ଗୁଜରାଟ ହିମତ ନଗରରେ ରହୁଥିଲେ। କିନ୍ତୁ ମୂଳତଃ ସେ ଉଦୟପୁର ଜିଲ୍ଲାର ଗୋଗୁଁଦାରେ ପୂର୍ବରୁ ରହୁଥିଲେ। ପଢ଼ିବାକୁ ତାଙ୍କର ଜବରଦସ୍ତ ଉତ୍ସାହ ଥିଲା। ଏହା ମଧ ତାଙ୍କର ପ୍ରଥମ ବିଦେଶ ଗସ୍ତ ଥିଲା। କିନ୍ତୁ ସେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## ଆକ୍ରମଣରେ କିଏ ହରାଇଛନ୍ତି ପ୍ରାଣ

ତେହରାନ, ୧୩।୬ (ଏଜେନ୍ସି): ଇସ୍ରାଏଲ ଆକ୍ରମଣରେ ଇରାନ ସେନାର ବହୁ ଉଚ୍ଚ ପଦରେ ଥିବା ଅଧିକାରୀ ପ୍ରାଣ ହରାଇଛନ୍ତି। ପ୍ରତି ଆକ୍ରମଣକୁ ଦେଖି ଇସ୍ରାଏଲ ନିଜ ଦେଶରେ ଏମର୍ଜେନ୍ସି ଜାରି କରିଛି। ସଂରକ୍ଷିତ ସେନାକୁ ମୁତୟନ ଆରମ୍ଭ କରିଛି। ସେନାକୁ ସତର୍କ କରି ରଖିଛି। ଇସ୍ରାଏଲ ଆଜି ତେହରାନ ସ୍ଥିତ ଇରାନ ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି)ର ମୁଖ୍ୟାଳୟକୁ ନିଶାଣ କରି ଆକ୍ରମଣ କରିଥିଲା। ଏଥିରେ ଆଇଆରଜିସି ମୁଖ୍ୟ ତଥା ସବୁଠାରୁ କ୍ଷମତାଶାଳୀ ବ୍ୟକ୍ତି ଜେନେରାଲ ହୋସେନ ସଲାମୀ ପ୍ରାଣ ହରାଇଛନ୍ତି। ସେ ୨୦୧୯ଠାରୁ ଏହି ପଦରେ ରହିଥିଲେ। ଏହି ଅଭିଯାନରେ ମେଜର ଜେନେରାଲ ମହମ୍ମଦ ବାଘେରୀ ମଧ ନିହତ ହୋଇଛନ୍ତି। ସେ ସଶସ୍ତ୍ର ବାହିନୀର ମୁଖ୍ୟ ଥିଲେ। ସର୍ବୋଚ୍ଚ ନେତା ଖାମନେଇଙ୍କ ପରେ ସେ ଦ୍ୱିତୀୟ କ୍ଷମତା କେନ୍ଦ୍ର ଥିଲେ। ସେହିପରି ଖତମ ଏଲ- ଅନବିୟାର ମୁଖ୍ୟାଳୟରେ ହୋଇଥିବା ଆକ୍ରମଣରେ ଜେନେରାଲ ଘୋଲମ ଅଲି ରସିଦ ନିହତ ହୋଇଛନ୍ତି। ବାୟୁସେନା ମୁଖ୍ୟ ଅମିର ଅଲ୍ଲି ହାଜିଜାଦେହ ଏବଂ ପୂର୍ବତନ ଆଇଆରଜିସି କମାଣ୍ଡର ଅଲି ସାମଖାନୀ ମଧ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେହିପରି ୬ ପରମାଣୁ ବୈଜ୍ଞାନିକଙ୍କ ଜୀବନ ମଧ ଯାଇଛି। ଏମାନଙ୍କ ମଧ୍ୟରେ ଅବଦୋଲହମିତ ମିନୋଚେହର, ଅହମଦରେଜା ଜୋଲଫାଘରି, ଅମିରହୋସେନ ଫେକି, ମୋତାଲେବିଲଜେଦହ, ମହମ୍ମଦ ମେହଦି ତେହରାଞ୍ଚି ଏବଂ ଫେରେଦୋନ ଅବାସି ସାମିଲ ଅଛନ୍ତି।

## ଇରାନକୁ ଟ୍ରମ୍ପଙ୍କ ଧମକ

ୱାଶିଂଟନ, ୧୩।୬(ଏଜେନ୍ସି): ପରମାଣୁ ଚୁକ୍ତିରେ ସ୍ୱାକ୍ଷର କରିବାକୁ ଆମେରିକା ଇରାନକୁ ଖୋଲାଖୋଲି ଭାବେ କହିଛି। ଇସ୍ରାଏଲ୍ ପାଖରେ ବିପଜ୍ଜନକ ଓ ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ରହିଛି। ତେଣୁ ଚୁକ୍ତିରେ ସ୍ୱାକ୍ଷର ନକଲେ ଇରାନ ଭୟଙ୍କର ପରିଣାମ ଭୋଗିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେଇଛନ୍ତି। ଇରାନରେ ଯେଉଁମାନେ ଏହି ଚୁକ୍ତିକୁ ବିରୋଧ କରୁଥିଲେ, ସେମାନେ ସମସ୍ତେ ଇସ୍ରାଏଲ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ତେଣୁ ଏବେ ମଧ ଇରାନ ପାଖରେ ସୁଯୋଗ ରହିଛି ବୋଲି ଟ୍ରମ୍ପ ଏକ ପୋଷ୍ଟରେ ଉଲ୍ଲେଖ କରି ଏହି କଥା କହିଛନ୍ତି। ଆମେରିକାରେ ସବୁଠାରୁ ଘାତକ ତଥା ବିପଜ୍ଜନକ ଅସ୍ତ୍ରଶସ୍ତ୍ର ନିର୍ମାଣ କରାଯାଉଛି। ଇସ୍ରାଏଲ ପାଖରେ ବିପୁଳ ପରିମାଣରେ ଏହି ଅସ୍ତ୍ରଶସ୍ତ୍ର ରହିଛି।

## ଇରାନ ହାତ ଛାଡ଼ିଦେଲା ହିଜବୁଲ୍ଲା



ତେହରାନ, ୧୩।୬ (ଏଜେନ୍ସି): ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଚରମରେ ପହଞ୍ଚିଛି। ପରମାଣୁ ଠିକଣାରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ ପରେ ଲେବାନନ ଇରାନକୁ ବଡ଼ ଝଟ୍‌କା ଦେଇଛି। ଆତଙ୍କବାଦୀ ସଂଗଠନ ହିଜବୁଲ୍ଲା ଇରାନର ହାତ ଛାଡ଼ି ଦେଇଛି। ଲେବାନନ ସରକାରଙ୍କ ତାଗିଦ ଯୋଗୁଁ ଏପରି ହୋଇଛି। ଦେଶକୁ ଯୁଦ୍ଧ ମଧ୍ୟକୁ ଠେଲି ଦିଆଯିବ ନାହିଁ ବୋଲି ଲେବାନନ ସରକାର ସ୍ପଷ୍ଟ କରିଦେଇଛନ୍ତି। ଏହା ସହିତ ହିଜବୁଲ୍ଲାକୁ ମଧ ଚେତାବନୀ ଦେଇଛନ୍ତି। ଇରାନ ସପକ୍ଷରେ ଯାଇ ଇସ୍ରାଏଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ହିଜବୁଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣତଃ ପ୍ରତ୍ୟେକ ସ୍ଥିତିରେ ହିଜବୁଲ୍ଲା ଇରାନକୁ ସମର୍ଥନ ଦେଇଥାଏ। କିନ୍ତୁ ଚଳିତ ଥର ସ୍ଥିତି ବଦଳି ଯାଇଛି। ସାଉଦି ନ୍ୟୁଜ ଆଉଟଲେଟ୍ 'ଅଲ-ଅରବିୟା' ରିପୋର୍ଟ ଅନୁଯାୟୀ ଲେବାନନ ସରକାର ହିଜବୁଲ୍ଲାଙ୍କୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ଏବେ ସଂଗଠନ ନିଜ ଇଚ୍ଛା ଅନୁଯାୟୀ ନିଷ୍ପତ୍ତି ନେଇପାରିବ ନାହିଁ। ଏବେ ସେହି ସମୟ ଚାଲି ଯାଇଛି। ଆଉ ନିଜେ ନିଷ୍ପତ୍ତି ନେଇ ଦେଶକୁ ଯୁଦ୍ଧ ମଧ୍ୟକୁ ଠେଲିପାରିବ ନାହିଁ। ଏବେ ଯଦି ହିଜବୁଲ୍ଲା ଆକ୍ରମଣ କରିବ ତେବେ ସାରା ଦେଶକୁ ଏହାର ଫଳ ଭୋଗିବାକୁ ପଡ଼ିବ।

ଲେବାନନ ସରକାରଙ୍କ ଏହି ନିର୍ଦ୍ଦେଶ ପଛରେ ଇସ୍ରାଏଲ ଆକ୍ରମଣର ଭୟ ରହିଛି। ହିଜବୁଲ୍ଲା ଆକ୍ରମଣ କଲେ ଇସ୍ରାଏଲ ବେରୁତ ଏବଂ ଦକ୍ଷିଣ ଲେବାନନର ଅନେକ ଅଞ୍ଚଳକୁ ନିଶାଣ କରିପାରେ। ପୂର୍ବରୁ ଇସ୍ରାଏଲ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଛି। ଏଭଳି ସ୍ଥିତିରେ ସରକାର କୌଣସି ବିପଦକୁ ଆମନ୍ତ୍ରଣ ଦେବାକୁ ଚାହୁଁନାହାନ୍ତି। ଅନ୍ୟପଟେ ଲେବାନନ ଆର୍ଥିକ ଏବଂ ରାଜନୈତିକ ସଙ୍କଟ ଦେଇ ମଧ ଗତି କରୁଛି। ଦରଦାମ ବୃଦ୍ଧି, ବେକାରୀ, ସରକାରରେ ଅସ୍ଥିରତା ମଧ୍ୟରେ ସାମରିକ ସଂଘର୍ଷ ହେଲେ ସ୍ଥିତି ଅଧିକ ଉତ୍କଟ ହୋଇଯିବାର ସମ୍ଭାବନା ରହିଛି। ତେଣୁ ସରକାର ଭାବିଚିନ୍ତି ଏପରି ନିଷ୍ପତ୍ତି ନେଇଛନ୍ତି। ଏହା ମଧ୍ୟରେ ହିଜବୁଲ୍ଲା ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରିଛି। ଏହାକୁ ବିପଜ୍ଜନକ ପଦକ୍ଷେପ କହିଛି। ଆମେରିକା ସମର୍ଥନରେ ଇସ୍ରାଏଲ ସୀମା ପାର କରିଦେଇଥିବା କୁହାଯାଇଛି। ଇସ୍ରାଏଲର ଏହି ପଦକ୍ଷେପ ଦ୍ୱାରା ଶାନ୍ତି ଏବଂ ସ୍ଥିରତା ପାଇଁ ଚାଲିଥିବା ପ୍ରୟାସ ପ୍ରଭାବିତ ହୋଇଛି। ତେବେ ଏହାର ଜବାବରେ ଇସ୍ରାଏଲ ଉପରେ କୌଣସି ଆକ୍ରମଣ କରାଯିବ ନାହିଁ ବୋଲି ହିଜବୁଲ୍ଲା ସ୍ପଷ୍ଟ କରିଦେଇଛି।

## ଦୁର୍ଘଟଣା ବେଳେ ତାପମାତ୍ରା ୧, ୦୦୦ ଡିଗ୍ରୀ ଥିଲା



ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଟେକ୍ ଅଫ୍‌ର ମାତ୍ର ୩୦ ସେକେଣ୍ଡ ମଧ୍ୟରେ ଏୟାର ଇଣ୍ଡିଆ ବିମାନ ଏଆଇ ୧୭୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଦୁର୍ଘଟଣା ବେଳେ ବିମାନର ତାପମାତ୍ର ୧, ୦୦୦ ଡିଗ୍ରୀ ସେଣ୍ଟିଗ୍ରେଡ୍‌କୁ ବୃଦ୍ଧି ପାଇଥିଲା। ବିମାନରେ ସେତେବେଳେ ୧.୨୫ ଲକ୍ଷ ଲିଟର ଇନ୍ଧନ ରହିଥିଲା। ଏହି ଇନ୍ଧନ ଜଳିବା ଫଳରେ ତାପମାତ୍ରରେ ଜବରଦସ୍ତ ବୃଦ୍ଧି ହୋଇଥିଲା। ଫଳରେ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଥାନ୍ତି। ଏପରିକି ଦୁର୍ଘଟଣା ସ୍ଥଳରେ ପକ୍ଷୀ ଓ କୁକୁର ଭଳି ଜୀବ ମଧ ବଞ୍ଚିପାରି ନଥିଲେ। ଇନ୍ଧନ ଜଳିବା ଫଳରେ କାହାକୁ ଉଦ୍ଧାର କରିବା ଅସମ୍ଭବ ଥିଲା ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି। ମୃତ ଦେହଗୁଡିକ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିବା ବେଳେ, ସେଗୁଡିକୁ ଚିହ୍ନଟ କରିବାକୁ ଏବେ ଡିଏନ୍ଏ ଟେଷ୍ଟ କରିବାକୁ ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ସ୍ଥାନୀୟ ସିଭିଲ ହସ୍ପିଟାଲକୁ ୨୭୦ଟି ମୃତଦେହ ଅଣାଯାଇଥିବା ବେଳେ କେତେ ସଂଖ୍ୟାରେ ଲୋକ ମରିଛନ୍ତି ସେ ନେଇ କିଛି କୁହାଯାଇନାହିଁ।

## ଉଡ଼ାଣ ପୂର୍ବରୁ ବୋଇଂ ୭୮୭ର ଯାଞ୍ଚ୍ ହେବ: ଡିଜିସିଏ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଏଥର ଉଡାଣ ପୂର୍ବରୁ ବୋଇଂ ୭୮୭ର ଯାଞ୍ଚ୍ ହେବ। ଅହମଦାବାଦ ବିମାନ ଦୁର୍ଘଟଣା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଡାଇରେକ୍ଟୋରେଟ୍ ଜେନେରାଲ ଅଫ୍ ସିଭିଲ ଆଭିଏସନ (ଡିଜିସିଏ) ଶୁକ୍ରବାର ଏ ନେଇ ଆଦେଶ ଦେଇଛି। ଉଡାଣ ପୂର୍ବରୁ ୭୮୭ ଡ୍ରିମ୍‌ଲାଇନର ସୁରକ୍ଷା ଯାଞ୍ଚ୍ ହେବ ବୋଲି କୁହାଯାଇଛି। ବୋଇଂ ୭୮୭-୮ ଓ ୭୮୭-୯ ବିମାନର ପ୍ରତ୍ୟେକ ଉଡାଣ ପୂର୍ବରୁ କଡ଼ାକଡ଼ି ଯାଞ୍ଚ୍ ହେବ ବୋଲି ସ୍ପଷ୍ଟ କରାଯାଇଛି। ସବୁ ଯାଞ୍ଚ ରିପୋର୍ଟ ଡିଜିସିଏକୁ ପ୍ରଦାନ କରାଯିବ। ସେହିପରି ଏୟାର ଇଣ୍ଡିଆର ଜେନଏକ୍ସ ଇଞ୍ଜିନ ବାଲା ବୋଇଂ ୭୮୭-୮ ଓ ୭୮୭-୯ ବିମାନର ଅତିରିକ୍ତ ପରିଚାଳନା ତଥା ମେଣ୍ଟେନାନ୍ସ ପାଇଁ ଡିଜିସିଏ ନିର୍ଦ୍ଦେଶ ଦେଇଛି। ଡିଜିସିଏର ଏହି ଆଦେଶ ତଥା ନିର୍ଦ୍ଦେଶ ଜୁନ୍ ୧୫ରୁ ଲାଗୁ ହେବ। ଟାଟା ଗ୍ରୁପ୍‌ର ଏୟାର ଇଣ୍ଡିଆ ପାଖରେ ୨୬ଟି ୭୮୭-୮ ଓ ୭ଟି ୭୮୭-୯ ବିମାନ ରହିଛି। ଉଡାଣ ପୂର୍ବରୁ ଖାସ୍ କରି ୯ଟି ଗୁରୁତ୍ୱପୂର୍ଣ୍ଣ ଯାଞ୍ଚ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବଞ୍ଚିଯାଇଥିବା ଏକ ମାତ୍ର ଯାତ୍ରୀ ରମେଶଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ଅହମଦାବାଦ୍, ୧୩।୬(ଏଜେନ୍ସି): ବିମାନ ଦୁର୍ଘଟଣାରେ ବର୍ତ୍ତିଯାଇଥିବା ଏକାମାତ୍ର ଭାଗ୍ୟବାନ ଯାତ୍ରୀ ରମେଶ ବିଶ୍ୱାସ କୁମାରଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମୋଦୀ ଶୁକ୍ରବାର ସିଭିଲ ହସ୍ପିଟାଲ ଯାଇ ତାଙ୍କୁ ଭେଟିଛନ୍ତି। ଉଭୟ ୧୦ ମିନିଟ ଧରି କଥା ହୋଇଥିଲେ। ମୋଦୀ ତାଙ୍କ ହାଲଚାଲ୍ ପଚାରି ବୁଝିଥିଲେ। ବିମାନରେ ରମେଶ ୧୧ଏ ସିଟ୍‌ରେ ବସିଥିଲେ। ଦୁର୍ଘଟଣା ପରେ ସେ ଘଟଣାସ୍ଥଳରୁ ଚାଲିଚାଲି ବାହାରକୁ ଆସିଥିଲେ। ମୋଦୀ ତାଙ୍କୁ କିପରି ଦୁର୍ଘଟଣା ହୋଇଥିଲା ବୋଲି ପଚାରିଥିଲେ। ବଞ୍ଚିଛି ବୋଲି ନିଜକୁ ବିଶ୍ୱାସ କରିପାରୁ ନାହିଁ ବୋଲି ରମେଶ କହିଥିଲେ। ସମ୍ପୂର୍ଣ୍ଣ ଦୁର୍ଘଟଣା ମୋ ଆଖି ସାମ୍ନାରେ ଘଟିଥିଲା। ମୋ ସିଟ୍ ବିମାନର ଯେଉଁ ଅଂଶରେ ଥିଲା ତାହା ବିଲ୍ଡିଂର ନିମ୍ନ ଭାଗରେ ମାଡ୍ ହୋଇଥିଲା। ବିମାନର ଉପର ଅଂଶରେ ନିଆଁ ଲାଗିଥିଲା। ଏଥିରେ ବହୁ ଲୋକ ଫସିଯାଇଥିଲେ। ବୋଧେ ମୁଁ ସିଟ ସହିତ ତଳକୁ ଖସି ପଡ଼ିଥିଲି ଓ ଯେମିତ ହେଉ ବାହାରିବାକୁ ଚେଷ୍ଟା କରିଥିଲି। ମୋ ଆଖି ସମ୍ନାରେ ଦୁଇଜଣ ଏୟାର ହଷ୍ଟେସ ଓ ଜଣେ ଅଙ୍କଲ ଓ ଆଣ୍ଟି ଜଳିଯାଉଥିଲେ ବୋଲି ରମେଶ କହିଛନ୍ତି। ସେ ଏହି ଦୁର୍ଘଟଣାର ବଞ୍ଚିବା ଏକ ବଡ଼ ଚମତ୍କାର ବୋଲି କୁହାଯାଇପାରେ।

## ବୋଇଂ ୭୮୭-୮ ଉଡ଼ାଣକୁ ବନ୍ଦ କରିପାରେ ଭାରତ

ନୂଆଦିଲ୍ଲୀ, ୧୩।୬(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ କେନ୍ଦ୍ର ସରକାର ବୋଇଂ ୭୮୭-୮ ବିମାନର ଉଡାଣ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର ସମ୍ଭାବନା ସୃଷ୍ଟି ହୋଇଛି। ସରକାର ଏହି ବିମାନର ଉଡାଣକୁ ବନ୍ଦ କରିପାରନ୍ତି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଯାଇଛି। ସୁରକ୍ଷା ନେଇ ବିଶ୍ଳେଷଣ କରିବାକୁ ଆମେରିକାର ଏହି ବିମାନ କମ୍ପାନୀ ସହ ଭାରତ ଖୁବ୍‌ଶୀଘ୍ର ଆଲୋଚନା କରିବ। କେବଳ ସେତିକ ନୁହଁ ଏୟାର ଇଣ୍ଡିଆ ମଧ ନିଜର ବିମାନ ସଞ୍ଚାଳନ ପ୍ରକ୍ରିୟା ଓ ମାନ ନେଇ ଯାଞ୍ଚ୍‌ର ସମ୍ମୁଖୀନ ହେବ ବୋଲି କୁହାଯାଇଛି। ସେପଟେ ଏହି ଘଟଣା ନେଇ ବୋଇଂ ଏୟାର ଇଣ୍ଡିଆ ସହ ଯୋଗାଯୋଗ କରିଛି। ଏୟାର ଇଣ୍ଡିଆକୁ ସବୁପ୍ରକାର ସହାୟତା ଯୋଗାଇଦେବାକୁ ବୋଇଂ ପ୍ରସ୍ତୁତ ଅଛି ବୋଲି କହିଛି। ଯାତ୍ରୀ, କ୍ରିୟୁ ମେମ୍ବରଙ୍କ ସୁରକ୍ଷାକୁ ଆମେ ସବୁବେଳେ ପ୍ରାଥମିକତା ଦେଉଥାଉ ବୋଲି ବୋଇଂ ତରଫରୁ କୁହାଯାଇଛି।

## ଥାଇଲାଣ୍ଡରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

ବ୍ୟାଙ୍କକ୍, ୧୩।୬(ଏଜେନ୍ସି): ଥାଇଲାଣ୍ଡର ଫୁକେଟ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାର ଇଣ୍ଡିଆ ବିମାନ ଏଆଇ-୩୭୯ ଜରୁରୀ ଅବତରଣ କରିଛି। ଏହି ବିମାନରେ ବୋମା ଥିବାର ସୂଚନା ମିଳିଥିଲା। ବିମାନରେ ୧୫୬ଜଣ ଯାତ୍ରୀ ଥିଲେ। ଏହା ଫୁକେଟରୁ ଦିଲ୍ଲୀ ଯାତ୍ରା କରୁଥିଲା। କିନ୍ତୁ ଭାରତୀୟ ସମୟ ଅନୁସାରେ ସକାଳ ୯.୩୦ରେ ଅବତରଣ କରିଥିଲା। ବିମାନ ଆଣ୍ଡାମାନ ସାଗର ଉପରେ ଏକ ବଡ଼ ଚକ୍କର ଲଗାଇ ପ୍ରତ୍ୟାବର୍ତ୍ତନ କରିବା ସହ ୨୦ ମିନିଟ୍ ପରେ ଲ୍ୟାଣ୍ଡିଂ କରିଥିଲା। ସବୁ ଯାତ୍ରୀ ଓ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି କୁହାଯାଇଛି ଓ କାହାର କୌଣସି କ୍ଷତି ହୋଇନାହିଁ। ବୋମା ଧମକ ମିଳିବା ପରେ ଫୁକେଟ ବିମାନ ବନ୍ଦର ଏୟାରପୋର୍ଟ କଣ୍ଟିଜେନ୍ସି ପ୍ଲାନ (ଏସିପି) ଆକ୍ଟିଭେଟ୍ କରିଥିଲା। ଏହି ଧମକକୁ ନେଇ ସବୁ ଜରୁରୀ ପଦକ୍ଷେପ ନିଆଯାଇଥିଲା।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

# ବୀମା କମ୍ପାନୀକୁ ୨୪୯୦ କୋଟିର ଝଟ୍‌କା

**■ ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ସବୁଠାରୁ ବଡ଼ ବୀମା କ୍ଲେମ୍**

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଅହମ୍ମଦାବାଦରେ ସମ୍ପ୍ରତି ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ କେବଳ ବହୁ ଜୀବନ ଯାଇଛି ତା' ନୁହେଁ, ବରଂ ଏହା ବୀମା କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆର୍ଥିକ ବିପର୍ଯ୍ୟୟ ଆଣିଛି। କାରଣ ଦୁର୍ଘଟଣା ଯୋଗୁ ବୀମା କମ୍ପାନୀକୁ ବୀମା କ୍ଲେମ୍ ବାବଦ ପ୍ରାୟ ୨୪୯୦ କୋଟିର ଝଟ୍‌କା ଲାଗିବାକୁ ଯାଉଛି। ଏହି ଦୁର୍ଘଟଣାରେ ୨୪୨ ଜଣଙ୍କ ମଧ୍ୟରୁ ୨୪୧ ଜଣଙ୍କର ମୃତ୍ୟୁ ଘଟିଛି। ସେଥିପାଇଁ ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ଏହା ସବୁଠାରୁ ବଡ଼ ବୀମା କ୍ଲେମ୍ ହେବାକୁ ଯାଉଛି।



ଭିସ୍ତାରା ସହ ମିଶ୍ରଣ ପରେ ଏୟାର ଇଣ୍ଡିଆ ଏହାର ୩୦୦ ରୁ ଅଧିକ ବିମାନ ପାଇଁ ମୋଟ ୨୦ ବିଲିୟନ ଡଲାର (ପ୍ରାୟ ୧.୭୬ ଲକ୍ଷ କୋଟି ଟଙ୍କା)ର ବୀମା କଭର ନେଇଥିଲା। ସୂତ୍ର ଅନୁଯାୟୀ, ମୋଟ ବୀମା ଦାବିର ୫% ଭାରତର ଜିଆଇସି ଆର୍‌ଇ ଦେବ, ଅବଶିଷ୍ଟ ୯୫% ଅନ୍ତର୍ଜାତୀୟ ବୀମାକାରୀମାନଙ୍କୁ ଦେବାକୁ ପଡିବ। ଏହି ଦୁର୍ଘଟଣାରେ ବୀମା କ୍ଲେମ୍ ରାଶି ୨୦୦-୩୦୦ ନିୟୁତ ଡଲାର (୧୭୬୦ କୋଟିରୁ ୨୪୯୦ କୋଟି ଟଙ୍କା ପର୍ଯ୍ୟନ୍ତ) ହୋଇପାରେ। ତେବେ ମଣ୍ଟ୍ରିଆଲ୍ ଚୁକ୍ତିନାମା ଅନୁଯାୟୀ, ବିମାନ ଦୁର୍ଘଟଣାରେ ଯାତ୍ରୀଙ୍କ ମୃତ୍ୟୁ କିମ୍ବା ଗୁରୁତର ଆଘାତ ହେଲେ, ବିମାନ କମ୍ପାନୀ କ୍ଷତିଗ୍ରସ୍ତଙ୍କ ପରିବାରକୁ କ୍ଷତିପୂରଣ ଦେଇଥାଏ। ଏହା ଯାତ୍ରୀଙ୍କ ବୟସ, ବୃତ୍ତି, ରୋଜଗାର ଏବଂ କୋର୍ଟ ଦ୍ୱାରା ସ୍ଥିର କରାଯାଇଥିବା ମାନଦଣ୍ଡ ଆଧାରରେ ନିର୍ଣ୍ଣୟ କରାଯାଏ।

୨୦୨୦ରେ କୋଝିକୋଡରେ ଏୟାର ଇଣ୍ଡିଆ ଏକ୍ସପ୍ରେସ ଦୁର୍ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା। ସେହି ସମୟରେ ବୀମା କମ୍ପାନୀଗୁଡ଼ିକ ଯାତ୍ରୀ ଦାୟିତ୍ୱ ଅଧୀନରେ ପ୍ରାୟ ୩୮ ନିୟୁତ ଡଲାର (ପ୍ରାୟ ୩୧୫ କୋଟି ଟଙ୍କା) ଦେଇଥିଲେ। ଏଥର ଅହମଦାବାଦ ଦୁର୍ଘଟଣାରେ କ୍ଷତି ବହୁତ ବଡ଼ ହୋଇଥିବାରୁ ମୋଟ ବୀମା କ୍ଲେମ୍ ୨,୪୯୦ କୋଟି ଟଙ୍କା କିମ୍ବା ତାଠାରୁ ଅଧିକ ହେବାର ସମ୍ଭାବନା ଅଛି, ଯାହା ଭାରତୀୟ ବିମାନ ଚଳାଚଳ ବୀମା ଇତିହାସରେ ଏ ପର୍ଯ୍ୟନ୍ତର ସବୁଠାରୁ ବଡ଼ ବୀମା କ୍ଲେମ୍ ହୋଇପାରେ।

# ରାଜ୍ୟରେ ୧୬ରୁ ବଢ଼ିବ ବର୍ଷା


ଭୁବନେଶ୍ୱର, ୧୩।୬ (ସମିସ): ରାଜ୍ୟରେ ଆସନ୍ତା ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବ। ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ୧୬ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରିସ୍ଥିତି ସୁହାଇଲେ ଏହା ପ୍ରଭାବରେ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହୋଇପାରେ। ଏମିତି ହେଲେ ରାଜ୍ୟରେ ମୌସୁମୀ ସକ୍ରିୟ ହେବା ସହ ବର୍ଷାର ପ୍ରଭାବ ବୃଦ୍ଧି ପାଇବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହିଛି। ୧୪-୧୫ ତାରିଖ ଅର୍ଥାତ ପହିଲି ରଜ ଓ ରଜ ସଂକ୍ରାନ୍ତିରେ ମଧ୍ୟ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟରେ କେତେକ ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶେଷ ରଜ ଅର୍ଥାତ ୧୬ ତାରିଖରୁ ବର୍ଷାର ପ୍ରଭାବ ବଢ଼ିବା ନେଇ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଗତ ୨୪ ଘଣ୍ଟାରେ ମାଲକାନଗିରିରେ ୧୩ ମିମି ବର୍ଷା ହୋଇଥିବା ବେଳେ ମାଲକାନଗିରିରେ ୧୨ ମିମି ଓ ବାକି ଅଞ୍ଚଳରେ ୧୦ ମିମିରୁ କମ୍ ବର୍ଷା ରେକର୍ଡ ହୋଇଛି।

# ଗୃହରକ୍ଷୀଙ୍କ ଦୈନିକ ଡ୍ୟୁଟି ଭତ୍ତା ୧୧ ଟଙ୍କା ବଢ଼ାଇଲେ ସରକାର

**ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି, ଟ୍ରେନିଂ ଭତ୍ତାରେ ବୃଦ୍ଧି**

ଭୁବନେଶ୍ୱର,୧୩।୬(ସମିସ): ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଭତ୍ତା ଓ ଗୃହରକ୍ଷୀଙ୍କ ଡ୍ୟୁଟି କଲ୍-ଅପ୍ ଭତ୍ତା ବୃଦ୍ଧି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଞ୍ଜୁରୀ ଦେଇଛନ୍ତି। ଗୃହରକ୍ଷୀଙ୍କ ଦୈନିକ ଡ୍ୟୁଟି କଲ୍-ଅପ୍ ଭତ୍ତାରେ ୧୧ଟଙ୍କା ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଗୃହରକ୍ଷୀମାନଙ୍କୁ ପୂର୍ବରୁ ଦୈନିକ କଲ୍-ଅପ୍ ଡ୍ୟୁଟି ଭତ୍ତା ବାବଦରେ ୬୧୨ ଟଙ୍କା ମିଳୁଥିବାବେଳେ ଏଣିକି ୬୨୩ ଟଙ୍କା ପାଇବେ। ସେହିପରି ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କର ଦୈନିକ ଡ୍ୟୁଟି ଭତ୍ତା ୧୫୦ ଟଙ୍କା ଓ ଟ୍ରେନିଙ୍ଗ ଭତ୍ତା ୧୪୦ ଟଙ୍କାକୁ ବୃଦ୍ଧି ହୋଇଛି। ପୂର୍ବରୁ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କ ଦୈନିକ ଡ୍ୟୁଟି ଭତ୍ତା ୩୧ ଟଙ୍କା ଏବଂ ଦୈନିକ ଟ୍ରେନିଙ୍ଗ ଭତ୍ତା ପରିମାଣ ୨୮ ଟଙ୍କା ରହିଥିଲା। ଏହି ବର୍ଦ୍ଧିତ ଭତ୍ତା ପରିମାଣ ପିଛିଲା ଭାବେ ୨୦୨୫ ମେ ପହିଲାରୁ ଲାଗୁ ହେବ।

# ବାଇକ୍‌କୁ ଚାପିଦେଲା ଟ୍ରକ୍; ୩ ମୃତ


କେନ୍ଦୁଝର, ୧୩।୬ (ସମିସ): ସଦର ଥାନା ଶୁଆକାଟି ଫାଣ୍ଡି ଠାକୁରଡିହି ଛକ ବୁଲାଣି ନିକଟରେ ଶୁକ୍ରବାର ଅପରାହ୍ଣରେ ଏକ ଅଜଣା ଗାଡ଼ି ଧକ୍କାରେ ତିନିଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଶୁଆକାଟି ମାଇନିଂ ଛକ ମହେଶ୍ୱର ବାରିକଙ୍କ ପୁଅ ବିଭୁ (୧୫), ବାଦଲ ନାଏକ(୨୨), ସନତ ନାଏକ(୨୧)। ଫାଣ୍ଡି ଏସ୍‌ଆଇ ସୁରିନାରାୟଣ ପାତ୍ର ଘଟଣାସ୍ଥଳରୁ ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଯୁବକମାନେ ଏକ ବାଇକ୍‌ରେ ଶୁଆକାଟି ପଟୁ କେନ୍ଦୁଝର ଅଭିମୁଖେ ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଅପରପକ୍ଷେ, ଦୁର୍ଘଟଣା ଘଟଣାଇଥିବା ଗାଡ଼ିଟି ଫେରାର୍ ହୋଇଯାଇଛି। ଭାରୀଯାନଗୁଡ଼ିକ ଅଟକି ରହିଥିବା ଯୋଗୁଁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକେଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ଟ୍ରାଫିକ ସମସ୍ୟା ସ୍ୱାଭାବିକ ହୋଇଛି। ଏନେଇ ତିନିଟି ମାମଲା ରୁଜୁ ହୋଇଛି।

# ଜିଏ ଜମିର କନ୍‌ଭରସନ୍ ଫି' ୩ ପ୍ରତିଶତକୁ ହ୍ରାସ

ଭୁବନେଶ୍ୱର,୧୩।୬(ସମିସ): ସାଧାରଣ ପ୍ରଶାସନ ବିଭାଗର ଲିଜ୍ ଜମିକୁ ଫ୍ରି ହୋଲ୍ଡ କରିବା ପାଇଁ କନ୍‌ଭରସନ୍ ଫି' ହ୍ରାସ ହୋଇଛି। ସାଧାରଣ ପ୍ରଶସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଏଣିକି କନ୍‌ଭରସନ୍ ଫି' ବାବଦକୁ ଜମି ବେଞ୍ଚ ମାର୍କ ମୂଲ୍ୟର ୩ ପ୍ରତିଶତ ଅର୍ଥ ଦେବାକୁ ପଡ଼ିବ। ପୂର୍ବରୁ ଏହି ବାବଦକୁ ୧୦ ପ୍ରତିଶତ ଅର୍ଥ ଦେବାକୁ ପଡୁଥିଲା। ପୂର୍ବରୁ ଏନେଇ କ୍ୟାବିନେଟ ନିଷ୍ପତ୍ତି ହୋଇଥିବା ବେଳେ ବିଡିଏ, ସିଡିଏ ଏବଂ ହାଉସିଂ ବୋର୍ଡ ଜମିକୁ ମଧ୍ୟ ଫ୍ରି ହୋଲ୍ଡ କରିବାକୁ କନ୍‌ଭରସନ୍ ଫି' ହ୍ରାସ ହୋଇ ସାରିଛି। ବିଜ୍ଞପ୍ତି ଅନୁଯାୟୀ ଆବାସିକ ବ୍ୟବହାର ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କୁ ଲିଜ୍ ଦିଆଯାଇଥିବା ଜମିର କନଭରସନ ଫି' ହ୍ରାସ ହୋଇଛି। କୌଣସି ଯୋଜନା ବିଚ୍ୟୁତି ବିନା ଅନୁମୋଦିତ କୋଠା ନିର୍ମାଣ କରାଯାଇଥିବା କ୍ଷେତ୍ରରେ ଏହି ଅର୍ଥ ୩ ପ୍ରତିଶତ ରହିବ। ମାତ୍ର ବିଚ୍ୟୁତି ଅନୁମତିପ୍ରାପ୍ତ ସୀମା ଅତିକ୍ରମ କରିଥିଲେ କନ୍‌ଭରସନ୍ ଅନୁମତି ଦିଆଯିବ ନାହିଁ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟମିତକରଣ ପରେ ହିଁ ଏହି ପ୍ରକାର ମାମଲାକୁ ଗ୍ରହଣ କରାଯିବ। ଫ୍ରିହୋଲ୍ଡ ପାଇଁ ଆବେଦନ ଦାଖଲ କରିବା ସମୟରେ ଆବେଦନକାରୀଙ୍କୁ କୌଣସି ପ୍ରକାର ନିୟମ ବିଚ୍ୟୁତି ବିନା କୋଠା ନିର୍ମାଣ ସମ୍ପର୍କରେ ବିଏମ୍‌ସି/ବିଡିଏର ପ୍ରମାଣପତ୍ର ଦାଖଲ କରିବାକୁ ପଡିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

# ହାତୀ ପାଦ ତଳେ ଗଲା ୩ ଜୀବନ

ବଡ଼ବିଲ/ଯୋଡ଼ା, ୧୩।୬(ସମିସ): କେନ୍ଦୁଝର ଜିଲ୍ଲାର ପୃଥକ୍ ସ୍ଥାନରେ ହାତୀ ଆକ୍ରମଣରେ ଆଜି ଦିନକରେ ଏକ ଦମ୍ପତିଙ୍କ ସମେତ ୩ଜଣଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ, ରୁଗୁଡ଼ି ଥାନା କେନ୍ଦୁଡ଼ିହି ଗ୍ରାମର ରୀନା ମୁଣ୍ଡା(୪୦) ଓ ତାଙ୍କ ସ୍ୱାମୀ ରାଜୁ ମୁଣ୍ଡା(୪୫)। ଅନ୍ୟ ଜଣେ ମୃତକଙ୍କ ନାମ ଜଣାପଡ଼ିନାହିଁ। ରୀନା ଓ ରାଜୁ ଆଜି ନିକଟସ୍ଥ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଜଙ୍ଗଲ ଭିତରେ ସେମାନେ ଏକ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ଶୁଣ୍ଢରେ ଟେକି କଚାଡ଼ିଦେବା ସହ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବନ ବିଭାଗ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପ୍ରତି ଆକ୍ରୋଶ ରଖି ଶତାଧିକ ଗ୍ରାମବାସୀ ଘଟଣାସ୍ଥଳରେ ରୁଣ୍ଡ ହୋଇଥିବା ଜଣାପଡ଼ିଛି। ଏବେ ବି ସ୍ଥାନୀୟ ଅଞ୍ଚଳ ଉତ୍ତେଜନାପୂର୍ଣ୍ଣ ରହିଥିବା ଜଣାପଡ଼ିଛି। ଗ୍ରାମବାସୀ ଓ ପୁଲିସ କର୍ମଚାରୀ ହାତାହାତି ହୋଇଥିବା ଜଣାପଡ଼ିଥିଲା ବେଳେ ପୁଲିସ୍ ପକ୍ଷରୁ କୌଣସି ସୂଚନା ସ୍ପଷ୍ଟ କରାଯାଇନାହିଁ। ଅନ୍ୟ ଏକ ଘଟଣା ଶୁକ୍ରବାର ସନ୍ଧ୍ୟାରେ କାଳିମାଟି ଅଞ୍ଚଳରେ ଘଟିଛି। ଜଣେ ଯୁବକ ବଜାରରୁ ଘରକୁ ଚାଲି ଚାଲି ଆସୁଥିବା ବେଳେ ସ୍ଥାନୀୟ ମହାପର୍ବତ ଅଞ୍ଚଳରୁ ଏକ ମାଈ ହାତୀ ଦୌଡ଼ି ଆସି ଯୁବକଙ୍କୁ ଦଳି ଦେଇଥିଲା। ତାଙ୍କ ପରିଚୟ ସଠିକ୍ ମିଳି ପାରିନାହିଁ।

# କମିସନରେଟ୍ ପୁଲିସ ନାକ ତଳେ ବନ୍ଧୁକ ବେପାର

## ୫ ଅନ୍ତଃରାଜ୍ୟ ବେପାରୀ ଗିରଫ ● ଗ୍ରାହକ ବେଶରେ ମାଡ଼ି ବସିଲା ପୁଲିସ

ଭୁବନେଶ୍ୱର, ୧୩।୬ (ସମିସ): କମିସନରେଟ୍ ପୁଲିସ୍ ନାକ ତଳେ ଚାଲିଥିଲା ଚୋରା ବନ୍ଧୁକ କାରବାର। ପଥର ମାଫିଆଙ୍କଠାରୁ ଆରମ୍ଭ କରି ଗୋରୁ ବେପାରୀଙ୍କୁ ଅତି ଅନାୟାସରେ ଯୋଗାଉଥିଲେ ବନ୍ଧୁକ। ବିହାରରୁ ବନ୍ଧୁକ ଆଣି ଦୀର୍ଘ ଦିନ ହେଲା ବେପାର ଚଳାଇଥିଲେ ହେଁ ପୁଲିସ୍ ଟେର୍ ପାଇ ପାରୁନଥିଲା। ତେବେ ପୋଖରୀପୁଟ ଅଞ୍ଚଳରେ ଗୋଟିଏ ଡିଲ୍ ପୂରା ରାକେଟ୍‌କୁ ଧରା ପକାଇଦେଲା। ଏୟାରପୋର୍ଟ ଥାନା ପୁଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ଏକ ଚୋରା ବନ୍ଧୁକ କାରବାର ରାକେଟ୍‌ର ପର୍ଦ୍ଦାଫାସ୍ କରିବା ସହ ୫ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ମଧ୍ୟପ୍ରଦେଶର ରାଘବେନ୍ଦ୍ର ସିଂ, ଉତ୍ତରପ୍ରଦେଶର ପ୍ରବୀଣ କୁମାର ସିଂ, ଇନ୍ଦ୍ରଜିତ ସିଂ ଓ ଅଭିଷେକ ରାଜପୁତ ଏବଂ କଟକ ସାଲେପୁରର ଏସ୍.କେ ସକିଲ। ମେଡିକାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏମାନେ ବିହାରରୁ ବନ୍ଧୁକ ଆଣି ଓଡ଼ିଶାରେ ଚୋରାରେ ବେପାର



ଚଳାଇଥିଲେ। ଏଥିପାଇଁ ଜଟଣୀରେ ଏକ ଘରଭଡ଼ା ନେଇଥିଲେ। ସେହି ଘରେ ସବୁ ଡିଲ୍ ହେଉଥିଲା। ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ୍ ପୋଖରୀପୁଟ ଅଞ୍ଚଳରେ ଅତର୍କିତ ଚଢ଼ଉ କରି ଜଣଙ୍କୁ ଧରିବା ପରେ ଅନ୍ୟମାନଙ୍କୁ ଜଟଣୀରୁ ଗିରଫ କରିଛି। ସେମାନଙ୍କ ନିକଟରୁ ୬ଟି ବନ୍ଧୁକ,୧୮ ରାଉଣ୍ଡ ଗୁଳି, ଗୋଟିଏ କାର୍ ଜବତ ହୋଇଛି। ଜବତ ବନ୍ଧୁକ ମଧ୍ୟରେ ୪ଟି ୭.୬୫ ଏମ୍‌ଏମ୍ ସେମି-ଅଟୋମେଟିକ ପିସ୍ତଲ ରହିଥିବା ବେଳେ ଗୋଟିଏ ୬ରାଉଣ୍ଡ ରିଭଲଭର୍ ଓ ଗୋଟିଏ ସିଙ୍ଗଲ ସଟ୍ ବନ୍ଧୁକ ରହିଛି। ଏମାନଙ୍କ ବିହାର ଲିଙ୍କ୍ ନେଇ ଖୋଳତାଡ଼ କରାଯାଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ପୁଲିସ୍ କମିସନର୍ ସୁରେଶ ଦେବଦତ୍ତ ସୂଚନା ଦେଇଛନ୍ତି।

କମିସନର୍ ଶ୍ରୀ ଦେବଦତ୍ତ ଅଧିକ ସୂଚନା ଦେଇ କହିଛନ୍ତି ଯେ ବିହାରର ବଳିଆ ଅଞ୍ଚଳର ତିନି ମାଫିଆ ପ୍ରବୀଣ କୁମାର, ଅଭିଷେକ ଓ ଇନ୍ଦ୍ରଜିତ ବିହାରରୁ ବନ୍ଧୁକ ଭୁବନେଶ୍ୱର ଆଣୁଥିଲେ। ମଧ୍ୟପ୍ରଦେଶର ରାଘବେନ୍ଦ୍ର ସିଂ ଗ୍ରାହକଙ୍କ ସହ ବନ୍ଧୁକର ଦର ନିର୍ଧାରଣ ଓ ଗ୍ରାହକଙ୍କ ସହ ମୂଲଚାଲ

**୬ବନ୍ଧୁକ, ୧୮ ରାଉଣ୍ଡ ଗୁଳି ଏବଂ କାର ଜବତ**

**ଜଟଣୀ ଭଡ଼ାଘରେ ଚାଲିଥିଲା ବନ୍ଧୁକ ଡିଲ୍**

**ପଥର ମାଫିଆ ଏବଂ ବ୍ରାଉନ୍‌ସୁଗାର ବେପାରୀଙ୍କୁ ବିକୁଥିଲେ**

କରୁଥିଲା। ସେହିପରି କଟକ ସାଲେପୁର ଏସ.କେ ସକିଲ ଗ୍ରାହକ ଯୋଗାଡ଼ କରୁଥିଲା। ଅଭିଯୁକ୍ତମାନେ ଜଟଣୀରେ ଦୋକାନ ଖୋଲି ଏହି ବେଆଇନ କାରବାର ଚଳାଇଥିବା ବେଳେ ଗୋରୁ ବେପାରୀଠୁ ଆରମ୍ଭ କରି ପଥର ମାଫିଆ ସେମାନଙ୍କ ଗ୍ରାହକ ଥିଲେ। ସେହିପରି ବାଲିଘାଟ ମାଫିଆ ଓ ବ୍ରାଉନସୁଗାର ବେପାରୀମାନେ ମଧ୍ୟ ଏଠାରୁ ଚୋରାରେ ବନ୍ଧୁକ କିଣୁଥିଲେ।

ଦୀର୍ଘ ଦିନ ଧରି ଏମାନେ ବନ୍ଧୁକ କାରବାର କରିଆସୁଥିଲେ ହେଁ ପୁଲିସ୍ ଟେର୍ ପାଇ ପାରୁନଥିଲା। ତେବେ ପୋଖରୀପୁଟ ଅଞ୍ଚଳରେ ବନ୍ଧୁକ ଡିଲ୍ ଚାଲିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଏୟାରପୋର୍ଟ ଥାନା ପୁଲିସ୍ ସେଠାରୁ ଜଣେ ଅଭିଯୁକ୍ତକୁ ଧରିବା ପରେ ତା'ଠାରୁ ଜଟଣୀ ଭଡ଼ାଘର ସଂପର୍କରେ ସୂଚନା ପାଇଥିଲା। ପରେ ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଜାଲ ବିଛାଇଥିଲା। ଜଣେ ପୁଲିସ୍ ଅଧିକାରୀ ଗ୍ରାହକ ବେଶରେ ଉକ୍ତ ଭଡ଼ାଘରକୁ ଯାଇ ବନ୍ଧୁକ କିଣିବାକୁ ଆଗ୍ରହ କରିଥିଲେ। ସେଠାରେ ଥିବା ପ୍ରବୀଣ ସିଂ ଛଦ୍ମବେଶୀ ଅଧିକାରୀଙ୍କୁ ଚିହ୍ନ ନ ପାରିବ ଡିଲ୍ ପାଇଁ ରାଜି ହୋଇଯାଇଥିଲା। ପରେ ସ୍ପେସାଲ ସ୍କ୍ୱାଡ୍ ସେଠାରେ ପହଞ୍ଚି ଭାଗଭାଗ ହୋଇ ମାଫିଆ ହେବାର ଅଭିନୟ କରିଥିଲେ। ପ୍ରବୀଣ ୬ଟି ବନ୍ଧୁକ କେଉଁଟା ପସନ୍ଦ ଦେଖାଇବା ପରେ ପୁଲିସ୍ ତାକୁ ମାଡ଼ି ବସିଥିଲା। ପରେପରେ ଅନ୍ୟମାନଙ୍କୁ ବି ଗିରଫ କରିଥିଲା। ଗୋଟିଏ ବନ୍ଧୁକକୁ ଏମାନେ ୩୦ରୁ ୪୦ ହଜାର ଟଙ୍କାରେ ବିକ୍ରି କରୁଥିବା ଜଣାଯାଇଛି।

# ପାଣି କୁଣ୍ଡରେ ପଡ଼ି ଶିଶୁ ମୃତ

ସାନଖେମୁଣ୍ଡି, ୧୩।୬(ସମିସ): ସାନଖେମୁଣ୍ଡି ବ୍ଲକ୍ ସିଙ୍ଗିପୁର ପଞ୍ଚାୟତରେ ନିର୍ମାଣାଧୀନ ଏକ ପାଣିକୁଣ୍ଡରେ ବୁଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତକ ହେଲେ, ରଞ୍ଜନ ବିଷୋୟୀଙ୍କ ପୁଅ ଚନ୍ଦନ ବିଷୋୟୀ (୫)। ରଞ୍ଜନଙ୍କର ରାଜନାପଲ୍ଲୀ ନିକଟରେ କୁକୁଡ଼ା ଫାର୍ମ ନିର୍ମାଣ ଚାଲିଛି। ସେ ନିଜ ପୁଅ ଚନ୍ଦନ ସହ ଶୁକ୍ରବାର ପୂର୍ବାହ୍ଣରେ ଫାର୍ମକୁ ବୁଲିବାକୁ ଆସିଥିବା ବେଳେ ନିକଟରେ ଥିବା ପାଣି କୁଣ୍ଡରେ ପୁଅ ଚନ୍ଦନ ପଡ଼ି ଯାଇଥିଲେ। ଏପଟେ ପରିବାରଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ଶିଶୁଟିକୁ ପାଇନଥିଲେ। ତେବେ ଫାର୍ମ ନିକଟରେ ନିର୍ମାଣ ହୋଇଥିବା ପାଣି କୁଣ୍ଡରେ ପୁଅର ଚପଲ ଭାସୁଥିବା ଦେଖି ସେଠାରେ ଖୋଜିବା ପରେ ଚନ୍ଦନକୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ପରିବାରଲୋକ ତାକୁ ନିକଟସ୍ଥ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

# ସ୍ନାନବେଦୀରେ ଚରମ ବିଶୃଙ୍ଖଳା | ଭକ୍ତଙ୍କ ହାତ ଟାଣିନେଇ ଠାକୁରଙ୍କୁ ଛୁଆଁଇଲେ

ପୁରୀ, ୧୩।୬ (ସମିସ): ଏବର୍ଷ ସ୍ନାନବେଦୀରେ ଚରମ ବିଶୃଙ୍ଖଳା ଦେଖାଦେଇଛି। ଶ୍ରୀମନ୍ଦିର ପ୍ରଶାସନର ସବୁ କଟକଣା ଫେଲ୍ ମାରିଛି। ବ୍ୟବସ୍ଥାବଳୀକୁ ଦଳି ମକଚି ଦେଇଛନ୍ତି କିଛି ସେବାୟତ। ମହାପ୍ରଭୁଙ୍କୁ କେହି ସ୍ପର୍ଶ କରିପାରିବେ ନାହିଁ ବୋଲି ବ୍ୟବସ୍ଥାବଳୀରେ ସ୍ପଷ୍ଟ ଉଲ୍ଲେଖ ରହିଥିବା ବେଳେ ପ୍ରତି ବୈଠକରେ ମଧ୍ୟ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ହେଲେ ସ୍ନାନବେଦୀରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଦେଖାଯାଇଛି। ସାହାଣମେଲା ଦର୍ଶନ ସମୟରେ ଶହଶହ ଭକ୍ତ ମଣ୍ଡପରେ ଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକେ ଠାକୁରଙ୍କୁ ଛୁଇଁଛନ୍ତି। ପୁଲିସ୍ ଏକପ୍ରକାର



ଅସହାୟ ପାଲଟିଥିବା ବେଳେ କିଛି ସେବାୟତ ଭକ୍ତଙ୍କୁ ଏଥିରେ ସହଯୋଗ କରିଥିବାର ଭିଡିଓ ଭାଇରାଲ ହେଉଛି। ଏପରିକି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଛିଡ଼ା ହୋଇଥିବା ଜଣେ ଯୁବ ସେବାୟତ ଜଣେ ଭକ୍ତଙ୍କ ହାତକୁ ଟାଣିନେଇ ଠାକୁରଙ୍କୁ ଛୁଆଁଉଥିବା ଉକ୍ତ ଭିଡିଓରେ ଦେଖାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୧୪ ମସିହାରୁ ମହାପ୍ରଭୁଙ୍କୁ ସ୍ପର୍ଶ ମନା ରହିଛି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ଥିବା ବେଳେ ଠାକୁରଙ୍କୁ ଛୁଇଁବା ଅନୁଚିତ ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜା ମତ ଦେଇଛନ୍ତି। ଏହି କଟକଣାକୁ ଦୀର୍ଘ ୧୧ ବର୍ଷ ହେବ ପାଳନ କରାଯାଉଥିବା ବେଳେ ଚଳିତବର୍ଷ ସ୍ନାନବେଦୀରେ ଚରମ ବିଶୃଙ୍ଖଳା ହୋଇଛି। ଖୋଦ୍ ସେବାୟତ ଭକ୍ତଙ୍କୁ ଛୁଆଁଇବାରେ ପୂର୍ଣ୍ଣ ସହଯୋଗ କରିଛନ୍ତି। ଯଦି କିଛି ଭକ୍ତ ଛୁଇଁବାର ସୁଯୋଗ ପାଉଛନ୍ତି, ତେବେ ଅନ୍ୟମାନେ କାହିଁ ଏଥିରୁ ବଞ୍ଚିତ ହେବେ, ସେନେଇ ବୁଦ୍ଧିଜୀବୀମହଲ ପ୍ରଶ୍ନ କରିଛନ୍ତି। ସମସ୍ତଙ୍କୁ ଠାକୁରଙ୍କୁ ସ୍ପର୍ଶ କରିବାର ଅଧିକାରୀ ମିଳୁ ବୋଲି ସେମାନେ ଦାବି କରିଛନ୍ତି।

■ ବି. ବାଲାକ୍ରିଷ୍ଣାଙ୍କ ପରଲୋକ

# ଏମ୍‌କେସିଜିକୁ ଶରୀର ଦାନ କଲେ ପରିବାର

ବ୍ରହ୍ମପୁର, ୧୩।୬ (ସମିସ): ମୃତ୍ୟୁ ପରେ ବାପାଙ୍କ ଇଚ୍ଛା ପୂରଣ କଲେ ଝିଅ-ଜ୍ୱାଇଁ। ଶବକୁ ଦାହ କରିବା ପରିବର୍ତ୍ତେ ମେଡିକାଲ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ମେଡିକାଲକୁ ଦାନ କରିଦେଲେ। ଏପରି ଏକ ଘଟଣା ଆଜି ବ୍ରହ୍ମପୁର ସହରେ ଚର୍ଚ୍ଚାର ବିଷୟ ହୋଇଛି। ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡ ରୋଡ୍ ଅଞ୍ଚଳରେ ରହୁଥିବା ୮୨ ବର୍ଷୀୟ ବି.ବାଲାକ୍ରିଷ୍ଣାଙ୍କ ମୃତ୍ୟୁ ପରେ ପରିବାରଲୋକ ତାଙ୍କ ଶବକୁ ଏମ୍‌କେସିଜି ମେଡିକାଲକୁ ଦାନ କରିଛନ୍ତି। ଏହାସହ ତାଙ୍କ ଚକ୍ଷୁଦ୍ୱୟକୁ ମଧ୍ୟ ପରିବାରଲୋକ ଦାନ କରିଛନ୍ତି। ମାନବବାଦୀ ହେତୁବାଦୀ ସଂଗଠନ ଓ ଫ୍ରେଣ୍ଡସ୍ ହେଲପିଂ କ୍ଲବ୍‌ର ସହଯୋଗରେ ମେଡ଼ିକାଲର ଚକ୍ଷୁ ବିଭାଗକୁ ତାଙ୍କ ଚକ୍ଷୁଦାନ କରାଯାଇଛି। ସ୍ୱର୍ଗତ ବାଲାକ୍ରିଷ୍ଣା ମାନବବାଦୀ ହେତୁବାଦୀ ସଂଗଠନର ପ୍ରତିଷ୍ଠାତା ସଭ୍ୟ ଥିଲେ। ଶରୀର



ଦାନ ସମୟରେ ବାଲାକ୍ରିଷ୍ଣାଙ୍କ ଝିଅ ଶ୍ରୁତି, ଜ୍ୱାଇଁ ଅଭିଳାଷ, ନାତି ଅଭିଳାଷ ସମେତ ଅନ୍ୟ ପରିବାର ସଦସ୍ୟ ଏବଂ ମାନବବାଦୀ ହେତୁବାଦୀ ସଂଗଠନର ଉପସଭାପତି କିଶୋର ଚନ୍ଦ୍ର ମିଶ୍ର, ଜମ୍ମୁଲା ସୁରେଶ, ଡି. ମୋହନ ରାଓ, କେ. ବାସବା ରାଜୁ, ଯୁଧିଷ୍ଠିର ସାହୁ, ପ୍ରତାପ ପ୍ରଧାନ ଓ ଫ୍ରେଣ୍ଡସ ହେଲପିଂ କ୍ଲବର ପୂର୍ବତନ ସଭାପତି କେ. ପୁରୁଷୋତ୍ତମ ଭଟ୍ଟ, ଜଗଦୀଶ୍ୱର ରାଓ, ହରେକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାତକୋଶିଆରେ ଦନ୍ତା ମୃତ

ଅନୁଗୋଳ, ୧୩।୬(ସମିସ): କିଛି ଦିନ ବ୍ୟବଧାନରେ ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡରେ ପୁଣି ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। ଶୁକ୍ରବାର ଅପରାହ୍ଣରେ ଅଭୟାରଣ୍ୟ ଅନ୍ତର୍ଗତ ଟିକରପଡ଼ା ରେଞ୍ଜ ବେହେରା ସହି

**ଘଟଣା ଲୁଚାଇବାକୁ ବନ ବିଭାଗର ଉଦ୍ୟମ !**

ଗାଁ ନିକଟ ଜଙ୍ଗଲରେ ହାତୀ ମୃତଦେହ ଦେଖି ଗ୍ରାମବାସୀ ଟିକରପଡ଼ା ରେଞ୍ଜ କାର୍ଯ୍ୟାଳୟକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୨/୪ ଦିନ ପୂର୍ବରୁ ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ କହିଛି। ତେବେ ହାତୀ ମୃତ୍ୟୁ ଖବର ବନ ବିଭାଗ ଜାଣିବା ପୂର୍ବରୁ



ଗ୍ରାମବାସୀ ଜାଣିପାରିଛନ୍ତି। ବନ ବିଭାଗ ହାତୀ ମୃତ୍ୟୁ ସମ୍ପର୍କରେ ଜାଣି ନ ଥିଲା ନା ଜାଣିଶୁଣି ଖବରକୁ ଚାପିଦେବାକୁ ଉଦ୍ୟମ କରୁଥିଲା, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭୟାରଣ୍ୟ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଖଞ୍ଜା ଯାଇଥିଲେ ବି ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗହରା ହୋଇପଡୁଛି। ହାତୀ ସୁରକ୍ଷା ଯୋଜନା କେତେକ ଉଦାସୀନ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ବାଟବଣା ହେଉଛି। ହାତୀ ସୁରକ୍ଷା ପାଇଁ ଯୋଜନାରେ ଜଙ୍ଗଲ ମଧ୍ୟରେ ହାତୀ ଖାଦ୍ୟ ପାଇଁ ଚାରାରୋପଣ କରିବା, ହାତୀ ବିଚରଣ ପାଇଁ ପର୍ଯ୍ୟାପ୍ତ ଚାରଣ ଭୂମି, ଜଳାଶୟ ସୃଷ୍ଟି କରିବା, ଜଙ୍ଗଲକୁ ନିଆଁରୁ ସୁରକ୍ଷା ଦେବା, ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳବାସୀଙ୍କୁ ସଚେତନ କରିବା, ହାତୀ ଗତିବିଧି ନିରୀକ୍ଷଣ କରିବା, ଗାଁ ଗାଁରେ ସ୍ୱେଚ୍ଛାସେବୀ ଗଜସାଥୀ ସୃଷ୍ଟି କରିବା ଇତ୍ୟାଦି ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ବି ବାସ୍ତବରେ ତାହା ଫଳଶୂନ୍ୟ ହେଉଛି।

**ସରକାରଙ୍କ ଆଦିବାସୀ ପ୍ରୀତି ଏମିତି**

# ଜୁନ୍ ଅଧା ହେଲାଣି; ମିଳିଲାନି ଛାତ୍ରବୃତ୍ତି

ଭୁବନେଶ୍ୱର, ୧୩।୬ (ସମିସ): ରାଜ୍ୟ ସରକାର ଆଦିବାସୀଙ୍କ ପାଇଁ କୋଷାଗାର ମେଲା କରି ଦେଇଛନ୍ତି ବୋଲି କହୁଛନ୍ତି। ଆଦିବାସୀଙ୍କ କଲ୍ୟାଣ ପାଇଁ ଅର୍ଥର ଅଭାବ ହେବନାହିଁ ବୋଲି ବିଭାଗୀୟ ମନ୍ତ୍ରୀ ବଖାଣୁଛନ୍ତି। ମାତ୍ର ରାଜ୍ୟର ବିଭିନ୍ନ ଅନୁସୂଚିତି ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ବୃତ୍ତିରାଶି ଦେବା ଲାଗି ସରକାରଙ୍କ ହାତ ଯାଉନାହିଁ। ଏହି ଅର୍ଥରାଶି ବୃଦ୍ଧି ନିମନ୍ତେ ତତ୍‌କାଳୀନ ବିଜେଡ଼ି ସରକାର କେନ୍ଦ୍ର ନିକଟରେ ବାରମ୍ବାର ଦାବି କରିଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଅନ୍ୟପକ୍ଷରେ ଯେତିକି ଅନୁଦାନ ମିଳିବା କଥା ସେତିକି ଠିକ୍ ସମୟରେ କେନ୍ଦ୍ର ସରକାର ନ ଦେଲେ ମଧ୍ୟ ପିଲାମାନଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜ ପାଣ୍ଠିରୁ ତାହାକୁ ଶିକ୍ଷାବର୍ଷ ଆରମ୍ଭରୁ ପ୍ରଧାନଶିକ୍ଷକଙ୍କ ଆକାଉଣ୍ଟକୁ ପଠାଇ ଦେଉଥିଲେ। ମାତ୍ର ଏବେ ଶିକ୍ଷାବର୍ଷ ଆରମ୍ଭ ହେବାର ଦୁଇ ମାସ ପରେ ମଧ୍ୟ ପିଲାମାନଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି

**କରଜ କରି ପ୍ରଧାନଶିକ୍ଷକ ଚଳାଉଛନ୍ତି ଛାତ୍ରାବାସ**

**୪ ଓଳି ଖାଦ୍ୟ, ତେଲ-ସାବୁନ ପାଇଁ ମାସକୁ ମାତ୍ର ୧୦୫୦**

ପ୍ରଦାନ କରାଯାଇ ନାହିଁ। ଯାହାକୁ ନେଇ ଅଧିକାଂଶ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରାବାସରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ବାଧ୍ୟବାଧକତା ଦୃଷ୍ଟିରୁ ସ୍କୁଲର ପ୍ରଧାନଶିକ୍ଷକ ଓ କର୍ତ୍ତୃପକ୍ଷ କରଜ କରି ପିଲାମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରୁଥିବା ଅଭିଯୋଗ ହୋଇଛି ।

ପୂର୍ବ ସରକାର ସମୟରେ ଜାନୁଆରୀ ଓ ଫେବୃଆରୀ ମାସରେ ଅନୁସୂଚୀତ ଜାତି ଓ ଜନଜାତି ପିଲାମାନଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଅର୍ଥ ପ୍ରଦାନ କରାଯାଉଥିଲା। କୌଣସି ସମୟରେ ବିଳମ୍ବ ହେଲେ ବି ଶିକ୍ଷାବର୍ଷ ଆରମ୍ଭ ବେଳକୁ ଏହି ବୃତ୍ତିରାଶି ବିଭାଗ ପକ୍ଷରୁ ପଠାଇ ଦିଆଯାଇଥିଲା। ମାତ୍ର ଚଳିତ ବର୍ଷ ଜୁନ୍ ମାସ ଅଧା ହୋଇଥିଲେ ହେଁ ଅନୁସୂଚୀତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ଦିଆଯାଇ ନାହିଁ। ଏପରିକି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପାଖରେ ଏ ସଂକ୍ରାନ୍ତରେ ତଥ୍ୟ ମଧ୍ୟ ନାହିଁ। କେତେଜଣ ଛାତ୍ରଛାତ୍ରୀ ବୃତ୍ତିରାଶି ପାଇବାକୁ ଯୋଗ୍ୟ, ସେନେଇ ତଥ୍ୟ ଦେବାକୁ ସମସ୍ତ ଜିଲ୍ଲା ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି ।

ଅପରପକ୍ଷରେ ପ୍ରି-ମାଟ୍ରିକ୍ ସ୍କୋଲାରସିପ୍ ପାଇଁ ଛାତ୍ରମାନଙ୍କୁ ମାସିକ ୧୦୫୦ ଟଙ୍କା ଓ ଛାତ୍ରୀଙ୍କୁ ୧୧୦୦ ଟଙ୍କା ଦିଆଯାଉଛି। ଯାହା ସମୁଦ୍ରକୁ ଶଙ୍ଖେ। ମଧ୍ୟାହ୍ନରେ ଓ ରାତିରେ ୨ଟି ମିଲ୍ ସମେତ ସକାଳେ ଓ ଅପରାହ୍ନରେ ୨ ଥର ଜଳଖିଆ ପ୍ରଦାନ କରାଯାଉଛି। ଅର୍ଥାତ୍ ଦିନକୁ ୪ଥର ଅର୍ଥାତ୍ ମାସକୁ ୧୨୦ ଥର ପିଲାମାନେ ଖାଉଛନ୍ତି। ପ୍ରତି ଥର ଖାଇବା ପିଛା ୮ରୁ ୯ ଟଙ୍କା ମଧ୍ୟରେ ପଡୁଛି। ଏହି ଅର୍ଥରେ କିପରି ପଲାଙ୍କୁ କେଉଁ ପ୍ରକାରର ସୁଷମ ଖାଦ୍ୟ ପ୍ରଦାନ କରାଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ପାଇଁ ସୁଷମ ଓ ପୁଷ୍ଟିକର ଖାଦ୍ୟ ଆବଶ୍ୟକ। ହେଲେ ହଷ୍ଟେଲ୍‌ରେ ରହୁଥିବା ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ପରିମାଣରେ ତାହା ମିଳି ପାରୁ ନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହି ଅନୁଦାନକୁ ବଢ଼ାଇବାକୁ ମଧ୍ୟ ସେମାନେ ଦାବି କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ଏପିଆର କନଷ୍ଟେବଲ ମୃତ

ବିଷମ କଟକ, ୧୩।୬ (ସମିସ): ନିର୍ମାଣାଧୀନ ଘରର ଛାତ ଉପରେ ପାଲ ବିଛାଉଥିବା ବେଳେ ୧୧କେଭି ବିଦ୍ୟୁତ୍ ଆଘାତରେ ଜଣେ ଏପିଆର କନ୍‌ଷ୍ଟେବଲଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ହାଜାରୀଡାଙ୍ଗ ସଦର ପଞ୍ଚାୟତରେ। ସୂଚନାନୁଯାୟୀ, ବିଷମକଟକ ଥାନାରେ କାର୍ଯ୍ୟରତ ଏପିଆର



କନ୍‌ଷ୍ଟେବଲ ତଥା କୋର୍ଟଗାର୍ଡ ରଞ୍ଜନ କୁମାର ସାହୁକାର(୨୨) ତାଙ୍କ ନିଜ ଗାଁ ହାଜାରୀଡାଙ୍ଗରେ ଘର ତିଆରି କରୁଥିଲେ। ଗୁରୁବାର ଦିନ ସେହି ଘର ସ୍ଲାପରେ ଗ୍ରୀଡିଙ୍ଗ ପକାଯାଇଥିଲା। ସେ ଦିନ ରାତି ପ୍ରାୟ ୧୦ଟାରେ ବର୍ଷା ଆରମ୍ଭ ହୋଇଥିଲା। ବର୍ଷାରେ ଗ୍ରୀଡିଙ୍ଗ ନଷ୍ଟ ହେଇଯିବା ଆଶଙ୍କାରେ ରଞ୍ଜନ ପାଲ ଘୋଡ଼ାଇବା ପାଇଁ ଛାତ ଉପରକୁ ଯାଇଥିଲେ। ସେତିକିବେଳେ ଟିକିଏ ଅସାବଧାନତା ଯୋଗୁଁ ଛାତ ଉପର ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାରକୁ ସେ ଛୁଇଁ ଦେଇଥିଲେ। ତାଙ୍କୁ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ୧୭ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ ମଞ୍ଜୁରି

**ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟର ୧୭ଟି ପ୍ରକଳ୍ପ ପାଇଁ ୩,୮୭୮.୮୬ କୋଟି ଟଙ୍କାର ନୂତନ ନିବେଶକୁ ଅନୁମୋଦନ ମିଳିଛି। ୧୧ଟି ଜିଲ୍ଲାରେ ଏହି ପ୍ରକଳ୍ପ ଦ୍ୱାରା ୧୦,୫୮୪ ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବା ନେଇ ଆଶା ରହିଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବସିଥିବା ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ଏହି ନିବେଶକୁ ସବୁଜ ସଙ୍କେତ ଦେଇଛି। ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ପ୍ଲାଷ୍ଟିକ୍, ବୟନଶିଳ୍ପ, ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଏବଂ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ, ଶକ୍ତି, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ରାସାୟନିକ ପଦାର୍ଥ ଏବଂ ଇସ୍ପାତ କ୍ଷେତ୍ର ଆଦିର ପ୍ରକଳ୍ପଗୁଡ଼ିକ ରହିଛି। ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗକୁ ବୃଦ୍ଧି କରିବାର ସମ୍ଭାବନା ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ପ୍ରକଳ୍ପ ହେବାକୁ ଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା, କଟକ, ଯାଜପୁର, ଜଗତସିଂହପୁର, ବାଲେଶ୍ୱର, ବୌଦ୍ଧ, ବଲାଙ୍ଗିର, ସମ୍ବଲପୁର, ପୁରୀ, ସୁନ୍ଦରଗଡ଼ ଓ ଅନୁଗୋଳ ଆଦି ରହିଛି।

ଏଥିରେ ଖୋର୍ଦ୍ଧାସ୍ଥିତ କାଳିବାଟି ଶିଳ୍ପାଞ୍ଚଳରେ ସବୁଠୁ ବଡ଼ ଅର୍ଥାତ୍ ୮୮୫କୋଟି ଟଙ୍କା ନିବେଶରେ ଏକ ଟେକ୍ସଟାଇଲ୍ ଓ ଆପେରାଲ୍ସ ଖୋଲିବ। ଏହାଦ୍ୱାରା ପ୍ରାୟ ୧୭୦୦ ନିଯୁକ୍ତି ସୃଷ୍ଟି ହେବ। ସେହିପରି ୬୫୦କୋଟି ନିବେଶରେ ସମାନ ଜିଲ୍ଲାରେ ପ୍ଲାଷ୍ଟିକ୍ ଶିଳ୍ପ ହେବ। ଏଥିରେ ୬୦୦ ନିଯୁକ୍ତି ସୃଷ୍ଟି ହେବ। ଜଗତସିଂହପୁର ଜିଲ୍ଲାରେ ମଧ୍ୟ ଏକ ପ୍ଲାଷ୍ଟିକ୍ ଶିଳ୍ପ ଯୋଗୁଁ ୧୬୧୫ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଏହାବ୍ୟତୀତ ପୁରୀରେ ରାୟସନ୍ସ ସଂସ୍ଥା ଦ୍ୱାରା ୫୦ କୋଟି ବିନିମୟରେ ମେ' ଫେୟାର ହାଇଡ୍-ଆଉଟ୍ ନାମରେ ଏକ ଇକୋ ରିସର୍ଟ ଖୋଲିବ। ୫୩କୋଟି ନିବେଶରେ ଏହି ରିସୋର୍ଟରେ ୧୧୬ ନିଯୁକ୍ତି ସୃଷ୍ଟି ହେବ। ସେହିପରି ଭୁବନେଶ୍ୱର ଲୋଗିପାର୍କ ପକ୍ଷରୁ ଖୋର୍ଦ୍ଧାରେ ଲୋଜିଷ୍ଟିକ୍ ପାର୍କ ହେବ। ୨୧୮ କୋଟି ନିବେଶରେ ଏହି ପ୍ରକଳ୍ପ ଦ୍ୱାରା ୨୭୦୦ ନିଯୁକ୍ତି ସୃଷ୍ଟି ହେବ।

# ନନ୍ଦନକାନନରେ ଦୁଇ ଆନାକୋଣ୍ଡା ଗର୍ଭବତୀ

**ନନ୍ଦନକାନନ, ୧୩।୬ (ସମିସ):** ନନ୍ଦନକାନନ ପାଇଁ ଖୁସି ଖବର। ସରୀସୃପ ଉଦ୍ୟାନରେ ଥିବା ୨ଟି ହଳଦିଆ ଆନାକୋଣ୍ଡା ସାପ ଗର୍ଭବତୀ ଥିବା ଜଣାପଡ଼ିଛି। ଆଜି ନନ୍ଦନକାନନ ଡାକ୍ତରୀ ଦଳ ଦ୍ୱାରା ଦୁଇ ମାଈ ଆନାକୋଣ୍ଡାଙ୍କର ଏକ୍ସ-ରେ' କରାଯାଇଛି। ଏଥିରୁ ସେମାନେ ଗତ ଡିସେମ୍ବରରୁ ଜାନୁଆରୀ ମାସରେ ଗର୍ଭଧାରଣ କରିଥିବା ଅନୁମାନ କରାଯାଉଛି। ଜୁଲାଇ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ସେମାନେ ପ୍ରସବ କରିପାରନ୍ତି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସବୁ ଠିକଠାକ୍ ରହିଲେ, ନନ୍ଦନକାନନ ଆନାକୋଣ୍ଡା ବଂଶବୃଦ୍ଧି କରିବାରେ ପୁଣି ଗୌରବ ଅର୍ଜନ କରିବ। ନନ୍ଦନକାନନରେ ଆନକୋଣ୍ଡାର ଇତିହାସ ୨୦୧୯ ନଭେମ୍ବରରୁ ଆରମ୍ଭ ହୋଇଥିଲା। ମାଡ୍ରାସର କ୍ରୋକୋଡାଇଲ ଟ୍ରଷ୍ଟରୁ ୨ବର୍ଷ ବୟସର ୮ଟି (୪ଅଣ୍ଡିରା /୪ମାଈ) ହଳଦିଆ ଆନାକୋଣ୍ଡା ଅଣାଯାଇଥିଲା। ତେବେ ପରେ ସେମାନଙ୍କ ମଧ୍ୟରୁ ୩ଟିର ମୃତ୍ୟୁ ହୋଇଯାଇଥିଲା।

## ସରକାରକୁ ବର୍ଷେ ପୂରିଲା, ମୁଖ୍ୟମନ୍ତ୍ରୀଙ୍କ କଥା ପାଣିର ଗାର

# ଜବରଦଖଲ ମୁକ୍ତ ହୋଇପାରିଲାନି ସରକାରୀ ଜମି

**ଭୁବନେଶ୍ୱର, ୧୩।୬(ସମିସ):** ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ହେବ। ସରକାରୀ ଜମିଗୁଡ଼ିକୁ ଚିହ୍ନଟ କରି ପ୍ରଚଳିତ ଆଇନ ଅନୁସାରେ ତାକୁ ଜବରଦଖଲମୁକ୍ତ କରାଯିବ। ଏହାପରେ ତୁରନ୍ତ ଉକ୍ତ ଜମିଗୁଡ଼ିକୁ ତାରବାଡ଼ ଘେରାଇ ତାହା 'ସରକାରଙ୍କ ସମ୍ପତ୍ତି' ବୋଲି ସ୍ପଷ୍ଟ ଭାବେ ଡିସ୍-ପ୍ଲେ' ବୋର୍ଡ ଲଗାଯିବ। ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏଭଳି କହିଥିଲେ। ତତ୍କାଳୀନ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ। ହେଲେ ଏହି ଘଟଣାକୁ ବର୍ଷେ ପୂରିଯାଇଥିଲେ ହେଁ ଏପର୍ଯ୍ୟନ୍ତ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇପାରିଲା ନାହିଁ।

ରାଜ୍ୟର ଅନ୍ୟ ଜିଲ୍ଲା କଥା ଦୂରେ ଥାଉ, ଖୋଦ୍ ରାଜଧାନୀ ଭୁବନେଶ୍ୱରରୁ ଏ ପର୍ଯ୍ୟନ୍ତ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇପାରୁନି। ଫଳସ୍ୱରୂପ, ସରକାରଙ୍କ ଏକାଧିକ ଉନ୍ନୟନ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେଇପାରୁନି। ଏହା ସତ୍ତ୍ୱେ ଭୋଟ୍ ବ୍ୟାଙ୍କ୍ ପ୍ରଭାବିତ ହେବା ଲକ୍ଷ୍ୟରେ ସରକାର ଜବରଦଖଲ ଜମିରେ ହାତ ମାରିବାକୁ ଭୟ କରୁଛନ୍ତି। ଏମିତିକି, ବର୍ଷେ ଭିତରେ ରାଜଧାନୀ ଉପକଣ୍ଠରେ ଜବରଦଖଲ ବହୁମାତ୍ରାରେ ବୃଦ୍ଧି ପାଇଥିଲେ ସୁଦ୍ଧା ସରକାରୀ କଳ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଅଭିଯୋଗ ହେଉଛି। ସରକାର ଏହାକୁ ରୋକିବା ଦିଗରେ ବିଫଳ ହୋଇଥିବା ବେଳେ କେବଳ ଗଣମାଧ୍ୟମରେ ଭାଷଣ ଓ ଜିଲ୍ଲାପାଳମାନଙ୍କୁ ଚିଠିରେ ଜବରଦଖଲ

### ଉପକଣ୍ଠ ଉପରେ ଜବରଦଖଲକାରୀଙ୍କ ଆଖି

ଉଚ୍ଛେଦ ସୀମିତ ରହିଛି ବୋଲି ସାଧାରଣ ନାଗରିକ ଅଭିଯୋଗ କରୁଛନ୍ତି। ଜବରଦଖଲ କାରଣରୁ ସରକାରୀ ପ୍ରକଳ୍ପ ଶେଷ ନ ହେବାରୁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଜୟଦେବ ବିହାର-ନନ୍ଦନକାନନ ସମାନ୍ତରାଳ ରାସ୍ତା ପାଇଁ ଏକାମ୍ରକାନନରୁ ଆଇଏମ୍ଏ ପର୍ଯ୍ୟନ୍ତ ନିର୍ମାଣାଧୀନ ବାମପାର୍ଶ୍ୱର ଦୁଇଶହ ଫୁଟିଆ ରାସ୍ତା ପାଇଁ ୨୦୧୭ ମସିହାରୁ ସାଲିଆ ସାହିର କିଛି ଅଂଶ ଉଚ୍ଛେଦ ପାଇଁ ଯୋଜନା ହେଉଥିଲେ ମଧ୍ୟ ସମ୍ଭବ ହୋଇପାରୁନି। ନିକଟ ଅତୀତରେ, କିଛି ଘର ଉଚ୍ଛେଦ କରିବା ପାଇଁ ବିଡିଏ ପ୍ରୟାସ କରି ଫେଲ୍ ମାରିଛି। ଏମିତିକି ଉକ୍ତ ଜବରଦଖଲକାରୀଙ୍କୁ ବୁଝାସୁଝା କରିବା ପରେ ମଧ୍ୟ ଉଚ୍ଛେଦ ସମ୍ଭବ ହୋଇପାରୁନି। ଶେଷରେ ୨ଶହ ଘର ଉଚ୍ଛେଦ ପାଇଁ ସମ୍ପୃକ୍ତ ଜବରଖଲକାରୀ ରାଜି ହୋଇଛନ୍ତି। କିନ୍ତୁ କେବେ ବାସ୍ତବରେ ଉଚ୍ଛେଦ ହେବ ଓ ୨ଶହ ଫୁଟିଆ ରାସ୍ତା ପୂର୍ଣ୍ଣାଙ୍ଗ ରୂପ ନେବ, ତାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି, ଜଟଣୀରୁ ବାରଙ୍ଗ ଦୟାୱେଷ୍ଟ କେନାଲକୁ ୬ଥାକିଆ ରାସ୍ତା ପାଇଁ ଯୋଜନା ହୋଇଥିଲା। କିନ୍ତୁ ସେଥିରେ ବି ଜବରଦଖଲ ବାଧକ ସାଜିଛି। କେବଳ ସାଲିଆସାହି କି ଦୟାୱେଷ୍ଟ କେନାଲ ନୁହେଁ, ସମଗ୍ର ରାଜଧାନୀର ୬୭ଟି ୱାର୍ଡ ଓ ଉପକଣ୍ଠରେ ଯାଦୁ ଭଳି ମାଡ଼ିଯାଇଛି ଜବରଦଖଲ। ତେଣୁ ୱାର୍ଡ ଅଫିସ୍, କମ୍ୟୁନିଟି ସେଣ୍ଟର୍, ପାର୍କ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ଏକାଧିକ ଲୋକାଭିମୁଖୀ ପ୍ରକଳ୍ପ ସଫଳ ହୋଇପାରୁନି।

ସୂଚନାନୁସାରେ, ରାଜଧାନୀରେ ମୋଟ୍ ୨୪୯୯୦ ଡିସିମିଲ ସରକାରୀ ଜମି ସାଧାରଣ ପ୍ରଶାସନ ବିଭାଗ ଅଧୀନରେ ରହିଛି। ଏହି ଜମିରୁ ବର୍ତ୍ତମାନ ପ୍ରାୟ ୪୯୬.୦୪୫ ଏକର ଜମି ଜବରଦଖଲକାରୀ ମାଡ଼ି ବସିଛନ୍ତି। ଭୁବନେଶ୍ୱରରେ ୫୭ଟି ସ୍ଥାନରେ ଏହି ସରକାରୀ ଜମି ଜବରଦଖଲରେ ରହିଛି। ସେଥିମଧ୍ୟରେ ସର୍ବାଧିକ ଜୟଦେବବିହାରରେ ୧୪୮.୮୪ ଏକର ରହିଛି। ଏଥିସହ ଚନ୍ଦ୍ରଶେଖପୁରରେ ୩୩.୪୧୫ ଏକର, ଗାଡ଼କଣରେ ୩୧ ଏକର, ପଟିଆରେ ୨୮ ଏକର, ଡୁମୁଡୁମାରେ ୧୭ଏକର, ବରମୁଣ୍ଡାରେ ୨୪ ଏକର, ନୂଆପଲ୍ଲୀ ନୀଳକଣ୍ଠନଗରରେ ୧୨.୦୯୭ ଏକର, କପିଳପ୍ରସାଦରେ ୨୨.୨୯୧ଏକର, ବିଜେବିନଗରରେ ୧୦ ଏକର, ପାଣ୍ଡରାରେ ୯.୭୭୮ ଏକର, ଲକ୍ଷ୍ମୀସାଗରରେ ୮.୦୧୩, ଭୀମପୁରରେ ୧୮.୫୦୫ ଏକର ଜମି ଜବରଦଖଲ ହୋଇ ରହିଛି। ଏସବୁ ଜମିରୁ କେବେ ଜବରଦଖଲ ହଟୁଛି, ମୁଖ୍ୟମନ୍ତ୍ରୀଙ୍କ କଥା କେବେ ବାସ୍ତବ ରୂପ ନେଇ ତା' ଦେଖିବାକୁ ବାକି ରହିଲା।

### 'ବ୍ଲୁଇସ୍' ଆପ୍ କୋଉ କାମକୁ ?

୨୦୨୦ ମସିହାରେ ବିଡିଏ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସରକାରୀ ଜମି ଜବରଦଖଲ ରୋକିବା ନେଇ 'ବ୍ଲୁଇସ୍' ଆପ୍‌ର ଉଦ୍ଭାବନ କରାଯାଇଥିଲା। ଏଥିପାଇଁ ସାଧାରଣ ଲୋକଙ୍କ ସାହାଯ୍ୟ ଲୋଡ଼ା ଯାଇଥିଲା। ଯେଉଁଠି ସରକାରୀ ଜମି ଜବରଦଖଲ ହେଉଥିବ, ଯେକେହି ବ୍ୟକ୍ତି ତୁରନ୍ତ ଫଟୋ ଉଠାଇ ଏହି ଆପ୍ ମାଧ୍ୟମରେ ଅପ୍‌ଲୋଡ୍ କଲେ, ବିଡିଏର ଉଚ୍ଛେଦକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଜବରଦଖଲ ରୋକିବେ। ହେଲେ, ଏହି ଆପ୍ କାର୍ଯ୍ୟକ୍ଷମ ହେବାକୁ ୫ବର୍ଷ ବିତିଯାଇଥିଲେ ହେଁ ଜବରଦଖଲାକରୀଙ୍କ ଉପରେ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହେଉଛି। ତେଣୁ ଏଭଳି ଏକ ଆପ୍ କରିବା କେଉଁ କାମକୁ ବୋଲି ସଚେତନ ନାଗରିକ ପ୍ରଶ୍ନ କରିଛନ୍ତି।

# ଏଣିକି ସରକାରୀ ସାର୍ଟିଫିକେଟ୍ ପାଇଁ 'ଆଧାର' ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୩।୬ (ସମିସ):** ଏଣିକି ବିଭିନ୍ନ ପ୍ରକାର ସରକାରୀ ସାର୍ଟିଫିକେଟ୍ ପାଇଁ 'ଆଧାର'କୁ ବାଧ୍ୟତାମୂଳକ କରାଯାଇଛି। ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଆଇନଗତ ଉତ୍ତରାଧିକାରୀ, ଜମିଜମା ରେକର୍ଡ ଓ ରେଜିଷ୍ଟ୍ରେସନ୍ ଆଦି ପାଇଁ ଆଧାର ନମ୍ବର ଦେବା ବାଧ୍ୟତାମୂଳକ ହୋଇଛି। ପ୍ରମାଣପତ୍ର ବ୍ୟତୀତ ସରକାରଙ୍କ ବିଭିନ୍ନ ଯୋଜନାରେ ସବ୍‌ସିଡି ଓ ଡିବିଟି ସୁବିଧାର ହିତାଧିକାରୀଙ୍କ ପାଇଁ ମଧ୍ୟ ଆଧାର ବାଧ୍ୟତାମୂଳକ କରାଯାଇଛି। ସରକାରୀ ସେବା ପ୍ରକ୍ରିୟାକୁ ସରଳ, ପାରଦର୍ଶୀ ଓ ବ୍ୟାପକ ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଥିବା ନେଇ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପ୍ରମାଣପତ୍ର ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କୁ ଆଧାର ନମ୍ବର ଦାଖଲ କରିବାକୁ ହେବ। ଯେଉଁମାନଙ୍କର ଆଧାର ନମ୍ବର ନାହିଁ କିମ୍ବା ଆଧାର ନିମନ୍ତେ ପଞ୍ଜୀକରଣ କରିନାହାନ୍ତି, ସେମାନଙ୍କୁ ଯେକୌଣସି ସରକାରୀ ପ୍ରମାଣପତ୍ର ପାଇଁ ଆବେଦନ କରିବା ପୂର୍ବରୁ ଆଧାର ନିମନ୍ତେ ବିଧିବଦ୍ଧ ଆବେଦନ କରିବାକୁ ପଡ଼ିବ। ଆଧାର ନମ୍ବର ମିଳିବା ପର୍ଯ୍ୟନ୍ତ ଆବେଦନକାରୀ ଆଧାର ଆବେଦନର ସ୍ଲିପ୍ ସହ ବ୍ୟାଙ୍କ କିମ୍ବା ଡାକଘର ପାସବୁକ, ପ୍ୟାନ୍ କାର୍ଡ, ପାସ୍‌ପୋର୍ଟ, ରାସନ୍ କାର୍ଡ, ଭୋଟର୍ ପରିଚୟପତ୍ର, ଜବ୍‌କାର୍ଡ, କିଷାନ ବିକାଶ ପତ୍ର, ଡ୍ରାଇଭିଂ ଲାଇସେନ୍ସ କିମ୍ବା ଗେଜେଟେଡ୍ ଅଫିସର୍ ଅବା ତହସିଲଦାରଙ୍କ ଦ୍ୱାରା ଅଫିସିଆଲ ଲେଟରହେଡ୍‌ରେ ଜାରି ପରିଚୟ ପ୍ରମାଣପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦାଖଲ କରି ପ୍ରମାଣପତ୍ର ପାଇଁ ଆବେଦନ କରିପାରିବେ। ସେହିପରି ରାଜ୍ୟର ପ୍ରକୃତ ନାଗରିକ ବା ବାସିନ୍ଦା ଯେଭଳି ନିଜର ଅଧିକାର ଓ ସରକାରୀ ଲାଭରୁ ବଞ୍ଚିତ ନହେବେ ସେଥିପାଇଁ ସରକାର ଆବଶ୍ୟକ ପଦକ୍ଷେପ ସୁନିଶ୍ଚିତ କରାଇବେ ବୋଲି ଦର୍ଶାଯାଇଛି।

## ଭିନ୍ନ ଭିନ୍ନ ସାଇବର ଠକେଇ ଘଟଣା

# କ୍ରାଇମବ୍ରାଞ୍ଚ ପଞ୍ଝାରେ ୬ସାଇବର ଠକ



**କଟକ,୧୩।୬(ସମିସ):** ଭିନ୍ନ ଭିନ୍ନ ଘଟଣାରେ ଅନଲାଇନ ପୁଞ୍ଜିନିବେଶ ନାଁରେ ଲୋଭ ଦେଖାଇ ଠକିଥିବା ମୋଟ ୬ଜଣ ସାଇବର ଠକକୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫଙ୍କ ମଧ୍ୟରେ ଜଣେ ମହିଳା ସାଇବର ଠକ ରହିଥିବା ଜଣାପଡିଛି। ଇଣ୍ଟରନାସନାଲ ମେଟାଲ ଟ୍ରେଡିଂରେ ନିବେଶ କରି ଅଧିକ ଅର୍ଥ ପାଇବାର ପ୍ରଲୋଭନ ଦେଖାଇ ବାଲେଶ୍ୱରର ଜଣେ ବ୍ୟକ୍ତିଙ୍କ ଠାରୁ ୭୪ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ମହିଳା ସାଇବର ଠକ ଗିରଫ ହୋଇଛି। ଦୁର୍ଗାପୁର ଷ୍ଟିଲ ଟାଉନନିବାସୀ ଏହି ମହିଳା ଠକ ଅନୁଷ୍କା ମିତ୍ର(୨୪)ଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଅଭିଯୁକ୍ତ ନିକଟରୁ ଏକ ଆଇଫୋନ ସହ ଏଟିଏମ କାର୍ଡ ଆଦି ଜବତ କରାଯାଇଛି। ସେହିଭଳି ଭୁବନେଶ୍ୱରର ଜଣେ ବ୍ୟକ୍ତିଙ୍କୁ ୧.୪କୋଟି ଟଙ୍କା ଠକେଇ ଘଟଣାରେ ଗିରଫଦାରୀ ସଂଖ୍ୟା ୧୧ରେ ପହଞ୍ଚିଛି। ପୂର୍ବରୁ ୯ ଜଣ ଗିରଫ ହୋଇଥିବା ବେଳେ ଆଜି ଗୁଜୁରାଟରୁ ଆଉ ଦୁଇ ଜଣ ଏହି ଘଟଣାରେ ଗିରଫ ହୋଇଛନ୍ତି। ଗିରଫ ଦୁଇ ଜଣ ହେଲେ ଯୋଗେଶ ହରଜିଭାଇ(୨୩)ଓ କୋଟକ କୌଶିକ(୩୬)। ସେହିଭଳି ଭୁବନେଶ୍ୱରରେ ନିଜକୁ କ୍ରାଇମବ୍ରାଞ୍ଚ ଅଧିକାରୀ ଭାବେ ପରିଚୟ ଦେଇ ୧.୦୬କୋଟି ଟଙ୍କା ଠକେଇ ଘଟଣାରେ ଗୁଜୁରାଟରୁ ଦୁଇ ଜଣ ଗିରଫ ହୋଇଛନ୍ତି। ଏମାନେ ହେଲେ ବାଘେଲା ଅରବିନ୍ଦ(୨୪) ଓ ଗୋହଲି ଭାରତ(୨୪)।

ଗଞ୍ଜାମ ଛତ୍ରପୁରର ଜଣେ ଅଭିଯୋଗକାରୀଙ୍କୁ ନିବେଶ ନାମରେ ୫୦ଲକ୍ଷ ଠକେଇ ଘଟଣାରେ ଗୁଜୁରାଟରୁ ଖିକାନି ଧ୍ରୁବ ବିଜୟଭାଇ(୨୨) ନାମକ ଜଣେ ସାଇବର ଠକ ଗିରଫ ହୋଇଛନ୍ତି। ତଦନ୍ତକାରୀ ଟିମ ଉପରୋକ୍ତ ଘଟଣା ମାନଙ୍କରେ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଆଧାର କାର୍ଡ, ପ୍ୟାନ୍ କାର୍ଡ ଇତ୍ୟାଦି ସାମଗ୍ରୀ ଜବତ କରିଛି। ଏହି ମାମଲାରେ ଠକମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି।

## ବରିଷ୍ଠ ଆଇନଜୀବୀଙ୍କୁ ପୁଲିସର ନିର୍ଯାତନା ଘଟଣା

# ବିଚାରବିଭାଗୀୟ ତଦନ୍ତ ଦାବିକଲା ରାଜ୍ୟ ଆଇନଜୀବୀ ପରିଷଦ

**କଟକ, ୧୩।୬(ସମିସ):** ବାଲେଶ୍ୱରରେ ଜନୈକ ବରିଷ୍ଠ ଆଇନଜୀବୀଙ୍କ ପ୍ରତି ପୁଲିସ ତଥା ମହିଳା ଆଇଏଏସ ଅଧିକାରୀଙ୍କର ନିର୍ଯାତନା ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି କରିଛି ରାଜ୍ୟ ଆଇନଜୀବୀ ପରିଷଦ। ଗତ ୬ ତାରିଖରେ ବାଲେଶ୍ୱର ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ଦାସ ଅମାନୁଷିକ ଭାବେ ପୁଲିସ ନିର୍ଯାତନାର ଶିକାର ହୋଇଥିଲେ। ଶ୍ରୀ ଦାସ ବାଲେଶ୍ୱରର ସଦର ବିଧାୟକଙ୍କୁ ସାକ୍ଷାତ କରିବା ଉଦ୍ଦେଶ୍ୟରେ ଧାର୍ଯ୍ୟ ସମୟ ମୁତାବକ ବାଲେଶ୍ୱର ନ୍ୟୁ ସର୍କିଟ ହାଉସକୁ ଯାଇଥିଲେ। ସେଠାରେ ତାଙ୍କୁ ପାଇନଥିଲେ। ତେବେ ଜଣେ ମହିଳା ଆଇଏଏସ୍ ଅଧିକାରୀ ବସିଥିବା ଏକ କୋଠରୀକୁ ଚାହିଁ ଫେରିଆସିଥିଲେ। ଶ୍ରୀ ଦାସ ତାଙ୍କ କୋଠରୀକୁ ଚାହିଁବା ବିଷୟକୁ ନେଇ ଉତ୍କ୍ଷିପ୍ତ ହୋଇଥିଲେ ସମ୍ପୃକ୍ତ ମହିଳା ଅଧିକାରୀ। ପରେ ସହଦେବ ଖୁଣ୍ଟା ମଡେଲ ଥାନାଧିକାରୀଙ୍କ ଡାକରା ପାଇ ଶ୍ରୀ ଦାସ ଉକ୍ତ ଥାନାରେ ଉପସ୍ଥିତ ହୋଇଥିଲେ। ସେଠାରେ ସଂପୃକ୍ତ ଆଇଏଏସ ଅଧିକାରୀ ଏବଂ ଅନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଶ୍ରୀ ଦାସଙ୍କୁ ଉକ୍ତ ଥାନାରେ ୮ ଘଣ୍ଟା ପର୍ଯ୍ୟନ୍ତ ରଖାଯାଇ ଛଡ଼ାଯାଇଥିଲେ ସୁଦ୍ଧା ପରେ ତାଙ୍କ ବାସଭବନ ଉପରେ ଚଢଉ କରି ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଉକ୍ତ ଘଟଣାକୁ ଦୃଷ୍ଟିକୁ ରଖି ଆଜି ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରକାଳୀନ ବୈଠକ ଡକାଯାଇ ସର୍ବସମ୍ମତିକ୍ରମେ ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ ପଦକ୍ଷେପ ନେବା ପାଇଁ ଓଡ଼ିଶା ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ତ ଘଟଣାର ସଠିକ୍ ପ୍ରମାଣ ନିମନ୍ତେ ଏକ ବିଚାର ବିଭାଗୀୟ ତଦନ୍ତ, ସହଦେବ ଖୁଣ୍ଟା ମଡେଲ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ସଂପୃକ୍ତ ମହିଳା ଆଇଏଏସ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଆଗାମୀ ୧୦ଦିନ ମଧ୍ୟରେ ଯଦି ସରକାରଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# 'ଅପୂର୍ବା'ର ଶାରଦୀୟ ବିଶେଷ ସଂଖ୍ୟା ପାଇଁ ଲେଖା ଆବେଦନ

**ଭୁବନେଶ୍ୱର,୧୨।୬(ସମିସ):** ରାଜ୍ୟର ଲୋକପ୍ରିୟ ସାହିତ୍ୟ ପତ୍ରିକା 'ଅପୂର୍ବା'ର ୨୭ତମ ଶାରଦୀୟ ବିଶେଷ ସଂଖ୍ୟା ପ୍ରକାଶ ପାଇବାକୁ ଯାଉଛି। ରାଜ୍ୟର ବହୁ ବରିଷ୍ଠ ଓ ତରୁଣ ଲେଖକ ଲେଖିକାଙ୍କ ସୁନିର୍ବାଚିତ ଲେଖାର ସମୃଦ୍ଧ ଏହି ବିଶେଷ ସଂଖ୍ୟାଟି ଆସନ୍ତା ସେପ୍ଟେମ୍ବର ଶେଷ ସପ୍ତାହରେ ଏକ ଉତ୍ସବରେ ଲୋକାର୍ପିତ ହେବ। ଏଥିପାଇଁ ଆଗ୍ରହୀ ଲେଖକ ଲେଖିକାମାନେ ନିଜର ସୁନିର୍ବାଚିତ ଲେଖା ଯଥା: ଉପନ୍ୟାସ, ଗଳ୍ପ, କବିତା, ପ୍ରବନ୍ଧ, ଫିଚର, ଅନୁବାଦ ସାହିତ୍ୟ ଆଦି ଅପୂର୍ବାର ଏହି ଶାରଦୀୟ ସ୍ୱତନ୍ତ୍ର ସଂଖ୍ୟା-୨୦୨୫ ପାଇଁ ପଠାଇବାକୁ ନିବଦେନ କରାଯାଇଛି। (ଇମେଲ- apurba1999@gmail.com) ରେ ଲେଖା ଗୁଡ଼ିକ ଆକୃତି ଅକ୍ଷରରେ ଟାଇପ୍ ହୋଇ ପେଜମେକର ବା ୱାର୍ଡ ଫର୍ମାଟରେ ଜୁଲାଇ ୧୫ ତାରିଖ ମଧ୍ୟରେ ପଠାଇବା ଆବଶ୍ୟକ। ଭଲ ହାତଲେଖାରେ ଲେଖା ଥିବା ଲେଖାକୁ ମଧ ଗ୍ରହଣ କରାଯିବ। ଏଥିପାଇଁ ଠିକଣା- ସମ୍ପାଦକ-ଅପୂର୍ବା, ପ୍ଲଟ୍ ନଂ-୨୯୪, ୟୁନିଟ୍-୩ ଖାରବେଳ ନଗର, ଭୁବେନଶ୍ୱର-୭୫୧୦୦୧ରେ ପଠାଇବା ସହ ଅଧିକ ସୂଚନା ପାଇଁ ମୋବାଇଲ ନମ୍ବର- ୯୯୩୭୩୦୦୨୨୩ ରେ ଯୋଗଯୋଗ କରିପାରିବେ ବୋଲି ଅପୂର୍ବାର ସମ୍ପାଦକ କ୍ଷୀରୋଦ ପତି ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି।

**ଜୁଲାଇ ୧୫ ଆବେଦନର ଶେଷ ତାରିଖ**

## ଆଇପିଏସ ଅଧିକାରୀ ସତୀଶ ଗଜଭିୟେଙ୍କୁ ନିମ୍ନ ପାହ୍ୟାର କେନ୍ଦ୍ରୀୟ ଡେପୁଟେସନ ମାମଲା

# ୧୦ ଦିନରେ ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ କ୍ୟାଟକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୩।୬ (ସମିସ):** ଆଇଜି ପାହ୍ୟାର ବରିଷ୍ଠ ଆଇପିଏସ୍ ଅଧିକାରୀ ସତୀଶ କୁମାର ଈଶ୍ୱର ଦାସ ଗଜଭିୟେଙ୍କୁ ଡିଆଇଜି ପାହ୍ୟାର କେନ୍ଦ୍ରୀୟ ଡେପୁଟେସନରେ ନିଯୁକ୍ତି ଆଦେଶକୁ ଚାଲେଞ୍ଜ କରି କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ(କ୍ୟାଟ)ରେ ବିଚାରାଧୀନ ମାମଲାର ଫଇସଲା ୧୦ଦିନ ମଧ୍ୟରେ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆବେଦନକାରୀ ଆପିଏସ ଅଧିକାରୀଜଣଙ୍କ ଯଦି କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କୁ ନିଜର ବରିଷ୍ଠତା ଅନୁସାରେ କୌଣସି ପଦରେ ଯୋଗଦେବାକୁ ନିବେଦନ କରିବେ ତାହେଲେ ତାଙ୍କ ଆବେଦନକୁ ବିଚାର କରିବାକୁ ହାଇକୋର୍ଟ କହିଛନ୍ତି। ଶ୍ରୀ ଗଜଭିୟେଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଓ ଜଷ୍ଟିସ ମୁରାହାରି ଶ୍ରୀ ରମଣଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଏହି ଆଦେଶନାମା କପିକୁ ଆସନ୍ତା ୧୦ ଦିନ ମଧ୍ୟରେ କ୍ୟାଟରେ ଦାଖଲ କରିବେ। ଆବେଦନକାରୀ ଉକ୍ତ ଆଦେଶନାମା ଦାଖଲ କରିବାର ୧୦ ଦିନ ମଧ୍ୟରେ କ୍ୟାଟ ଉପରୋକ୍ତ ପ୍ରସଂଗରେ ବିଚାରାଧୀନ ମାମଲା ସମ୍ପର୍କରେ ଚୂଡ଼ାନ୍ତ ଫଇସଲା କରିବେ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ, ଆଇଜି ପାହ୍ୟାର ଆଇପିଏସ ଶ୍ରୀ ଗଜଭିୟେ କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବା ପାଇଁ ଏକ ଆବେଦନ କରିଥିଲେ। ତେବେ ତାଙ୍କୁ ସିଆରପିଏଫ୍‌ର ଡିଆଇଜି ପଦରେ ଅବସର ସମୟ (୨୦୨୮ ସେପ୍ଟେମ୍ବର ୩୦) ପର୍ଯ୍ୟନ୍ତ ଅଥବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଡେପୁଟେସନରେ ନେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଦେଶନାମା ଜାରି ହୋଇଥିଲା। ଏହାକୁ ଅସଂଗତ ଦର୍ଶାଇ ସେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଓ ପୁଲିସ ଡିଜିଙ୍କୁ ଦାବିପତ୍ର ଦେଇଥିଲେ ମଧ୍ୟ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଗତ ୨୦୨୪ଡିସେମ୍ବର୬ର ବିଜ୍ଞପ୍ତି ଆଧାରରେ ଓଡ଼ିଶା ଗୃହ ବିଭାଗ ତାଙ୍କୁ ଗତ ୨୦୨୪ ଡିସେମ୍ବର ୩୦ରେ ରିଲିଭ କରିଦେଇଥିଲା। ଏହାକୁ ବିରୋଧ କରି ସେ କ୍ୟାଟଙ୍କ ଦ୍ୱାରସ୍ଥ ହୋଇଥିଲେ। କ୍ୟାଟ ମାମଲା ଶୁଣାଣି ଶେଷ କରି ଗତ ୨୦୨୫ ମେ ୯ ତାରିଖରେ ରାୟ ସଂରକ୍ଷିତ ରଖିଥିଲେ ମଧ୍ୟ ଏହା ପ୍ରକାଶ ପାଇନଥିବାରୁ ଶ୍ରୀ ଗଜଭିୟେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାୟ ସଂରକ୍ଷିତ କ୍ଷେତ୍ରରେ ନିର୍ଦ୍ଧାରିତ ୩ସପ୍ତାହ ମଧ୍ୟରେ ରାୟ ପ୍ରକାଶ କରାଯିବା କଥା ଏହା ହୋଇନଥିବାରୁ ସେ ହାଇକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ।

## ଓଡିଶା ନଦୀ ସୁରକ୍ଷା ସମ୍ମିଳନୀରେ ଦାବି

# ଶ୍ୱେତପତ୍ର ସହ ନଦୀ ନୀତି ଆଣନ୍ତୁ ସରକାର




**ଭୁବନେଶ୍ୱର,୧୩।୬(ସମିସ):** ସଂପ୍ରତି ଓଡ଼ିଶାର ନଦୀଗୁଡିକର ସ୍ୱାସ୍ଥ୍ୟ ସ୍ଥିତି ଅତ୍ୟନ୍ତ ଗମ୍ଭୀର। ଅନେକ ନଦୀ ମରିବାକୁ ବସିଲାଣି। ନଦୀର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ରାଜ୍ୟର ସ୍ୱାସ୍ଥ୍ୟ ଠିକ୍ ରହିବ ନାହିଁ ବୋଲି ଓଡ଼ିଶା ଗସ୍ତରେ ଆସିଥିବା ଜଳମାନବ ଡଃ ରାଜେନ୍ଦ୍ର ସିଂ କହିଛନ୍ତି। ଶୁକ୍ରବାର ମହାନଦୀ ବଞ୍ଚାଓ ଆନ୍ଦୋଳନ ଓ ଓଡିଶା ନଦୀ ସୁରକ୍ଷା ସମିତି ତରଫରୁ ଭୁବନେଶ୍ୱରଠାରେ ଆୟୋଜିତ ଓଡିଶା ନଦୀ ସୁରକ୍ଷା ସମ୍ମିଳନୀରେ ଯୋଗ ଦେଇ ଡଃ ସିଂ କହିଛନ୍ତି ଯେ ସରକାର ନଦୀ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ ସେଗୁଡିକର ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବା ଜରୁରୀ। ସରକାର ତୁରନ୍ତ ଜଳସମ୍ପଦ ବିଭାଗ, ବିଶେଷଜ୍ଞ, ନଦୀ ଆନ୍ଦୋଳନର କର୍ମୀ ତଥା ନାଗରିକ ସମାଜର ଏକ ମିଳିତ ସମ୍ମିଳନୀ ଆୟୋଜନ କରି ନଦୀ ସମସ୍ୟାଗୁଡିକୁ ନିରୂପଣ କରିବା ସହିତ ସମାଧାନର ରାସ୍ତା ବାହାର କରିବାର ଆବଶ୍ୟକ ରହିଛି ବୋଲି ଡଃ ସିଂ ମତ ଦେଇଛନ୍ତି।

ଅନ୍ୟତମ ଅତିଥି ଭାବରେ ଯୋଗଦେଇ ପୂର୍ବତନ ପ୍ରଶାସକ ଅରବିନ୍ଦ ବେହେରା କହିଛନ୍ତି ଯେ ବିକାଶ ନାମରେ ବିନାଶ ଯେମିତି ଗ୍ରହଣୀୟ ନୁହଁ, ଠିକ୍ ସେମିତି ଅସ୍ମିତା ନାମରେ ନିଜର ଅସ୍ତିତ୍ୱ ହରାଇଲା ଭଳି ପଦକ୍ଷେପ ଆଦୌ ସ୍ପୃହଣୀୟ ନୁହଁ। ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ ସାମନ୍ତରାୟ ଓଡ଼ିଶାର ସମସ୍ତ ନଦୀ ଆନ୍ଦୋଳନକୁ ସଂଯୋଜିତ କରି ଏକ ବ୍ୟାପକ ଜନଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିବା ବେଳେ

### ନଦୀଗୁଡ଼ିକର ସ୍ୱାସ୍ଥ୍ୟ ଠିକ୍ ନ ରହିଲେ ଓଡ଼ିଶାର ସ୍ୱାସ୍ଥ୍ୟ ଠିକ୍ ରହିବ ନାହିଁ: ରାଜେନ୍ଦ୍ର ସିଂ

ବିଶିଷ୍ଟ ପ୍ରଶାସକ ଓ ଲେଖକ ସଂଜୀବ ହୋତା ତାଙ୍କ ବକ୍ତବ୍ୟରେ ଓଡ଼ିଶାର ବିଭିନ୍ନ ନଦୀର ସ୍ୱାସ୍ଥ୍ୟ ଅବସ୍ଥାର ଅବନତିର କାରଣ ଖୋଜିବା ଏବଂ ଏହାର ନିରାକରଣ କରି ନଦୀ ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଓଡ଼ିଶାରେ ନଦୀ ଆନ୍ଦୋଳନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ ନଦୀର ସମ୍ବଳ ଉପରେ ଅଧିକାର ମାଗିବା ପାଇଁ ସମସ୍ତେ ତତ୍ପର। ମାତ୍ର ବର୍ତ୍ତମାନ ପାଣି ଓ ଜମି ଉପରେ ନଦୀର ଅଧିକାର ସାବ୍ୟସ୍ତ କରିବାର ସମୟ ଉପନୀତ। ନଦୀ ଆନ୍ଦୋଳନର କର୍ମୀମାନେ ଏଥିପ୍ରତି ଧ୍ୟାନ ଦେବା ପାଇଁ ସେ ନିବେଦନ କରିଥିଲେ। ଦୟା ନଦୀର ପୁନରୁଦ୍ଧାର ସହିତ ସ୍ଲରି ପାଇପ ଲାଇନରେ ବୈତରଣୀ ପାଣିକୁ ବ୍ୟବହାର କରି ଲୁହା ଗୁଣ୍ଡ ପରିବହନକୁ ନିଷିଦ୍ଧ କରିବା, ଶିଳ୍ପ ସଂସ୍ଥା ଓ ସହରର ଆବର୍ଜନ ଇତ୍ୟାଦିକୁ ନଦୀକୁ ସିଧାସଳଖ ନ ପକାଇବା, ନଦୀର ସ୍ୱାସ୍ଥ୍ୟକୁ ଠିକ୍ ରଖିବା ପାଇଁ ଶିଳ୍ପ ସଂସ୍ଥାମାନଙ୍କୁ ଦାୟିତ୍ୱ ଦେବା, ନଦୀ ସଂକ୍ରାନ୍ତରେ ଶ୍ୱେତପତ୍ର ଓ ନଦୀ ନୀତି ପ୍ରଣୟନ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

# ମହିଳା ସଶକ୍ତୀକରଣରେ ଓଡ଼ିଶା ପ୍ରେରଣା ହେବ : ମୁଖ୍ୟମନ୍ତ୍ରୀ



**କଟକ,୧୩।୬(ସମିସ):** ଚଳିତବର୍ଷ ବଜେଟ୍‌ରେ କେବଳ ମହିଳାଙ୍କ ପାଇଁ ୮୯ ହଜାର ୮୬୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମହିଳା ସଶକ୍ତୀକରଣରେ ଓଡ଼ିଶା ଦେଶର ଏକ ମଡେଲ ରାଜ୍ୟ ଭାବରେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା କଟକର ବାଲିଯାତ୍ରା ପଡ଼ିଆଠାରେ ରାଜ୍ୟସ୍ତରୀୟ ନାରୀ ଶକ୍ତି ସମାବେଶରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଥିଲେ ଯେ ନାରୀମାନଙ୍କ ସଶକ୍ତୀକରଣ ପାଇଁ ସବୁଠୁ ଯୁଗାନ୍ତକାରୀ ଯୋଜନା ହେଉଛି ସୁଭଦ୍ରା ଯୋଜନା। ଓଡ଼ିଶା ବର୍ତ୍ତମାନ "ଲକ୍ଷପତି ଦିଦି" ସୃଷ୍ଟି କରିବାରେ ସମଗ୍ର ଭାରତରେ ପ୍ରଥମ ସ୍ଥାନରେ ଅଛି। ଆମେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିଛୁ ବୋଲି ସେ କହିଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନାରୀ ଶକ୍ତିର ଅମୃତ ଚେତନାରେ ଉଦ୍ଦୀପିତ ହୋଇ ଏକ ବିକଶିତ, ସମୃଦ୍ଧ ଏବଂ ଗର୍ବିତ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପ ନେବା ପାଇଁ ଆହ୍ୱାନ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ଆଗାମୀ ବର୍ଷରେ ପ୍ରତି ପରିବାରର ଜଣେ ଲକ୍ଷପତି ଦିଦି ଓ ପ୍ରତି ପଞ୍ଚାୟତରେ ଜଣେ କରୋଡ଼ ପତି ଦିଦି ସୃଷ୍ଟି କରାଯିବ। ଏହି ଅବସରରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପୋଷଣ ଅଭିଯାନରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତରର ବିଭିନ୍ନ ଲିଖିତ ଓ ଫଟୋ ଚିତ୍ର ସମ୍ବଳିତ ଏକ କଫି ଟେବୁଲ ବୁକ ମୁଖ୍ୟମନ୍ତ୍ରୀ ଓ ସମସ୍ତ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିସହିତ ମହିଳା ସଶକ୍ତିକରଣ ବିଭାଗ ଦ୍ୱାରା ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳା ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ଓ ବିଭୁପ୍ରସାଦ ତରାଇ, ବିଧାୟକ ପ୍ରକାଶ ସେଠୀ, ବିଜୟ ଦଳବେହେରା, ଛବି ମଲ୍ଲିକ ଓ ସାରଦା ପ୍ରସାଦ ପ୍ରଧାନ ଏବଂ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

# କଟକ ସିଟି



## ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ ଘଟଣା

# ୨ ମାଫିଆ ଗିରଫ; ମୁଖ୍ୟ କାର୍ପଟ୍‌ଦାର ଫେରାର୍

କଟକ, ୧୩।୬(ସମିସ)



ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ଘଟଣାରେ ୨ ନିଶା ମାଫିଆଙ୍କୁ ଚୌଦ୍ୱାର ଥାନା ପୁଲିସ କାବୁ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଅଞ୍ଚଳର ଅଜୟ କୁମାର ଛୋଟରାୟ(୩୮) ଓ ବିବେକ ରଞ୍ଜନ ପ୍ରଧାନ(୨୦)। ଏମାନଙ୍କ ପାଖରୁ ୨ଟି ଦାମୀ କାର ସହିତ ୨ କ୍ୱିଣ୍ଟାଲ ଓଜନର ଗଞ୍ଜେଇ ଜବତ ହୋଇଛି। ଆଜି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତକାଲି ଚୌଦ୍ୱାର ପୁଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସୂଚନା ମିଳିଥିଲା ଯେ, ରାଜପଥରେ କୌଣସି ଏକ ଦାମୀ ଗାଡିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରାଯାଉଛି। ଏହାପରେ ପୁଲିସ ଟିମ ୫୫ ନଂ ଜାତୀୟ ରାଜପଥରେ ପାଟ୍ରୋଲିଂକୁ ଆହୁରି ଜୋରଦାର କରିଥିଲା। ଏତିକି ବେଳେ ଆଗପଛ ହୋଇ ଯାଉଥିବା ୨ଟି ଇନୋଭା ଓ ମାରୁତି ଫ୍ରୋନକ୍ସ କାର ଦେଖି ପୁଲିସର ସନ୍ଦେହ ହୋଇଥିଲା। ତେବେ ପୁଲିସ ଟିମ ଉକ୍ତ ଗାଡି ୨ଟିକୁ ଅଟକାଇବାକୁ ଉଦ୍ୟମ ବେଳେ ଚାଳକ ଦ୍ୱୟ ଗାଡି ଅଟକାଇ ନଥିଲେ। ବରଂ ଦ୍ରୁତ ବେଗରେ ଖସିଯିବାକୁ ଉଦ୍ୟମ କରିଥିଲେ। ପୁଲିସ ପିଛା କରି ନୂଆପାଟଣା ଛକ ନିକଟ କଫି ବାର ଛକରେ ଗାଡି ଦୁଇଟିକୁ ଅଟକାଇଥିଲା। ଏହାପରେ ବି ଗାଡିରେ ଥିବା ଅଭିଯୁକ୍ତ ଦ୍ୱୟ ଖସିଯିବାକୁ ଉଦ୍ୟମ କରି ଧରାପଡ଼ିଥିଲେ। ପୁଲିସ ଗାଡିର ତଲାସି ନେବାରୁ ଇନୋଭା ଗାଡି ଭିତରୁ ୧୯୬ଟି ପଲିଥିନ ପ୍ୟାକେଟ ମିଳିଥିଲା। ଯେଉଁଥିରେ ମୋଟ ୧୯୮ କିଲୋ ୫୦୦ ଗ୍ରାମର ଗଞ୍ଜେଇ ରହିଥିଲା। ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ। ପୁଲିସ ନିଶାଦ୍ରବ୍ୟ, ଗାଡି ଜବତ କରିବା ସହ ଅଭିଯୁକ୍ତ ଅଜୟ ଓ ବିବେକକୁ ଥାନାକୁ ଧରିଆଣିଥିଲା। ପଚରାଉଚରା କରିବାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଦ୍ୱୟ ଫୁଲବାଣୀରୁ ଉକ୍ତ ଗଞ୍ଜେଇ ନେଇ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ଗଞ୍ଜେଇ ଭର୍ତ୍ତି ଇନୋଭା (ଓଡି-୩୩-ଏଆର-୨୨୦୦) ଗାଡିକୁ ଏସକର୍ଟ ବା ସୁରକ୍ଷା ଯୋଗାଇ ଦେଉଥିଲା

**ଫୁଲବାଣୀରୁ ହେଉଥିଲା ରାଜ୍ୟ ବାହାରକୁ ଚାଲାଣ**

ମାରୁତି(ଓଡି-୦୨-ଏବି-୧୪୯୪) ଗାଡି। ଏଥିପାଇଁ ରାଜପଥରେ ଇନୋଭା ଆଗେ ଆଗେ ମାରୁତି ଗାଡି ଯାଉଥିଲା। ପୂର୍ବରୁ ମଧ୍ୟ ଅଭିଯୁକ୍ତମାନେ ସମାନ ତରିକାରେ ବହୁବାର ରାଜ୍ୟ ବାହାରୁ ଗଞ୍ଜେଇ ଚାଲାଣ କରିଆସୁଥିଲେ। ଏକ ସଂଗଠିତ ଆନ୍ତଃରାଜ୍ୟ ରାକେଟ ଏହି କାରବାରରେ ସକ୍ରିୟ ରହିଛି। ତେବେ ଧରପଗଡ଼ ସମୟରେ ଆଉ କିଛି ଅଭିଯୁକ୍ତ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି। ମୁଖ୍ୟ କାର୍ପଟଦାର ସହିତ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢଉ ଜାରି ରହିଥିବା ସୂଚନା ଦିଆଯାଇଛି।

# ୧୩ନଂ ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



**କଟକ, ୧୩।୬(ସମିସ):** କଟକ ମହାନଗର ନିଗମ(ସିଏମସି) ଅନ୍ତର୍ଗତ ୧୩ ନଂ ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ନିଗମର ଅଣଦେଖା ଏଠାକାର ବାସିନ୍ଦାଙ୍କୁ ହନ୍ତସନ୍ତ କରୁଛି। ପ୍ରାୟ ୨୦ଦିନ ହେବ ୱାର୍ଡରେ ସଫେଇ କାର୍ଯ୍ୟ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ନାଳନର୍ଦ୍ଦମା ଅଳିଆ, ଆବର୍ଜନାରେ ଭରି ରହିଛି। ବର୍ଷାଦିନ ହେତୁ ସ୍ଥାନୀୟ ପରିବେଶ ଦୁର୍ଗନ୍ଧରେ ଫାଟି ପଡ଼ିଲାଣି। ନିଗମର କମିଶନରଙ୍କୁ ଏ ବାବଦରେ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି କର୍ପୋରେଟର ସତ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି।

ଅଭିଯୋଗ ମୁତାବକ, ସିଏମସି ଅଧିନ ଅଞ୍ଚଳ ସଫେଇ ନିମନ୍ତେ ପ୍ରତ୍ୟୁଷ ନାମକ ସଂସ୍ଥାକୁ ଠିକା ଭିତ୍ତିରେ ଦାୟିତ୍ୱ ଦିଆଯାଇଛି। ମାତ୍ର ଏହି ସଂସ୍ଥା ସମ୍ପୂର୍ଣ୍ଣ ମନୋମୁଖୀ କାର୍ଯ୍ୟ କରୁଛି। ୧୩ନଂ ୱାର୍ଡରେ ମୋଟ ୩୦ଜଣ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବା ଆବଶ୍ୟକ। ହେଲେ ୧୦ରୁ୧୨ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଫଳରେ ସମ୍ପୂର୍ଣ୍ଣ ୱାର୍ଡ ସଫା କରିବାରେ ସମସ୍ୟା ହେଉଛି। ମେହେନ୍ଦିପୁର, କାଜିବଜାର, ବାଲୁବଜାର, ଗଙ୍ଗାମନ୍ଦିର ଅଞ୍ଚଳକୁ ସଂଯୋଗ କରିଥିବା ରାସ୍ତାରେ ନିୟମିତ ଅଳିଆ, ଆବର୍ଜନା ଜମା ହୋଇ ରହୁଛି। ଏହାଛଡ଼ା ନାଳ ଗୁଡିରେ ଆବର୍ଜନା ଭର୍ତ୍ତି ହୋଇ ରହିବା ସହ ମଶାବଂଶ ବୃଦ୍ଧି ପାଇଲାଣି। କର୍ପୋରେଟର

- **ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ**
- **ନିୟମିତ ସଫେଇ ହେଉନଥିବା ଅଭିଯୋଗ**

ସତ୍ୟରଞ୍ଜନଙ୍କ କହିବା ମୁତାବକ, ସମ୍ପୃକ୍ତ ଠିକା ସଂସ୍ଥା ଓ ନିଗମର କେତେକ ଅଧିକାରୀଙ୍କ ଭିତରେ ମଧୁଚନ୍ଦ୍ରିକା ରହିଛି। ଫଳସ୍ୱରୂପ ଠିକା ସଂସ୍ଥା ବିରୋଧରେ ଅଭିଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁନି। ଠିକା ସଂସ୍ଥା କାମ କରୁନାହିଁ। କମ୍ ସଫେଇ କର୍ମଚାରୀ ନିୟୋଜିତ କରି ଅଧିକ ଟଙ୍କା ଉଠାଣ କରୁଛି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିଲେ ସୁଦ୍ଧା ନିଗମ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ବର୍ଷା ଦିନ ଆରମ୍ଭ ହୋଇ ସାରିଲାଣି। ଏବେ ଠାରୁ ନଳା ଗୁଡିକ ସଫା କରାଯାଉ ନାହିଁ। ପଙ୍କୋଦ୍ଧାର କେଉଁ ପରିସ୍ଥିତିରେ ହେବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଲାଣି। ନିଗମ ଏଥି ପ୍ରତି ଗୁରୁତ୍ୱଦେବାକୁ ସେ ନିବେଦନ କରିଛନ୍ତି।

# ଆଦୃତ ଶିଶୁ ସଦନରେ ରଜ ଉତ୍ସବ ପାଳିଲେ ବିଧାୟିକା



**କଟକ, ୧୩।୬(ସମିସ):** ଶେଖବଜାର ସ୍ଥିତ ଆଦୃତ ଶିଶୁ ସଦନରେ କୁନି କୁନି ପିଲାମାନଙ୍କ ସହିତ ବିଧାୟିକା ସୋଫିଆ ଫିରଦୋସ ରଜ ଉତ୍ସବ ପାଳନ କରିଛନ୍ତି। ଆଜି ରଜ ସଜବାଜ ଅବସରରେ ବିଧାୟିକା ପିଲାମାନଙ୍କୁ ପାଇଁ ଡ୍ରେସ, ଚୁଡି, ମେହେନ୍ଦି, ଲିପଷ୍ଟିକ, ଅଳତା ଆଦି ସମସ୍ତ ପ୍ରକାର ସଜବାଜ ସାମଗ୍ରୀ ପ୍ରଦାନ କରି ପିଲାମାନଙ୍କୁ ନିଜେ ବିଧାୟିକା ମେହେନ୍ଦି ଲଗେଇ ସଜବାଜ କରିଥିଲେ। ଏହି ଅବସରରେ ପିଲାମାନେ ନାଚ ଓ ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଡ଼ିଆ ସଂସ୍କୃତିର ଅନ୍ୟତମ ନିଆରା ପର୍ବ ରଜକୁ କୁନି କୁନି ପିଲାମାନଙ୍କ ସହ ବେଶ୍ ହସ ଖୁସିର ସହ ପାଳନ କରିବା ସହ ପୋଡପିଠା ଓ ଛେନାପୋଡ ଆଦି ପାରମ୍ପରିକ ଖାଦ୍ୟ ମଧ୍ୟ ବିଧାୟିକା ପିଲାମାନଙ୍କ ସହିତ ମିଶି ଖାଇଥିଲେ। ପ୍ରାରମ୍ଭରୁ ପିଲାମାନେ ବିଧାୟିକା ସୋଫିଆ ଫିରଦୋସଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ଶେଷରେ ଆଦୃତ ଶିଶୁ ସଦନର ପ୍ରତିଷ୍ଠାତା ଆଦିତ୍ୟ ମହାନ୍ତି ବିଧାୟିକାଙ୍କୁ ପିଲାମାନଙ୍କ ସହିତ ତାଙ୍କର ବହୁମୂଲ୍ୟ ସମୟ ବିତାଇଥିବାରୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକି ଚକ୍ରବର୍ତ୍ତୀ, ସୋନୁ ସ୍ୱାଇଁ, ସତ୍ୟଶ୍ରୀ ବେହେରା, ଅନୀତା ବେହେରା, ମାମାନୀ ମିଶ୍ର, ରୌପ୍ୟ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।

# ଜାତୀୟ ଯୋଗ ବିଚାରକ ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ୯




**କଟକ, ୧୩।୬(ସମିସ):** ପଞ୍ଜାବର ପଟିଆଲା ଠାରେ ଥିବା ଏସିଆର ସର୍ବବୃହତ୍ତ କ୍ରୀଡା ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏନ୍‌ଆଇଏସ୍‌ରେ ଯୋଗାସନ ଭାରତ ଏବଂ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ ତରଫରୁ ଜାତୀୟ ସ୍ତରୀୟ ଯୋଗ ବିଚାରକ (ଟେକ୍‌ନିକାଲ୍ ଅଫିସିଆଲ) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗାସନ ସ୍ପୋର୍ଟସ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ୯ ଜଣିଆ ଟିମ୍ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମୁଖାର୍ଜୀଙ୍କ ତତ୍ତ୍ୱାବଧାନରେ ମମତା ରାଣୀ ସାହୁ (ରାଜ୍ୟ ଯୁଗ୍ମ ସମ୍ପାଦକ), ରିଙ୍କୁ ଟଙ୍କ (ସାଧାରଣ ସମ୍ପାଦକ, କଟକ), ଗିରିଜା ଶଙ୍କର ଶତପଥୀ (ଯୁଗ୍ମ ସମ୍ପାଦକ, କଟକ), ବସନ୍ତ କୁମାର ଖିଲାର (ସାଧାରଣ ସମ୍ପାଦକ, ଭଦ୍ରକ), କବିତା ମହନ୍ତ ( ଯୁଗ୍ମ ସମ୍ପାଦକ, ମୟୂର ଭଞ୍ଜ), ସଞ୍ଜୟ କୁମାର ମିଶ୍ର, ନିବେଦିତା ସାହୁ ଓ ମଧୁସ୍ମିତା ସେନାପତି ଯୋଗ ଦେଇଥିଲେ। ଆଗାମୀ ଭବିଷ୍ୟତରେ ହେବାକୁ ଥିବା ବିଭିନ୍ନ ରାଜ୍ୟ ଓ ଜାତୀୟ କାର୍ଯ୍ୟଶାଳା ପାଇଁ ଏହି ସଦସ୍ୟମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଜାତୀୟ ସ୍ତରରେ ବିଭିନ୍ନ ଯୋଗ ପ୍ରତିଯୋଗିତାରେ ଏହି ବିଚାରକମାନେ ଯୋଗାସନ ଭାରତ ତରଫରୁ ଦାୟିତ୍ୱ ବହନ କରିବେ। ଏପରିକି ଏସିଆନ ଗେମ୍ସ, ଖେଲୋ ଇଣ୍ଡିଆ, ଅସ୍ମିତା ପରି ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରିବେ, ଯାହା କି ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହେବ। ପ୍ରଶିକ୍ଷଣ ହାସଲ କରିଥିବା ବିଚାରକମାନଙ୍କୁ ରାଜ୍ୟରେ ପ୍ରତିଭାବାନ ପ୍ରଶିକ୍ଷକ ଚୟନ କରିବା ଦାୟିତ୍ୱ ଦିଆଯାଇଛି।

# ‘ଉତ୍କଳ ତସ୍ରିକା’ ପକ୍ଷରୁ ରଜ ଉତ୍ସବ




**କଟକ, ୧୩।୬(ସମିସ):** ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ କଟକର ‘ଉତ୍କଳ ତସ୍ରିକା’ ମହିଳା ସଂଗଠନର ସଦସ୍ୟାମାନେ ମହାନଦୀବିହାର ସ୍ଥିତ ତଥାସ୍ତୁ କନଭେନସନ ପ୍ରେକ୍ଷାଳୟରେ ଏକ ପାରମ୍ପାରିକ ଢଙ୍ଗରେ ରଜ ଉତ୍ସବ ପାଳନ କରିଥିଲେ। କଟକ, ଭୁବନେଶ୍ୱର ସମେତ ଓଡ଼ିଶାର ଅନ୍ୟ କେତେକ ଜିଲ୍ଲାରୁ ମଧ୍ୟ ପ୍ରାୟ ୬୦ରୁ ୭୦ଜଣ ମହିଳା ଏଥିରେ ଯୋଗଦେଇଥିଲେ। ପାନଖିଆ, ରଜଦୋଳି ଗୀତ ଠାରୁ ଆରମ୍ଭ କରି ଲୁଡୁଖେଳ, ତାସ୍ ଖେଳ, ବିଭିନ୍ନ ପ୍ରକାର ପିଠା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ରହିଥିଲା। ଓଡ଼ିଶାରୁ ଦିନକୁ ଦିନ ଲୋପ ପାଇବାକୁ ବସିଥିବା ଆମ ସଂସ୍କୃତିକୁ ପୁଣିଥରେ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଯୁବପୀଢିଙ୍କୁ ବାର୍ତ୍ତା ପ୍ରଦାନ କରିବାର ପ୍ରୟାସ କରିଥିଲେ। ଓଡ଼ିଶାର ହସ୍ତତନ୍ତ ଓ ବୁଣାକାରଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଉଥିବା ସହ ଓଡ଼ିଶାର ପ୍ରାଚୀନ ପରମ୍ପରାକୁ ପୁନର୍ଜୀବିତ କରିବାର ପ୍ରୟାସ ଜାରି ରଖିଥିବା ଏହି ମହିଳା ସଙ୍ଗଠନକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ‘ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା’ କର୍ମଶାଳା

**କଟକ, ୧୩।୬(ସମିସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ‘ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉକ୍ତ କର୍ମଶାଳାରେ ଯୋଗଦେଇ କହିଥିଲେ ଯେ ବିକଶିତ ଜିଲ୍ଲା ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ଜିଲ୍ଲାର କୃଷି ଓ କୃଷକମାନଙ୍କୁ ସଶକ୍ତ କରାଯାଉଛି। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସହକାରୀ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ‘ସଫଳତାର ବର୍ଷ ଏକ, କଟକ ପ୍ରଗତିର ପ୍ରତୀକ’ ଶୀର୍ଷକ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

# ପଦ୍ମଶ୍ରୀ ଡ. ସଦାଶିବ ମିଶ୍ରଙ୍କ ଜୟନ୍ତୀ




**କଟକ, ୧୩।୬(ସମିସ):** ବନ୍ଦେ ଉତ୍କଳ ପକ୍ଷରୁ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପଦ୍ମଶ୍ରୀ ଡ. ସଦାଶିବ ମିଶ୍ରଙ୍କ ୧୧୬ ତମ ଜୟନ୍ତୀ ଉତ୍ସବ ବଙ୍ଗାଳି ସାହି ସ୍ଥିତ ମା’ ଶାରଳା ସଦନ ଠାରେ ପାଳିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସ, ଟିକି ଦୁନିଆର ସମ୍ପାଦିକା ନମିତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଛାଟୋଇ, ଅରୁଣ ଅଗ୍ରୱାଲ, ଭୁବନାନନ୍ଦ ମହାନ୍ତି, ତ୍ରିଲୋଚନ ପଣ୍ଡା, ଅପର୍ତ୍ତୀ ଚରଣ ପଣ୍ଡା ପ୍ରମୁଖ ଡ. ମିଶ୍ରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାପତି ଶ୍ରୀ ଦାସ ସ୍ୱର୍ଗତ ଶ୍ରୀ ମିଶ୍ରଙ୍କୁ ଓଡ଼ିଶାର ପ୍ରବୀଣ ଶିକ୍ଷାଗୁରୁ ଭାବେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

# ଛାତ୍ର ବିଜେଡି ପକ୍ଷରୁ ଦୀପଦାନ



**କଟକ, ୧୩।୬(ସମିସ):** ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପରେ ସମଗ୍ର ଭାରତରେ ଶୋକପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ମୃତ ଯାତ୍ରୀଙ୍କ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଆଜି କଟକ ଛାତ୍ର ବିଜେଡି ପକ୍ଷରୁ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ସମୂହ ଦୀପଦାନ କରାଯାଇଥିଲା। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ମହାନଗର ସଭାପତି ସଞ୍ଜୟ ପଟ୍ଟନାୟକ, ମିତ୍ରଜିତ ପଟ୍ଟନାୟକ, ସାଗର କୁମାର ବେହେରା, ଓମ୍ ଶିବ ଦାଶ, ବିଶାଲ ସାହୁ, ସୌମ୍ୟରଞ୍ଜନ ମଲ୍ଲିକ, ସ୍ୱୋପନ୍ କୁମାର ମହାପାତ୍ର, ପ୍ରଥକ ହାତୀଙ୍କ ବିଭିନ୍ନ କଲେଜର ଛାତ୍ରନେତାମାନେ ଉପସ୍ଥିତ ଥିଲେ।

# ସରିଲା ସଜବାଜ; ଆଜି ପହିଲି ରଜ

କଟକ, ୧୩।୬(ସମିସ)






ରୌପ୍ୟନଗରୀରେ ଆଜି ଶେଷ ହୋଇଛି ସଜବାଜ। ଆସନ୍ତା କାଲି ତମାମ ସହର ପାଳିବ ପହିଲି ରଜ। ଏହି ପର୍ବ ଆନନ୍ଦ ଉଲ୍ଲାସର ପର୍ବ। ଯାହାକୁ ପ୍ରତ୍ୟେକ ଓଡ଼ିଆ ଅପେକ୍ଷା କରି ରହିଥାନ୍ତି। ପୋଡ଼ପିଠା ଠାରୁ ଆରମ୍ଭ କରି ରଜ ପାନ ଖିଆ ଓ ଦୋଳି ଖେଳ ପର୍ବକୁ ଆହୁରି ଆକର୍ଷଣୀୟ କରିଥାଏ। ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମିଶି ଏହାକୁ ପାଳନ କରୁଥିବାରୁ ଓଡ଼ିଶାର ଏହା ଏକ ପ୍ରସିଦ୍ଧ ଗଣପର୍ବ ଭାବେ ପରିଚିତ।

ଏଠାରେ ଗାଁ ଭଳି ରଜ ୩ ଦିନ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗିବ। ବିଶେଷକରି କଟକ ସହରର ଘରେ ଘରେ ପୋଡପିଠା ପ୍ରସ୍ତୁତ କରାଯାଏ। ଏଥିସହ ସହରର ଏକାଧିକ ଦୋକାନ ଗୁଡିକରେ ପୋଡ଼ପିଠା ବିକ୍ରି ହେଉଛି। ରଜ ପାଇଁ ସହରର ସଫି ମଲ ସମ୍ମୁଖରେ ବ୍ୟବସାୟୀ ମାନେ ମେହେନ୍ଦି ପସରା ଖୋଲିଛନ୍ତି। ଗୋଟିଏ ହାତ ପିଛା ମେହେନ୍ଦି ଦର ୨୦୦ ଟଙ୍କା ରହିଥିବାବେଳେ ଡିଜାଇନ ଅନୁଯାୟୀ ଦର ରହିଛି। କଟକରେ ଥିବା ସଫି ମଲ ସମ୍ମୁଖରେ ଏହି ମେହେନ୍ଦି ବ୍ୟବସାୟୀମାନେ ବ୍ୟବସାୟ କରୁଛନ୍ତି। ସେଠାରେ ଯୁବତୀଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି। ସେହିପରି ରଜ ପାଇଁ କଟକ ସହରର ବକ୍ସିବଜାର, ରାଣୀହାଟ, ମଙ୍ଗଳାବାଗ, ବାଦାମବାଡ଼ି ଠାରେ ରଜ ପାନ ଦୋକାନ ଖୋଲିଛି ଏବଂ ଦୋଳମୁଣ୍ଡାଇ ଠାରେ ବନାରାସୀ ପାନ ଦୋକାନ ଖୋଲିଛି। ଯେଉଁଥିରେ ୫୦ରୁ ୮୦ ପ୍ରକାରର ମସଲା ବ୍ୟବହାର କରାଯାଇଛି। ପାନ ଦର ୧୦ରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଯେଉଁଥିରେ ମିଠା ପାନ ଗୋଟା ୧୦ଟଙ୍କା, କାଜୁ-ପିସ୍ତା ପାନ ୩୦ ଟଙ୍କା, ଚକୋଲେଟ ପାନ ୫୦ ଟଙ୍କା, ଫାୟାର ପାନ ଓ ବନାରସୀ ପାନ ୨୦ ଟଙ୍କା, ଏ-୧ ସ୍ପେସାଲ ପାନ ୧୦୦ ଟଙ୍କା ରହିଛି।

### ପାନ୍ଥନିବାସ ଓ ସିଲଭରସିଟି ବୋଟିଂ କ୍ଲବ୍‌ରେ ଜମିବ ପୋଡପିଠା ଓ ରଜପାନର ପସରା

# ଏଥର ଦୁଇ ଲକ୍ଷ ଟଙ୍କାର ବିକ୍ରି ଲକ୍ଷ୍ୟ

**କଟକ, ୧୩।୬(ସମିସ):** ଆଜି ସଜବାଜ ପାଇଁ ଭାଇଚାରାର ସହର କଟକ ବେଶ ଗହଳ ଚହଳ ହୋଇପଡ଼ିଥିବା ବେଳେ ଆସନ୍ତାକାଲି ପହିଲି ରଜର ସକାଳ ବିଭିନ୍ନ ରକମର ପିଠା ବିଶେଷ କରି ପୋଡପିଠାର ବାସ୍ନାରେ ମହକିବ। ଏଥିପାଇଁ କଟକ ସହରର କେତେକ ଅନୁଷ୍ଠାନ ପକ୍ଷରୁ ଚୂଡାନ୍ତ ହୋଇଛି ପ୍ରସ୍ତୁତି। ଶନିବାର ପହିଲି ରଜ ପଡୁଥିବା ବେଳେ ଏଥର ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ହୋଇଛି ବ୍ୟାପକ ପ୍ରସ୍ତୁତି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ରହିଥିବା କଟକ ପାନ୍ଥନିବାସ ପକ୍ଷରୁ ରଜ ପର୍ବରେ ପିଠା ପ୍ରସ୍ତୁତି ଜୋରଦାର ହୋଇଛି। ପାନ୍ଥନିବାସ ପକ୍ଷରୁ ଚଳିତ ବର୍ଷର ରଜ ପର୍ବ ଅବସରରେ ବିଭିନ୍ନ କିସମର ପିଠା ତିଆରି ହେଉଥିବାର ଜଣାପଡ଼ିଛି। ମଣ୍ଡା, ଆରିସା, ପୋଡ ପିଠା, କାକରା, ଗଜା ଆଦି ପିଠା ପ୍ରସ୍ତୁତ କରାଯାଇଛି। ଏହି ସବୁ ସିଲଭରସିଟି ବୋଟ କ୍ଲବ ଓ ପାନ୍ଥନିବାସ ଠାରେ ବିକ୍ରି ହେବ। ଗ୍ରାହକ ମାନେ ଏଠାରେ ବସି ଖାଇପାରିବେ ଓ ଘରକୁ ବି କିଣି କରି ନେଇପାରିବେ ବୋଲି କୁହନ୍ତି ପାନ୍ଥନିବାସର ପରିଚାଳକ। ପହିଲି ରଜ ଦିନ ପ୍ରତ୍ୟେକ ଓଡିଆଙ୍କ ଘରେ ପୋଡ ପିଠା ହୋଇଥାଏ। କଟକରେ ମଧ୍ୟ ବିଭିନ୍ନ ସ୍ଥାନରେ ପୋଡ ପିଠା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ପାନ୍ଥନିବାସ ପକ୍ଷରୁ ଏଭଳି ପିଠା ପ୍ରଦର୍ଶନୀ ଓ ବିକ୍ରି କରାଯିବ। ପାନ୍ଥନିବାସରେ ଏଥର ମଧ୍ୟ ପ୍ରାୟ ଦୁଇ ଲକ୍ଷ ଟଙ୍କାର ପିଠା ବିକ୍ରି ହେବ ବୋଲି କୁହାଯାଇଛି। ପିଠା ଗୁଡିକ ମଧ୍ୟରେ ପୋଡ ପିଠା ଓ ଆରିସା ପିଠାର ବେଶୀ ଡିମାଣ୍ଡ ରହିଥାଏ। ଏଥର ପୋଡ ପିଠା କିଲୋ ୪୦୦ଟଙ୍କା ରହିଥିବା ବେଳେ ମଣ୍ଡା, ଆରିସା ଓ କାକରା ଆଦି ଗୋଟା ୨୦ଟଙ୍କା ରହିଛି। ପୋଡ ପିଠା ଘରେ ତିଆରି ନକରି ପ୍ରତିବର୍ଷ କେତେକ ଲୋକ ପାନ୍ଥନିବାସରୁ ଯାଇ କିଣିଥାନ୍ତି। ଗତ ବର୍ଷ ପାନ୍ଥ ନିବାସ ପକ୍ଷରୁ ମୋଟ ୧ଲକ୍ଷ ୩୬ ହଜାର ଟଙ୍କାର ପିଠା ବିକ୍ରି ହୋଇଥିଲା।

THE SAKALA

# ସମ୍ପାଦକୀୟ



ଐତିହ୍ୟ ଉପରେ ବୋଝ ହୁଅ ନାହିଁ କିମ୍ବା ବୋଝ ବୋଲି ଚିନ୍ତା କର ନାହିଁ।
-ରବି ରବର୍ଟସନ୍

## ଦୁଃଖଦ ଉଡ଼ାଣ

ଅହମ୍ମଦାବାଦରୁ ଲଣ୍ଡନ ଅଭିମୁଖେ ଯାତ୍ରା କରୁଥିବା ଏୟାର ଇଣ୍ଡିଆର ୧୭୧ ବିମାନ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ୨୩୦ ଯାତ୍ରୀ ଓ ୧୨ ବିମାନ କର୍ମଚାରୀ ପ୍ରାଣ ହରାଇଥିବାର ଅନୁମାନ କରାଯାଉଛି। ତେବେ ଏହି ଦୁଃଖଦ ଘଟଣାକ୍ରମରେ ଚକିତ କଲା ଭଳି ଗୋଟିଏ ଖବର ହସ୍ତଗତ ହୋଇଛି। ସିଟ୍ ନମ୍ବର ୧୧ ଏ ଯାତ୍ରୀ ରମେଶ ବିଶ୍ୱାସକୁମାର ଏକମାତ୍ର ବ୍ୟକ୍ତି ଯେ କି ଜୀବିତାବସ୍ଥାରେ ଦୁର୍ଘଟଣାଗ୍ରସ୍ତ ବିମାନରୁ ବାହାରି ଆସି ନିଜର ପରିଚୟ ଦେଇଥିଲେ। ଗୁରୁତର ଭାବେ ଆହତ ହୋଇଥିଲେ ମଧ୍ୟ ସେ କଥା କହିବାକୁ ସକ୍ଷମ ଥିବାରୁ ତାଙ୍କଠାରୁ ତଥ୍ୟ ସଂଗ୍ରହ କରାଯାଇଛି। ୨୩୦ ଯାତ୍ରୀଙ୍କ ମଧ୍ୟରେ ଥିଲେ ୬୯ ଜଣ ଭାରତୀୟ, ୫୩ ବ୍ରିଟିଶ, ଜଣେ କାନାଡ଼ା ଓ ୭ ଜଣ ପର୍ତ୍ତୁଗୀଜ୍ ନାଗରିକ। ଯାତ୍ରୀବାହୀ ବିମାନଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆନ୍ତର୍ଜାତିକ ବିମାନ ବନ୍ଦର ସଂଲଗ୍ନ ବିଜେ ମେଡିକାଲ କଲେଜ୍‌ର ଛାତ୍ରାବାସ ନିକଟରେ ଜ୍ୱଳନ୍ତ ଅବସ୍ଥାରେ ପଡ଼ିଯିବାରୁ ବହୁସଂଖ୍ୟାରେ ମେଡିକାଲ ଛାତ୍ର ମଧ୍ୟ ମୃତାହତ ହୋଇଛନ୍ତି।

ବୋଇଂ ୮୭୮ ଡ୍ରିମଲାଇନର ବିମାନର ଟ୍ରାକରେକର୍ଡକୁ ଅନୁଧ୍ୟାନ କଲେ ତାହାର ନିରାପଦତା ନେଇ କୌଣସି ଆପତ୍ତି କିମ୍ବା ଅଭିଯୋଗ ନାହିଁ। କମ୍ପାନୀ ପକ୍ଷରୁ ୧୨ ଶହ ଯାତ୍ରୀବାହୀ ବିମାନ ମଧ୍ୟରୁ ଏହା ପ୍ରଥମ ବିମାନ ଯାହାକି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଗୁରୁବାର ମଧ୍ୟାହ୍ନ ୧-୩୮ ମିନିଟ୍‌ରେ ବିମାନ ୨୩ ନମ୍ବର ରନୱେରୁ ଯାତ୍ରା ଆରମ୍ଭ କରିଥିଲା। ସେ ସମୟରେ ମଧ୍ୟ କୌଣସି ଅସ୍ୱାଭାବିକତା ପରିଲକ୍ଷିତ ହୋଇ ନଥିଲା। ତେବେ ୬୨୫ ଫୁଟ ଉଚ୍ଚରେ ବିମାନ ଥିବା ବେଳେ ତାହାର ଗତିଶୀଳତା ହଠାତ୍ ବାଧାପ୍ରାପ୍ତ ହୋଇଥିଲା। ସମ୍ଭାବ୍ୟ ବିପଦ ଆଶଙ୍କାରେ ବିମାନ ଚାଳକ ତୁରନ୍ତ ସାହାଯ୍ୟ ପାଇଁ ଏୟାର ଟ୍ରାଫିକ କଣ୍ଟ୍ରୋଲ ରୁମ୍‌କୁ ଫୋନ କରିଥିଲେ, ଯାହାକୁ 'ମେଡେକଲ' କୁହାଯାଏ। କିନ୍ତୁ ବିମାନ ମିନିଟ ପିଛା ୧୭୫ ଫୁଟ ଗତିରେ ପତନାଭିମୁଖୀ ଥିବାରୁ ଏଟିସିର ପାଲଟା କଲ୍ ଶୁଣିବାକୁ ସମୟ ନଥିଲା। ସେତେବେଳେ ବିମାନଟି ମେଡିକାଲ କଲେଜ ପରିସରରେ ପଡ଼ି ଗୋଟିଏ ଅଗ୍ନିପିଣ୍ଡୁଳା ଭଳି ଜଳୁଥିଲା। ଏହି ବିମାନର ଚାଳକ ଥିଲେ କ୍ୟାପଟେନ ସୁମିତ ସବରୱାଲ ଓ ସହଯୋଗୀ କ୍ଲାଇଭ୍ କୁନ୍ଦର। ସବରୱାଲ ଜଣେ ସୁଦକ୍ଷ ଓ ଅଭିଜ୍ଞ ବିମାନ ଚାଳକ। ୮୨୦୦ ଘଣ୍ଟା ବିମାନ ଚାଳନା କରିଥିବାର ଅଭିଜ୍ଞତା ତାଙ୍କର ଅଛି। ସେହିଭଳି ସହଚାଳକ କୁନ୍ଦର ମଧ୍ୟ ୧୧ ଶହ ଘଣ୍ଟା ବିମାନ ଚାଳନା କରିଛନ୍ତି। ତେଣୁ ଏହି ଦୁର୍ଘଟଣା ପଛରେ କିଛି ବୈଷୟିକ ତ୍ରୁଟି ଥିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ବିମାନ ଊର୍ଦ୍ଧ୍ୱକୁ ଯିବା ପରିବର୍ତ୍ତେ କ୍ରମେ ତଳମୁହାଁ ହୋଇ ଖସୁଥିବାର ଲକ୍ଷ୍ୟ କରି ଚାଳକ ସହାୟତା ପାଇଁ 'ମେଡେକଲ' କରିଥିଲେ। ବିମାନରେ ଥିବା ଦୁଇଟି ଯାକ ଇଞ୍ଜିନ କୌଣସି କାରଣରୁ ଉଡ଼ାଣର ବେଗ ବୃଦ୍ଧି କରିବାକୁ ସକ୍ଷମ ହୋଇନଥିଲେ। ଦୁର୍ଘଟଣାର ପରିଦୃଶ୍ୟ ଯାହା, ସେଥିରୁ ସ୍ପଷ୍ଟ ହୋଇଛି ଯେ ବିମାନର ବ୍ଲାକବକ୍ସ ସୁରକ୍ଷିତ ଅଛି। ସେଥିରେ ରେକର୍ଡିଂ ହୋଇଥିବା ତଥ୍ୟ ହିଁ ଦୁର୍ଘଟଣାର ଅସଲ କାରଣ ଉନ୍ମୋଚନ କରିବ। ଦୁର୍ଘଟଣା ସ୍ଥଳରେ ଡିଜିସିଏ ଓ ଏନ୍‌ଆଇଏ ପରିସ୍ଥିତି ଯାଞ୍ଚ ଓ ତଦନ୍ତ ଆରମ୍ଭ କରିଛନ୍ତି।

ଆମ ଦେଶରେ ଏହା ଅନ୍ୟତମ ବଡ଼ ବିମାନ ଦୁର୍ଘଟଣା। ସେଥିରେ ପୁଣି ସମସ୍ତଙ୍କ ଆଖିଆଗରେ ଦୁର୍ଘଟଣାଗ୍ରସ୍ତ ବିମାନଟି ନିକଟସ୍ଥ ମେଡିକାଲ କଲେଜ ପରିସରରେ ଖସିପଡ଼ିବା ଘଟଣାକୁ ଅନେକ ବରଦାସ୍ତ କରିପାରି ନାହାନ୍ତି। ତେଣୁ ସାମ୍ଭାବ୍ୟ କାରଣକୁ ନେଇ ବିଭିନ୍ନ ମହଲରେ ତର୍ଜମା ଆରମ୍ଭ ହୋଇଯାଇଛି। ବିମାନରେ କ'ଣ ଆବଶ୍ୟକତାଠାରୁ ଅଧିକ ଇନ୍ଧନ ଥିଲା, ଯାହା ଫଳରେ ଇଞ୍ଜିନ ଭାର ବହନ ସକାଶେ ଅକ୍ଷମ ଥିଲା? ଏମିତିରେ ଅହମ୍ମଦାବାଦ ବିମାନ ବନ୍ଦରରେ ପକ୍ଷୀଙ୍କ ଯୋଗୁଁ ଉଡ଼ାଣ ବାଧାପ୍ରାପ୍ତ ହେବା ଘଟଣା ଅପେକ୍ଷାକୃତ ଅଧିକ। ତେବେ ବିମାନରେ ଥିବା ଦୁଇଟିଯାକ ଇଞ୍ଜିନ୍‌ରେ କ'ଣ ପକ୍ଷୀ ଆଘାତ ଦେଇଥିଲେ? କାରଣ ଗୋଟିଏ ଇଞ୍ଜିନରେ ଆଘାତ ଲାଗିଲେ ମଧ୍ୟ ଦ୍ୱିତୀୟଟି ବିମାନକୁ ପୁଣି ରନୱେକୁ ଫେରାଇ ଆଣିବା ପାଇଁ କୌଣସି ଅସୁବିଧା ହେବ ନାହିଁ। ସ୍ୱାଭାବିକ ପାଣିପାଗ, ପୁଣି ମଧ୍ୟାହ୍ନ ସମୟ, ତେଣୁ ପ୍ରତିକୂଳ ପରିସ୍ଥିତିର ସମ୍ଭାବନା ଊଣା। ବିମାନ ଚାଳକ ଅସାବଧାନ ଥିଲେ ଏତେ ନିକଟରୁ ସେ 'ମେଡେକଲ' କରିନଥା'ନ୍ତେ। କିନ୍ତୁ ଭିଡିଓ ଫୁଟେଜ୍‌ରୁ ମିଳିଥିବା ଚିତ୍ରରୁ ଉଡ଼ାଣ ବେଳେ କେତେକ ବୈଷୟିକ ତ୍ରୁଟି ପ୍ରତି ବୈମାନିକମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ଯାନ୍ତ୍ରିକ ତ୍ରୁଟି ନା ପାଇଲଟ୍‌ଙ୍କ ଅସାବଧାନତା ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଏନେଇ ଯେତେ ତର୍ଜମା ହେଉଥିଲେ ମଧ୍ୟ ରକ୍ଷଣାବେକ୍ଷଣା ଭଳି ଗୁରୁତର ଦିଗ ପ୍ରତି ଏପର୍ଯ୍ୟନ୍ତ ସେହି ଅଙ୍ଗୁଳି ନିର୍ଦ୍ଦେଶ କରିନାହାନ୍ତି। ଏହି ବିମାନରେ ନୂଆଦିଲ୍ଲୀରୁ ଅହମ୍ମଦାବାଦ ଆସିଥିବା ଯାତ୍ରୀ ଆକାଶ ବକ୍ସ କିନ୍ତୁ ଗୁରୁତର ଅଭିଯୋଗ କରିଛନ୍ତି। ବିମାନର ଟିଭି ଓ ଏସି ଚାଲୁନି। ବୈଷୟିକ ତ୍ରୁଟି ଯୋଗୁଁ ଏହି ବିମାନର ଲଣ୍ଡନଯାତ୍ରା ମେ ୧ ତାରିଖରେ ବାତିଲ ହେବା ପରେ ମେ ୨ ରେ ଯାତ୍ରା କରିଥିଲା। ୧୦/୧୨ ବର୍ଷର ପୁରୁଣା ବିମାନ ଅତିରିକ୍ତ ରକ୍ଷଣାବେକ୍ଷଣା ଦାବି କରୁଥିବା ବେଳେ ସେଥିପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଇ ପାରିନଥିବା ସେ ଦର୍ଶାଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବ୍ରିଟିଶ ପ୍ରଧାନମନ୍ତ୍ରୀ କେ ଷ୍ଟାର୍ମର, ରୁଷ ରାଷ୍ଟ୍ରପତି ଭ୍ଲାଦିମାର ପୁଟିନ୍‌ଙ୍କ ସମେତ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ଓ ଶାସନମୁଖ୍ୟଙ୍କ ପକ୍ଷରୁ ଭାରତର ବିମାନ ଦୁର୍ଘଟଣାରେ ମୃତାହତଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିମାନ ଦୁର୍ଘଟଣାସ୍ଥଳରେ ଉପସ୍ଥିତ ରହି ଏକମାତ୍ର ଜୀବିତ ଯାତ୍ରୀଙ୍କୁ ସାକ୍ଷାତ କରିବା ସହ ପୋଡ଼ି ଯାଇଥିବା ଯାତ୍ରୀଙ୍କ ତ୍ୱରିତ ଚିହ୍ନଟ ପ୍ରକ୍ରିୟା ଓ ଡିଏନଏ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ବ୍ୟକ୍ତିଙ୍କ ପରିବାର ପିଛା ଟାଟା କମ୍ପାନୀ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଘୋଷଣା କରିବା ସହ କ୍ଷତିଗ୍ରସ୍ତ ମେଡିକାଲ୍ କଲେଜର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେବା ପ୍ରତିଶ୍ରୁତି ଦେଇଛି। ଟାଟା ଏୟାର ଇଣ୍ଡିଆକୁ ଅଧିଗ୍ରହଣ କରିବା ପରେ ଏହା ବୋଧହୁଏ ପ୍ରଥମ ଦୁର୍ଘଟଣା। ତେଣୁ ଆଗାମୀ ଦିନରେ ଏହାର ଯେପରି ପୁନରାବୃତ୍ତି ଘଟେ ସେଥିପ୍ରତି ସଚେତନ ହେବା ଜରୁରୀ।

ଇତିମଧ୍ୟରେ ବିମାନର ଦୁଇଟିଯାକ ବ୍ଲାକ୍‌ବକ୍ସକୁ ଉଦ୍ଧାର କରାଯାଇଛି। ସେଥିରୁ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ତେବେ ଏହା ଭିତରେ ଯେଉଁ ଭାବାବେଗ ଓ ଆତ୍ମୀୟତାର ଅନ୍ତ ଘଟିଲା ତାହା ବ୍ଲାକ୍‌ବକ୍ସ ଅନୁସନ୍ଧାନ ପୂରଣ କରିପାରିବ ନାହିଁ। ସମ୍ପୂର୍ଣ୍ଣ ଘଟଣାରେ କିନ୍ତୁ ଭାରତୀୟ ଧର୍ମବିଶ୍ୱାସର ଗୋଟିଏ ଆପ୍ତ ବାକ୍ୟ ପୁଣି ଥରେ ସତ ସାବ୍ୟସ୍ତ ହୋଇଛି - 'ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ'। ଆକାଶରେ ବିମାନ ଦୁର୍ଘଟଣା ଘଟିଲେ କୀଟପତଙ୍ଗ ମଧ୍ୟ ବଞ୍ଚିବାର ସମ୍ଭାବନା ଆଦୌ ନାହିଁ। ଅଥଚ ଜଣେ ବିମାନଯାତ୍ରୀ ବଞ୍ଚିଯିବା ଅଲୌକିକତା ନିଶ୍ଚୟ। ସେହିପରି ଟ୍ରାଫିକ୍ ଜାମ ଯୋଗୁଁ ଯେଉଁ ଯାତ୍ରୀଜଣକ ଠିକ୍ ସମୟରେ ବିମାନଯାତ୍ରାରୁ ବଞ୍ଚିତ ହୋଇଥିଲେ ତାହା ମଧ୍ୟ ଭାଗ୍ୟର ସଂଯୋଗ ବୋଲି କହିବାକୁ ପଡ଼ିବ। ●

## ଶିଶୁଶ୍ରମ ଓ ଆମର ଦାୟିତ୍ୱ

**ଡ. ସମୀର କୁମାର ନନ୍ଦ**

୨୦୨୫ ମସିହାର ଅର୍ଦ୍ଧେକ ସରିବା ଉପରେ। ଜାତିସଂଘର ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ୨୦୧୫ ମସିହାରେ ଧାର୍ଯ୍ୟ କରାଯାଇଥିବା ୧୭ ଟି ସ୍ଥାୟୀ ବିକାଶ ଲକ୍ଷ୍ୟର ଅବଧି ସରିବାକୁ ବସିଲାଣି। ସେହି ଲକ୍ଷ୍ୟସୂଚୀର ୮.୭ କ୍ରମାଙ୍କ ଅନୁଯାୟୀ ୨୦୨୫ ମସିହା ସୁଦ୍ଧା ସମସ୍ତ ପ୍ରକାରର ଶିଶୁ ଶ୍ରମିକ ପ୍ରଥାର ନିରାକରଣ ହେବାର ସ୍ଥିରୀକୃତ ହୋଇଥିଲା। କିନ୍ତୁ ବାସ୍ତବ ଚିତ୍ର କ'ଣ ରହିଛି ତାହା ଆମେ କିଛି ଉଦାହରଣରୁ ଜାଣିପାରିବା।

କୌଣସି ରେଳ ଷ୍ଟେସନକୁ ଗଲେ ଅନେକ କୁନି କୁନି ପିଲା ନୁଖୁରା କେଶ ଓ ଛିଣ୍ଡା ପୋଷାକରେ ଇତସ୍ତତ ବୁଲୁଥିବାର ଆମେ ଦେଖିପାରିବା। ବହିଖାତା କିମ୍ବା ଖେଳଣା ବଦଳରେ ଗୋଟିଏ ହାତରେ ଥିବ ଖୋଲା ପାଣି ବୋତଲ ସଂଗ୍ରହର ବସ୍ତା ଓ ଅନ୍ୟ ହାତରେ ଡେଣ୍ଡ୍ରାଇଟ ଅଠାର ଗୋଟିଏ ଗୋଟିଏ ଟ୍ୟୁବ୍। ଏହି ପିଲାମାନେ ଦିନସାରା ଜରି ଓ ଖାଲି ପାଣି ବୋତଲ ସଂଗ୍ରହ କରି କିଛି ପଇସା ରୋଜଗାର କରନ୍ତି, ଯାହାକି ସେମାନଙ୍କ ଖାଇବା ଖର୍ଚ୍ଚକୁ ଭରଣା କରିପାରେ ନାହିଁ ସତ; କିନ୍ତୁ ସ୍ୱଳ୍ପ ମୂଲ୍ୟରେ ମିଳୁଥିବା ମାରାତ୍ମକ ଡେଣ୍ଡ୍ରାଇଟ ଅଠା ଗୋଟିଏ ମିଳିଯାଏ, ଯାହାକୁ ଟିକିଏ ଶୁଙ୍ଘି ଦେଲେ ଭୋକ, ଶୋଷ ଓ ଥଣ୍ଡାରୁ ମୁକ୍ତି ମିଳିଯାଏ। ସେମିତି ରାଜଧାନୀର ଛାତି ଉପରେ ଥିବା ମାଷ୍ଟରକ୍ୟାଣ୍ଟିନ ବସଷ୍ଟାଣ୍ଡ ପରିସର ଓ ଟ୍ରାଫିକ ଲାଇଟ ତଳେ ମାଳମାଳ ଶିଶୁ ଓ କିଶୋର କିଶୋରୀ ଅନାୟାସରେ ଭିକ୍ଷାବୃତ୍ତି କରୁଥିବାର ଘଟଣାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏହି ଭିକ୍ଷାବୃତ୍ତିରେ ଦେଢ଼ବର୍ଷରୁ ଆରମ୍ଭ କରି ତେର/ଚଉଦ ବର୍ଷର କୁନି କୁନି ପିଲା ନିୟୋଜିତ ହୋଇଥା'ନ୍ତି। ଏମାନଙ୍କ କଥା ବୁଝିବା ପାଇଁ କେହି ନାହାନ୍ତି।

ଶିଶୁ ଶ୍ରମିକ ପ୍ରଥାର ଉଚ୍ଛେଦ ପାଇଁ ଚାରୋଟି ମୁଖ୍ୟ ଉପାଦାନର ଆବଶ୍ୟକତା ରହିଛି। ସେଗୁଡ଼ିକ ହେଲା - ୧) ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ, ୨) ଉଦ୍ଧାର ଓ ଥଇଥାନ, ୩) ଆଇନର ସଫଳ ପ୍ରଣୟନ ଓ କାର୍ଯ୍ୟାନୁଷ୍ଠାନ ଏବଂ ୪) ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲକରଣ। ବାସ୍ତବରେ ଏହି ଉପାଦାନଗୁଡ଼ିକର ପ୍ରକୃତ ସ୍ଥିତି କ'ଣ ରହିଛି ତାହା ଉଲ୍ଲେଖ ଅନାବଶ୍ୟକ। ବାସ୍ତବରେ ଶିଶୁ ଶ୍ରମିକମାନଙ୍କର ସଂଖ୍ୟା ସମ୍ପର୍କରେ ପ୍ରକୃତ ତଥ୍ୟ କାହା ପାଖରେ ନାହିଁ। ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ ରାଜ୍ୟ ସରକାରଙ୍କ ଦ୍ୱାରା ୧୯୯୦ ମସିହାଠାରୁ ଅଦ୍ୟାବଧି ମାତ୍ର ଦୁଇଥର ହୋଇଛି। ୧୯୯୦ ମସିହାକୁ 'ବାଳିକାମାନଙ୍କ ପାଇଁ ବର୍ଷ' ବୋଲି 'ସାର୍କ' ତରଫରୁ ପାଳନ କରାଯାଇଥିଲା। ସେଥିପାଇଁ ରାଜ୍ୟ ସରକାର ବାଧ୍ୟ ହୋଇ ଶିଶୁ ଶ୍ରମିକଙ୍କ ସର୍ବେକ୍ଷଣ କରିଥିଲେ। ସେହିପରି ୧୯୯୫-୯୬ ମସିହାରେ ହୋଇଥିବା ରାଜ୍ୟସ୍ତରୀୟ ସର୍ବେକ୍ଷଣରେ ୮, ୩୧, ୬୬୪ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ।

ଶିଶୁ ଶ୍ରମିକଙ୍କ କଲ୍ୟାଣ ପାଇଁ ୧୯୯୪ ମସିହାଠାରୁ ରାଜ୍ୟରେ ପରିଚାଳିତ ହେଉଥିବା ଏକମାତ୍ର କେନ୍ଦ୍ରୀୟ ଅନୁଷ୍ଠାନ 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ' ଦ୍ୱାରା ୧୯୯୬-୯୭ ମସିହାଠାରୁ ପ୍ରତି ତିନିବର୍ଷରେ ଥରେ ସର୍ବେକ୍ଷଣ କରାଯାଇ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ, ଉଦ୍ଧାର ଓ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ଥଇଥାନ ଓ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯାଉଥିଲା। କିନ୍ତୁ ୨୦୨୧ ମସିହାଠାରୁ ସେହି ଅନୁଷ୍ଠାନକୁ ଚକ୍ରାନ୍ତ କରି ବନ୍ଦ କରି ଦେବା ଦ୍ୱାରା ବର୍ତ୍ତମାନ ଶିଶୁଶ୍ରମିକଙ୍କ କୌଣସି ତଥ୍ୟ କାହା ପାଖରେ ନାହିଁ କି କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ଆଇନ ପ୍ରଣୟନ କଥା ବିଚାରକୁ ନେଲେ ଆମେ ଜାଣିପାରିବା ଯେ ନିୟମ ଅନୁସାରେ ଶିଶୁ ଶ୍ରମିକଙ୍କ ଉଦ୍ଧାର ଓ ଥଇଥାନ ଆଇନର ସଫଳ ପ୍ରଣୟନ ତଥା ପୀଡ଼ିତ ଶିଶୁ ଓ ସାକ୍ଷ୍ୟ ପ୍ରଦାନ କରୁଥିବା ଶିଶୁମାନଙ୍କୁ ସୁରକ୍ଷା ଆଦି କାର୍ଯ୍ୟର ତଦାରଖ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳମାନଙ୍କ ଅଧ୍ୟକ୍ଷତାରେ ଶ୍ରମ ବିଭାଗ ଦ୍ୱାରା 'ଶିଶୁ ଶ୍ରମିକଙ୍କ ଟାସ୍କ ଫୋର୍ସ କମିଟି' ଗଠନ ହେବ ଏବଂ ଏହାର ବୈଠକ ପ୍ରତିମାସରେ ବସିବ। କିନ୍ତୁ ପ୍ରାୟ ଜିଲ୍ଲାରେ ବର୍ଷ ବର୍ଷ ଧରି ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ୨୦୨୦ ମସିହାଠାରୁ ୨୦୨୪ ଭିତରେ ମାତ୍ର ୨୬ ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଥିବା ବେଳେ ୨୦୧୩ ରୁ ୨୦୧୭ ମଧ୍ୟରେ ମାତ୍ର ୪୩୧ ମାମଲା ରୁଜୁ ହୋଇଛି। ଶ୍ରମ ବିଭାଗକୁ ନବକଳେବର କରାଯାଇ ଅଧିକାରୀମାନଙ୍କ ସଂଖ୍ୟା, କ୍ଷମତା ଓ ଦରମା ହାର ସିନା ବୃଦ୍ଧି କରାଯାଇଛି, କିନ୍ତୁ ଶିଶୁଶ୍ରମିକ ଆଇନ ପ୍ରଣୟନ କ୍ଷେତ୍ରରେ କୌଣସି ପ୍ରଭାବଶାଳୀ ଉଦ୍ୟମ ହୋଇନାହିଁ। ବର୍ତ୍ତମାନ ସବୁ ଯୋଜନା କେବଳ ପ୍ରଚାରସର୍ବସ୍ୱ ହୋଇ ରହିଯାଇଛି।

ଏକଦା ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ମାଧ୍ୟମରେ ସ୍ୱତନ୍ତ୍ର ଶିକ୍ଷା ପ୍ରଦାନ କରି ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଅଭିଯାନ ଚଳାଇ ବିଶେଷ ସଫଳତା ହାସଲ କରିଥିଲା 'ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ'। ଏହି ପ୍ରକଳ୍ପ ବନ୍ଦ ହୋଇଗଲା ପରେ ଶିଶୁ ଶ୍ରମିକଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବିଦ୍ୟାଳୟ ଦେଖିବାକୁ ମିଳୁନାହିଁ। ଆମ ରାଜ୍ୟରେ ଶତକଡ଼ା ୯ ଭାଗ ଛାତ୍ରଛାତ୍ରୀ ମାଧ୍ୟମିକସ୍ତରରେ ପାଠ ଛାଡ଼ି ଦେଉଛନ୍ତି। ସେହିପରି ଆଠଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କ ଆଧାର ପରିଚୟ ପତ୍ର ନାହିଁ। ସରକାର ବିଦ୍ୟାଳୟର ସଂସ୍କାର ଯେତିକି କରିବାକୁ ଯାଉଛନ୍ତି ଦିନକୁ ଦିନ ସେତିକି ପିଲା ପାଠ ଛାଡୁଛନ୍ତି। ଆମେ ବିଦ୍ୟାଳୟରେ ପଢୁଥିଲା ବେଳେ କୌଣସି ସ୍ୱତନ୍ତ୍ର ଯୋଜନା ନଥାଇ ମଧ୍ୟ ପ୍ରତ୍ୟେକ ଶ୍ରେଣୀରେ ଏକାଧିକ ବିଭାଗ ରହି ଶହେ ଲେଖାଏଁ ପିଲା ପାଠ ପଢୁଥିଲେ। ଅଥଚ ସେହି ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ସର୍ବମୋଟ ପିଲା ସଂଖ୍ୟା ଶହେ ହେବ କି ନାହିଁ ସନ୍ଦେହ। ପିଲାମାନେ ଯଦି ପାଠ ଛାଡୁଛନ୍ତି ସେମାନେ କୁଆଡ଼େ ଯାଉଛନ୍ତି? କ'ଣ କରୁଛନ୍ତି? ସେକଥା ବୁଝୁଛି କିଏ?

ଆମ ଦେଶ ସ୍କୁଲଶିକ୍ଷାର ସାର୍ବଜନୀନକରଣ ଦିଗରେ ପ୍ରଚେଷ୍ଟା ଜାରି ରଖିଛି। ପ୍ରଗତି ସତ୍ତ୍ୱେ ଶିଶୁଶ୍ରମର ପ୍ରଚଳନ ରହିଛି। ଠିକ୍ ଏହିପରି ସ୍କୁଲ ଉପସ୍ଥାନ ଏବଂ ସମାପ୍ତି ହାର ଶିକ୍ଷାଗତ ପ୍ରାପ୍ତିରେ ବ୍ୟବଧାନ ପ୍ରକାଶ କରୁଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଶିଶୁ ଶ୍ରମିକ ନିରାକରଣ ଦିଗରେ ପ୍ରଗତି ଘଟିଥିଲେ ମଧ୍ୟ ବିଶ୍ୱରେ ଏବେ ବି ୧୬୦ ନିୟୁତ ଶିଶୁ ଶ୍ରମିକ ଭାବରେ କାମ କରୁଛନ୍ତି, ଯାହାର ସଂଖ୍ୟା ଆମଦେଶରେ ଆକଳନ କରାଯାଇ ନାହିଁ। ଶିଶୁ ଶ୍ରମିକ ପ୍ରଥା କେବଳ ଶିକ୍ଷା, ସୁରକ୍ଷା ଏବଂ ଅବସର ପାଇବାର ଅଧିକାରରୁ ବଞ୍ଚିତ କରି ଶିଶୁ ମାନଙ୍କର ଅଧିକାରକୁ ଉଲ୍ଲଘଂନ କରେ ନାହିଁ, ବରଂ ଏହା ସେମାନଙ୍କୁ ଶୋଷଣକାରୀ ଓ ପ୍ରାୟତଃ ବିପଜ୍ଜନକ କାର୍ଯ୍ୟ ପରିବେଶରେ ଫସାଇ ସେମାନଙ୍କର ପୂର୍ଣ୍ଣ ସମ୍ଭାବନା ଓ ଦକ୍ଷତାକୁ ଉପଯୋଗ କରିବାର ସୁଯୋଗକୁ ମଧ୍ୟ ବାଧାପ୍ରାପ୍ତ କରେ।

୨୦୨୫ ମସିହା ସୁଦ୍ଧା ସମସ୍ତ ପ୍ରକାରର ଶିଶୁଶ୍ରମିକ ପ୍ରଥା ଦୂର କରିବା ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଜାତିସଂଘର ଆହ୍ୱାନକୁ ସାକାର କରିବା ଲାଗି ଏକ ନୂତନ ପ୍ରୟାସର ଆବଶ୍ୟକ। ଶିଶୁଶ୍ରମିକ ପ୍ରଥାର ଦୂରୀକରଣ ପାଇଁ ଆମମାନଙ୍କର ମାନସିକତାରେ ପରିବର୍ତ୍ତନ ଜରୁରୀ। ଶିଶୁଶ୍ରମିକ ନିୟୋଜିତ ହୋଇଥିବା ଦୋକାନ, ହୋଟେଲ, ଢାବା ଓ କାର୍ଯ୍ୟସ୍ଥଳ ସହିତ ଉତ୍ପାଦ ସାମଗ୍ରୀକୁ ଆମମାନଙ୍କ ଭିତରୁ କେତେଜଣ ବର୍ଜନ କରି ପାରୁଛେ? ଶିଶୁ ଶ୍ରମିକ ନିୟୋଜିତ ହୋଇଥିବା ଢାବା, ହୋଟେଲ କିମ୍ବା ଚା' ଦୋକାନକୁ ଆମେ ସମସ୍ତେ ଯଦି ଯିବା ନାହିଁ, ତେବେ ମାଲିକ ଶିଶୁ ଶ୍ରମିକ ନିୟୋଜନ କରିବାରୁ କ୍ଷାନ୍ତ ନିଶ୍ଚୟ ରହିବ। ସମାଜରେ ଶିଶୁଶ୍ରମିକ ପ୍ରଥାର ପ୍ରଚଳନକୁ ଆମେ ଆଜିପର୍ଯ୍ୟନ୍ତ ଗ୍ରହଣ କରି ଆସୁଛନ୍ତି। କୌଣସି ସ୍ଥାନରେ ଶିଶୁ ଶ୍ରମିକଟିଏ ଦେଖିଲେ ଆମେ ଅଭିଯୋଗ କରୁଛୁ କି? ଶିଶୁ ଶ୍ରମିକ ସମ୍ପର୍କରେ ଅଭିଯୋଗ ପାଇଁ ବର୍ତ୍ତମାନ କୌଣସି କାର୍ଯ୍ୟାଳୟକୁ ଯିବା ଜରୁରୀ ଆବଶ୍ୟକ ନୁହେଁ। ଆମେ ସିଧାସଳଖ ମୋବାଇଲ ଫୋନ ମାଧ୍ୟମରେ www.pencil.gov.in ରେ ତଥ୍ୟ ପ୍ରଦାନ କରି ଅଭିଯୋଗ କରିପାରିବା। ଆମର ପରିଚୟ ଗୁପ୍ତ ରହିବାର ବ୍ୟବସ୍ଥା ରହିଛି। ଦେଶରେ ରହୁଥିବା ପ୍ରତ୍ୟେକ ନାଗରିକ ଯଦି ଏ ଦିଗରେ ଗୋଟିଏ ପାଦ ବଢ଼ାଇବେ ତେବେ ଦିନ ଆସିବ ଦେଶରେ ଶିଶୁ ଶ୍ରମିକ ରହିବେ ନାହିଁ। ଏଥିପାଇଁ ସରକାରଙ୍କ କୌଣସି ଆଇନ କି ଯୋଜନାର ମଧ୍ୟ ସହାୟତା ନେବା ଦରକାର ପଡ଼ିବ ନାହିଁ। ●

ଦେବଗଡ଼, ମୋ: ୯୪୩୭୨୧୮୯୧୭

## ବାର୍ଦ୍ଧକ୍ୟ: ଏକ ଅବ୍ୟକ୍ତ ଯନ୍ତ୍ରଣା

**ଜଗନ୍ନାଥ ବେହେରା**

ପଦ୍ମ ପୁରାଣରେ ବର୍ଣ୍ଣନା ଅଛି - 'ପିତା ଧର୍ମ ପିତା ସ୍ୱର୍ଗ, ପିତା ହିଁ ପରମ ତପ / ପିତରି ପ୍ରତିମା ପନ୍ନେ ପ୍ରିୟନ୍ତେ ସର୍ବ ଦେବତା।' ଅର୍ଥାତ୍ ପିତା ସ୍ୱର୍ଗ ପରି ପୂଜ୍ୟ। ପୁଣି ବାପା ହିଁ ସର୍ବଶ୍ରେଷ୍ଠ ତପସ୍ୟା। ବାପାଙ୍କୁ ପୂଜା କଲେ ସର୍ବଦେବତା ଶାନ୍ତି ପାଆନ୍ତି। ପିତାମାତା ହେଉଛନ୍ତି ଜୀବନର ପ୍ରଥମ ଶବ୍ଦ ପ୍ରଥମ ଅକ୍ଷର। ସିଏ ହିଁ ଅ ଆ ଇ ଈ। ତାଙ୍କଠାରୁ ସବୁ ଶିକ୍ଷା ମିଳେ। ଯାହାଙ୍କଠାରୁ ସବୁ ଶିକ୍ଷା ଲାଭ କଲୁ ଆଜି ଆମେ କହୁ 'ଚୁପ୍ କରି ବସ, ତୁମେ କିଛି ଜାଣିନ।' ଆଶ୍ଚର୍ଯ୍ୟ। ଯେଉଁ ବାପା ବର୍ଷ ବର୍ଷ ଧରି କାଖେଇ କୋଳେଇ ଦୁନିଆ ଦାଣ୍ଡରେ ମଣିଷ ପରି ମଣିଷ ଟିଏ କରି ଠିଆ କରାଇଥିଲା, ଆଜି ସିଏ ଅଦରକାରୀ ବୋଝ। ଚାରି ପୁଅ ଚାରି ଭାଗ କରି ବାଣ୍ଟି ଦେଉଛନ୍ତି। ଭାଗ ନ ଛିଡ଼ିଲେ ବୃଦ୍ଧାଶ୍ରମ।



ମୋ ଓଡ଼ିଶାର ସଂସ୍କୃତି ଓ ପରମ୍ପରା କିନ୍ତୁ ଦୟା, ଧର୍ମ, ଶାନ୍ତି, ମୈତ୍ରୀ, ଭ୍ରାତୃତ୍ୱବୋଧ ଓ ମହାମାନବବାଦର ମୂଳଦୁଆ ଉପରେ ପ୍ରତିଷ୍ଠିତ। ପରସ୍ପର ସହିତ ଏକ ନିବିଡ଼ ସମ୍ପର୍କର ରଜ୍ଜୁରେ ବନ୍ଧା ଉତ୍କଳୀୟ ପରିବାର। ସ୍ନେହ, ଶ୍ରଦ୍ଧା, ବଡ଼, ସାନ, ମାନ୍ୟ, ପୁଣ୍ୟ ବିଚାର ସହିତ କଳା ସାହିତ୍ୟ ସଂସ୍କୃତିକୁ ନେଇ ଓଡ଼ିଶା ସମୃଦ୍ଧ। ଏହାର ପାଣି ପବନ ମାଟି ସବୁ ସରଳ ଓ ନିରୀହ। ପୋଥି, ପୁରାଣ, ଶାସ୍ତ୍ର ଜ୍ଞାନର ଗନ୍ତାଘର ହେଉଛି ଓଡ଼ିଶା ମାଟି। ପିତୃ ଦେବୋଭବ, ମାତୃ ଦେବୋଭବକୁ ମୁକ୍ତକଣ୍ଠରେ ସ୍ୱୀକାର କରୁଥିବା ଜାତିର ମା' ମାଟି ହେଉଛି ମୋ ଓଡ଼ିଶା। ଜାତି, ବର୍ଣ୍ଣ, ଧର୍ମର ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଉଠି ସେବା, ତ୍ୟାଗ, ଦାନ, ପୁଣ୍ୟ କରନ୍ତି ମୋ ଓଡ଼ିଶାବାସୀ।

ଅଥଚ ଏହି ଓଡ଼ିଶାରେ ଆଜି ଶତାଧିକ ବୃଦ୍ଧାଶ୍ରମ ନିର୍ମାଣ ହୋଇଛି। ଭାରତବର୍ଷରେ କେରଳ ପରି ଅତିଶିକ୍ଷିତ ରାଜ୍ୟରେ ୧୨୪ ରୁ ଅଧିକ ଆଶ୍ରମ ଥିବା ବେଳେ ଦୟା ଧର୍ମର ରାଜ୍ୟ ଓଡ଼ିଶା ଏ କ୍ଷେତ୍ରରେ ଦ୍ୱିତୀୟରେ ଅଛି। ବିଶେଷକରି ଭୁବନେଶ୍ୱର ପରି ସଭ୍ୟ ସହର ମଧ୍ୟରେ ହିଁ ପାଖାପାଖି ୧୦ଟି ବୃଦ୍ଧାଶ୍ରମ ରହିଛି। ଯେଉଁଠି ମୁଠାଏ ଭଲ ଭାତ ମିଳୁଛି ସିଏ ଭଲ, ଯିଏ ଅଧେ ମୁଠା ଭାତ ଦେଉଛି ସିଏ ଖରାପ।

ଉତ୍କଳ ଭୂମି, ଯେଉଁଠି ପଥର ଦେହରେ ଦେବତା, ବୃକ୍ଷ ଡାଳ ପତ୍ରରେ ଲୋକ ଦେବୀଦେବତା ଦେଖନ୍ତି, ବନ୍ଧା ଅବସ୍ଥାରେ ଗାଈଟିଏ ମରିଗଲେ ସାତଦିନ ବେକରେ ପାଳ ଦଉଡ଼ି ଗୁଡ଼େଇ ସାତ ଗାଁ ବୁଲି ଭିକ୍ଷା ମାଗନ୍ତି, ଯେଉଁଠି ଗାଁ ଗାଁରେ ଭାଗବତ ପଢ଼ା ହୁଏ ଓ ସନ୍ଧ୍ୟାରେ ସଙ୍କୀର୍ତ୍ତନ ହୁଏ, ପଶୁ ପକ୍ଷୀଙ୍କୁ ଖାଇବାକୁ ଦିଆଯାଏ ସେଠାରେ ବୃଦ୍ଧାଶ୍ରମ ସଂସ୍କୃତି ନିଶ୍ଚୟ ଦୁଃଖଦାୟକ। ଯେଉଁଠି ଅଧିକରୁ ଅଧିକ ଲୋକ ଗରିବ ଓ ଅଶିକ୍ଷିତ, ସେଠାରେ ଆଜି ଶତାଧିକ ଜରାଶ୍ରମ। ଏହା କ'ଣ ଆଶ୍ଚର୍ଯ୍ୟ ହେବାର କଥା ନୁହେଁ। ଓଡ଼ିଶାର ପୁରପଲ୍ଲୀରେ ଆଜି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳୁଛି। ବୃଦ୍ଧ ପିତାମାତାଙ୍କୁ ପିଲାମାନେ ମାସେ ମାସେ ଭାଗ ବାଣ୍ଟି ନିଅନ୍ତି। ମାସେ ବଡ଼ ଘରେ ରହିଲେ ମାସେ ସାନ ଘରେ ରହିବ।

ବୃଦ୍ଧାବସ୍ଥାକୁ ବାନ୍ଧି ଦେଉଛି ନିଜ ଅକର୍ମି ହାତଗୋଡ଼। ଆଖି ମଧ୍ୟ ଆଡ଼ ହେଇ ଯାଉଛି। କାନ ଠିକ୍ ଶୁଣିବାରେ ଅସହଯୋଗ କରୁଛି। ପେଟ ଖାଦ୍ୟ ଜୀର୍ଣ୍ଣ କରିବାକୁ କୁଣ୍ଠାବୋଧ କରୁଛି। ଦାନ୍ତଗୁଡ଼ିକ ପାଟିକୁ ଛାଡ଼ି ନିଜ ବାଟ ଧରୁଛନ୍ତି। ପବନ ବି ବେଳେ ବେଳେ ଧୋକା ଦେଉଛି। ରକ୍ତଚାପ, ମଧୁମେହ, ଅମ୍ଳ ପରି ରୋଗଗୁଡ଼ିକ ଶରୀର ଭିତରେ ପଶି ବାଉଁଶକୁ ପୋକ କଣା କରିଲା ପରି କରି କଣା କରି ଦେଇଥା'ନ୍ତି। ପୋକଖିଆ ବାଉଁଶର ଆୟୁଷ କେତେ? ଏମିତି ପରିସ୍ଥିତିରେ ଆଉ ପୁଅ ଝିଅ ବା କାହିଁକି ସେମାନଙ୍କର ସାଙ୍ଗରେ ରହିବେ? ବାର୍ଦ୍ଧକ୍ୟର ଶେଷ ଆଶ୍ରୟ ହିଁ ହେଉଛି ଜରାଶ୍ରମ। ନାତିନାତୁଣୀଙ୍କୁ ଛାଡ଼ି ଯଦିଓ ରହିବା କଷ୍ଟ, କିନ୍ତୁ ରହିବାକୁ ବାଧ୍ୟ।

ଜୀବନ ସାରା କଞ୍ଚା ମାଟିକୁ ଗଢ଼ି ନିଜ ହାତରେ ତିଆରି କରିଥିବା ପୁଅ ଝିଅ ଯେଉଁଠି ସେବା ଦେବା ଭୟରେ ବୃଦ୍ଧାଶ୍ରମ ଦେଖାଇ ଦେଲେ, ସେଠାରେ ସାମାନ୍ୟ କିଛି ଟଙ୍କା ପାଇଁ କାମ କରୁଥିବା ଜଣେ କର୍ମଚାରୀ କେତେ ସେବା ଦେବେ ସମସ୍ତେ ଜାଣନ୍ତି। ରାତିଦିନ ଏକାଠି କରି ଅନାହାର ଅନିଦ୍ରାରେ ରହି ସମାଜରେ ଯେଉଁ ପୁଅ ଝିଅଙ୍କୁ ମଣିଷ କରି ଠିଆ କରିଥିଲେ, ସେମାନେ ଆଜି ହତାଦର କରି ଆଶ୍ରମକୁ ଠେଲି ଦେଲେ। ଦୁଃଖ ଏତିକି ଯେ ନିଜର ସ୍ୱାଧୀନତା ସେଠାରେ ରହେ ନାହି। ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କରି ପାରିବେ ନାହିଁ କି ପାଟିର ରୁଚି ଅନୁଯାୟୀ ଖାଦ୍ୟ ଖାଇ ପାରିବେ ନାହି। ଜୀବନସାରା ଅନ୍ୟକୁ କାମରେ ଲଗାଉ ଥିବା ଲୋକଟା ଶେଷଜୀବନରେ ନିଜେ କାମ କରିବାକୁ ପଡ଼ିବ ଭାବିଲେ କେତେ କଷ୍ଟ ଲାଗୁଛି। ଅଚିହ୍ନା ଅଜଣା ମୁହଁକୁ ଦେଖି ବିନା ଲୁହରେ କାନ୍ଦିବା ଛଡ଼ା ଅନ୍ୟ ଉପାୟ ନଥାଏ। ନା କାହାକୁ କହି ହେବ ନା ହାଡ଼ ମାଂସ ଦେହ ଧରି ସହି ହେବ।

ଜନ୍ମ କରିଲା ବାପାମା'ଙ୍କୁ ବୃଦ୍ଧାଶ୍ରମ ପଠେଇବା ପୂର୍ବରୁ ନିଜ ବିବେକକୁ ଥରେ ପଚାରି ନିଷ୍ପତ୍ତି ନେଲେ ପୁଣି ଉତ୍କଳୀୟ ସଂସ୍କୃତି ବିଶ୍ୱରେ ନିଜ ଟେକ ରଖିପାରିବ। ସଞ୍ଜର ସୂରୁଜ ଉଷ୍ମତାରେ ଠିଆ ହୋଇଗଲେ ସମସ୍ତ ଅସାଧ୍ୟ ରୋଗ ଦୂର ହୋଇଯିବ। ମଣିଷ ପଣିଆ ଯଦି ମଣିଷ ନିକଟରେ ନ ରହିଲା ସେ କି ମଣିଷ? ଆଜିର ଏହି ଅବିବେକୀ ମଣିଷକୁ ଦେଖିଲେ ଲାଗୁଛି ଯେମିତି ପାଟିରେ ଲୁଗା ଦେଇ ମୁରୁକି ହସୁଛି ମଣିଷ ପଣିଆ। ଅନାବଶ୍ୟକ ବୃଦ୍ଧଶ୍ରମ ଏବଂ ଅନାଥ ଆଶ୍ରମ ଓଡ଼ିଶା ପରି ଶାନ୍ତି ରାଜ୍ୟରେ ନ ହେଉ। ●

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

## ତିବ୍ବତରେ ପଦ୍ମସମ୍ଭବ

**ପ୍ରବୀର କୁମାର ପଟ୍ଟନାୟକ**

(ପୂର୍ବପ୍ରକାଶିତ ଉତ୍ତାରୁ...)

ପଦ୍ମସମ୍ଭବ ତିବ୍ବତ ଆସିଲେ ଖ୍ରୀ୭୪୭ରେ। ସେ ପ୍ରଥମେ ଦେଶର ବିଭିନ୍ନ ଅଞ୍ଚଳ ଭ୍ରମଣ କରିବାର ସହି ସବୁଆଡ଼େ ବୌଦ୍ଧଧର୍ମର ମୌଳିକ ତତ୍ତ୍ୱ ଅଥବା ବୁଦ୍ଧଙ୍କ ବାଣୀଗୁଡ଼ିକ ବିଶଦ ଭାବେ ବ୍ୟାଖ୍ୟା କରି ଲୋକମାନଙ୍କୁ ବୁଝାଇଲେ। ଏ ସବୁ ପ୍ରାରମ୍ଭିକ ପ୍ରଚାର ପ୍ରସାର ଫଳରେ ବୌଦ୍ଧ ଧର୍ମ ନୂତନ ଶକ୍ତି ଓ ପ୍ରେରଣା ପାଇପାରିଥିଲା। ସେ ପ୍ରଚଳିତ ବୌଦ୍ଧଧର୍ମ (ଶାନ୍ତରକ୍ଷିତଙ୍କ ଦ୍ୱାରା ପ୍ରଚାରିତ), ଯାହା ସାଧାରଣ ଭାବେ ଲୋକମାନଙ୍କ ମଧ୍ୟରେ ବ୍ୟାପିଥିଲା, ସେଥିରେ ବୌଦ୍ଧତାନ୍ତ୍ରିକ ତତ୍ତ୍ୱ ତଥା 'ବନ୍' ଧର୍ମର ଆଚାରବିଚାର କିଛି ମିଶାଇ ପ୍ରଚାର କରିଚାଲିଲେ। ସେ ତିବ୍ବତୀୟ ବୌଦ୍ଧମାନଙ୍କ ଦ୍ୱାରା ପୂଜିତ ଦେବଦେବୀମାନଙ୍କ ସହ ସ୍ଥାନୀୟ ଭାବେ ପୂଜିତ ଦେବଦେବୀ ତତ୍ତ୍ୱକୁ ପ୍ରବେଶ କରାଇଲେ। ବୌଦ୍ଧ ଧର୍ମରେ ଏହି ମିଶ୍ରିତ ଉପାଦାନ ସବୁ ଲୋକମାନଙ୍କ ଦ୍ୱାରା ଆଦୃତ ତଥା ଗ୍ରହଣଯୋଗ୍ୟ ହୋଇପାରିଲା। ସେ ତିବ୍ବତରେ ଯେଉଁ ବୌଦ୍ଧଧର୍ମ ପ୍ରଚାର କରିଥିଲେ ତାହା ଥିଲା ମୂଳତଃ ମହାଯାନର ତାନ୍ତ୍ରିକ ଶାଖାର ବ୍ରଜଯାନ। ଏହି ବଜ୍ରଯାନ ମୂଳତଃ ତନ୍ତ୍ର ଉପରେ ପର୍ଯ୍ୟବସିତ। ତିବ୍ବତୀୟ ମୂଳ 'ବନ୍' ଧର୍ମ ମଧ୍ୟ ପ୍ରାଚୀନ ଧର୍ମମତଗୁଡ଼ିକ ଭଳି ସେହି ଗୁଣିଗାରେଡ଼ି ତତ୍ତ୍ୱରେ ଭରପୂର। ଏଣୁ ତିବ୍ବତରେ ପଦ୍ମସମ୍ଭବଙ୍କ ଦ୍ୱାରା ପ୍ରଚାରିତ ବୌଦ୍ଧଧର୍ମ ସ୍ଥାନୀୟ 'ବନ୍' ଧର୍ମର ଆଚାର ବିଚାରକୁ ମିଶାଇ ଦେଇ ବ୍ରଜଯାନର ଯେଉଁ ନୂଆ ସ୍ୱରୂପ ପଦ୍ମସମ୍ଭବ ସେଠାରେ ଉପସ୍ଥାପନ କରାଇଲେ, ତାହା ଲୋକମାନଙ୍କ ଦ୍ୱାରା ଗୃହୀତ ଓ ଆଦୃତ ହୋଇପାରିଥିଲା। ପଦ୍ମସମ୍ଭବ ଏବେ ମଧ୍ୟ ତିବ୍ବତରେ ଅତ୍ୟନ୍ତ ଲୋକପ୍ରିୟ ଧର୍ମଗୁରୁ ଓ ଆଦରରେ 'ରିନ୍-ପୋ-ସେ' ନାମରେ ଅଧିକ ପରିଚିତ। ପଦ୍ମସମ୍ଭବଙ୍କୁ ତିବ୍ବତରେ ବୌଦ୍ଧ ଧର୍ମର ପ୍ରତିଷ୍ଠାତା ତଥା ପ୍ରଥମ ପ୍ରଚାରକ ଭାବେ ସ୍ଥାନ ଦିଆଯାଇଛି।

### ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବରେ ତିବ୍ବତରେ ପହଞ୍ଚି ଧର୍ମପ୍ରଚାର କାମ ଆରମ୍ଭ କରିବା ଅବସରରେ ଶାନ୍ତରକ୍ଷିତ ଯେ କି ନେପାଳରେ ରହିଥିଲେ, ରାଜାଙ୍କ ଡାକରା ପାଇ ପୁଣି ଥରେ ତିବ୍ବତ ଫେରି ଆସିଲେ। ଏ ମଧ୍ୟରେ ପଦ୍ମସମ୍ଭବ ତିବ୍ବତରେ ଶାନ୍ତ ପରିବେଶ ଫେରାଇ ଆଣି ସାରିଥିଲେ ଏବଂ ଲୋକଙ୍କର ତାଙ୍କ କାର୍ଯ୍ୟରେ କୌଣସି ବିରୋଧ ନଥିଲା। ପଦ୍ମସମ୍ଭବ ଶାନ୍ତରକ୍ଷିତ ଓ ରାଜାଙ୍କ ସହ ଆଲୋଚନା କରି ଲାସା ନିକଟ 'ସମ-ୟେ' ଠାରେ ଏକ ବିଶାଳ ବୌଦ୍ଧ ମହାବିହାର ନିର୍ମାଣର ଭିତ୍ତି ସ୍ଥାପନ କରାଇଲେ। ଆଚାର୍ଯ୍ୟ ବୋଧିସତ୍ତ୍ୱ ନାମରେ ଖ୍ୟାତ ଶାନ୍ତରକ୍ଷିତ, କେଉଁଠି ମହାବିହାର ନିର୍ମାଣ ହେବ ତାହାର ଭୂମି ପରୀକ୍ଷା କରି ମଗଧର ଓଦନ୍ତପୁରୀ ମହାବିହାର ଅନୁକରଣରେ ଏକ ନକ୍ସା ପ୍ରସ୍ତୁତ କଲେ। ଏହି ନକ୍ସା ଅନୁଯାୟୀ ଏହା ମଧ୍ୟରେ ସୁମେରୁ ପର୍ବତ, ବାରଗୋଟି ମହାଦେଶ, ଉଭୟ ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଅବସ୍ଥିତି ସହ ଚାରିକଡ଼ରେ ଲୁହାବାଡ଼ ବା ପାଚେରି ନିର୍ମାଣ ହେବାର ଯୋଜନା ଅନ୍ତର୍ଭୁକ୍ତ ହେଲା। 'ସମ-ୟେ' ମହାବିହାର ଠିକ୍ ଏହି ପରିକଳ୍ପନାରେ ନିର୍ମାଣ କରାଗଲା। ଏହି 'ସମ-ୟେ' ମହାବିହାର ଖ୍ରୀ୭୪୯ ବେଳକୁ ନିର୍ମିତ ହେଲା। ଏହି ବିହାର-ମନ୍ଦିରର ଚୂଡ଼ା ବା ଶିଖର ଭାଗ ଚୀନ୍‌ର ନିର୍ମାଣ ଶୈଳୀରେ, ମଧ୍ୟଭାଗ ଭାରତୀୟ ଶୈଳୀରେ ଏବଂ ତଳଭାଗ ତିବ୍ବତୀୟ ଶୈଳୀରେ ନିର୍ମିତ ହେଲା। ଏହି 'ସମ-ୟେ' ମହାବିବହାର ତିବ୍ବତର ରାଜଧାନୀ ଲାସାଠାରୁ ତିରିଶ କିଲୋମିଟର ଦୂରରେ ଦକ୍ଷିଣ-ପୂର୍ବ ଦିଗକୁ ଥିବା ସାମ୍ପୋ ନଦୀର ଉତ୍ତରପାର୍ଶ୍ୱ କୂଳରେ ଅବସ୍ଥିତ। ଏବେ ମଧ୍ୟ ଏହି ପୁରାତନ ମହାବିହାରର କିଛି ଅଂଶ ଦୃଶ୍ୟମାନ ତଥା ଭଗ୍ନ ଅବସ୍ଥାରେ ତିଷ୍ଠି ରହିଛି। ଏହି ମହାବିହାର ମଧ୍ୟରେ ଥିଲା ଗୋଟିଏ ବିଶାଳ ବୌଦ୍ଧ ମନ୍ଦିର, ଚାରିଗୋଟି ବୃହତ୍ ମହାବିଦ୍ୟାଳୟ ଓ ଅନ୍ୟ ଅନେକ କୋଠା ଓ ଅନୁଷ୍ଠାନ ଆଦି। ସବୁଠାରୁ ଅଧିକ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି ଏହି ମହାବିହାରଟି ହୋଇଥିଲା ତିବ୍ବତରେ ବୌଦ୍ଧଧର୍ମ ସମ୍ବନ୍ଧୀୟ ଶିକ୍ଷାର ଏକ ବୃହତ୍ କେନ୍ଦ୍ର। ଆଚାର୍ଯ୍ୟ ଶାନ୍ତରକ୍ଷିତ ଜଣେ ବିଶିଷ୍ଟ ବୌଦ୍ଧ ଆଚାର୍ଯ୍ୟ ତଥା ବୌଦ୍ଧ ପଣ୍ଡିତ ଥିଲେ। ନିର୍ମାଣ ପରେ ତାଙ୍କୁ ହିଁ ମୁଖ୍ୟ ଆଚାର୍ଯ୍ୟ ଭାବେ ଏହ ମହାବିହାରରେ ସାମଗ୍ରିକ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସେହି ହିଁ ସେ ସମୟରେ ଏକମାତ୍ର ଏହି ପଦ ପାଇଁ ଯୋଗ୍ୟ ବ୍ୟକ୍ତି ଥିଲେ। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୧କୋଟି ଟପିଲା ଏବିପିଏମ୍‌ଜେଏୱାଇ, ଜିଜେଏୱାଇ କାର୍ଡ ବଣ୍ଟନ

ଭୁବନେଶ୍ୱର,୧୩।୬(ସମିସ): ଗତ ଏପ୍ରିଲରୁ ଶୁଭାରମ୍ଭ ହୋଇଥିବା 'ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' (ଏବିପିଏମ୍‌ଜେଏୱାଇ), 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା'(ଜିଜେଏୱାଇ)ରେ ଯୁଗ୍ମ କାର୍ଡ ବଣ୍ଟନ ୧କୋଟି ଟପିଛି। ଏହାଛଡ଼ା ଆର୍ଥିକ ଓ ସାମାଜିକ ବର୍ଗ ନିର୍ବିଶେଷରେ ସମସ୍ତ ୭୦ ବର୍ଷ ବା ତଦୁର୍ଦ୍ଧ ବ୍ୟକ୍ତିଙ୍କୁ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ କାର୍ଡ ପାଇଁ ବିକାଶ-ବାହନ ଯାତ୍ରା କାଳରେ ଶତ ପ୍ରତିଶତ ଇ-କେୱାଇସି ଶେଷ କରିବାକୁ ବିଭାଗ ତରଫରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବାକୁ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ତଥା ସାସ୍ ଅଧ୍ୟକ୍ଷ ଅଶ୍ୱତ୍ଥୀ ଏସ୍ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଗତକାଲି ରାଜ୍ୟର ସମସ୍ତ ଜିଲ୍ଲାରେ ସମୁଦାୟ ୧କୋଟି ୪୧ହଜାର ୮୬୩ଟି ଯୁଗ୍ମ କାର୍ଡ କାର୍ଡ ବଣ୍ଟାଯାଇଛି। କାର୍ଡ ବଣ୍ଟନରେ ଗଞ୍ଜାମ, ମୟୂରଭଞ୍ଜ, କଟକ ଓ ବଲାଙ୍ଗୀର ଆଦି ଜିଲ୍ଲା ଆଗୁଆ ଅଛନ୍ତି। ଗଞ୍ଜାମ ଜିଲ୍ଲାରେ ୭.୯୬ ଲକ୍ଷ କାର୍ଡ ବଣ୍ଟା ହୋଇଥିବା ବେଳେ ମୟୂରଭଞ୍ଜରେ ୭.୩୩ ଲକ୍ଷ, କଟକରେ ୬.୮୮ ଲକ୍ଷ ଏବଂ ବଲାଙ୍ଗୀରରେ ୫.୩୪ ଲକ୍ଷରୁ ଅଧିକ କାର୍ଡ ବଣ୍ଟାଯାଇଛି। ସମସ୍ତ ୩୦ ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଡ ବଣ୍ଟନ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୭୦ ବର୍ଷ ବା ତଦୁର୍ଦ୍ଧ ନାଗରିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩.୨୧ ଲକ୍ଷ ବରିଷ୍ଠ ନାଗରିକଙ୍କ ଇକେୱାଇସି କରି କାର୍ଡ ପ୍ରସ୍ତୁତ କରାଯାଇଛି। ଅବଶିଷ୍ଟ ୧୯.୭୯ ଲକ୍ଷ ବରିଷ୍ଠ ନାଗରିକଙ୍କ ଇକେୱାଇସି ବିକାଶ-ବାହନ ଯାତ୍ରା କାଳରେ ଜୁନ ୨୨ ତାରିଖ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଗ୍ରାମ ଓ ପଞ୍ଚାୟତୱାରୀ ଅଣୁ-କାର୍ଯ୍ୟସୂଚୀ ସହ ସମୟ-ନିର୍ଘଣ୍ଟ ପ୍ରସ୍ତୁତ କରିବା ପାଇଁ ସାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା. ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମଧ୍ୟପ୍ରାଚ୍ୟ ଥରହର...

ଇସ୍ରାଏଲ ସେନା (ଆଇଡିଏଫ) ପକ୍ଷରୁ କୁହାଯାଇଛି। ଇରାନର ଜବାବୀ କାର୍ଯ୍ୟାନୁଷ୍ଠାନକୁ ଦେଖି ଇସ୍ରାଏଲ ସତର୍କ ହୋଇ ରହିଛି। ନିଜ ସୀମାରେ ଲଢୁଆ ବିମାନକୁ ମୁତୟନ କରି ରଖିଛି। ଦୁଇ ଦେଶ ମୁହାଁମୁହିଁ ସ୍ଥିତିରେ ଥିବା ବେଳେ ରାତିରେ ମଧ୍ୟ ପୁଣି ପ୍ରଚଣ୍ଡ ଆକ୍ରମଣ କରିଛି ଇସ୍ରାଏଲ୍। ଇରାନ୍‌ର ପରମାଣୁ ଠିକଣାକୁ ନିଶାଣ କରି ୧୦୦ରୁ ଊର୍ଦ୍ଧ୍ୱ କ୍ଷେପଣାସ୍ତ୍ର ମାଡ଼ କରିଥିବା ବେଳେ ଏଥିରେ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ଭାରତ ଏହି ଯୁଦ୍ଧ ସ୍ଥିତିକୁ ନେଇ ଗଭୀର ଚିନ୍ତା ପ୍ରକଟ କରିବା ସହ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଶାନ୍ତି ନିବେଦନ କରାଯାଇଛି। ଉତ୍ତେଜନାକୁ ବଢ଼ାଇବା ଭଳି କୌଣସି ପଦକ୍ଷେପ ନ ନେବା ପାଇଁ ଦୁଇ ଦେଶକୁ ପରାମର୍ଶ ଦେଇଛି। କୂଟନୈତିକ ସ୍ତରରେ ଆଲୋଚନା କରି ବିବାଦର ସମାଧାନ କରିବାକୁ କୁହାଯାଇଛି। ଯଥାସମ୍ଭବ ସହାୟତା ଲାଗି ଭାରତ ପ୍ରସ୍ତୁତ ବୋଲି କୁହାଯାଇଛି। ଏହା ମଧ୍ୟରେ ଇରାନ ସ୍ଥିତ ଭାରତୀୟ ଦୂତାବାସ ନାଗରିକଙ୍କ ପାଇଁ ଚେତାବନୀ ଜାରି କରିଛି। ଭାରତୀୟ ନାଗରିକଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି।

ଅନ୍ୟପକ୍ଷରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆକ୍ରମଣର ସୂଚନା ଆମେରିକା ଏବଂ ରୁଷ୍‌କୁ ଦେଇଛନ୍ତି। ସେ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି। ନେତନ୍ୟାହୁ ତାଙ୍କୁ ସ୍ଥିତି ବିଷୟରେ ସୂଚନା ଦେଇଛନ୍ତି। ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଲାଗି ନେତନ୍ୟାହୁଙ୍କୁ ମୋଦୀ କହିଛନ୍ତି। ଆକ୍ରମଣ ପରେ ନେତନ୍ୟାହୁ ଦେଶକୁ ସମ୍ବୋଧନ କରିଥିଲେ। ଇସ୍ରାଏଲର କ୍ଷତି କରିବା ପାଇଁ ଇରାନ ପାଖରେ କ୍ଷମତା ରହିଛି। ଏହାର ମୁକାବିଲା ପାଇଁ ପ୍ରସ୍ତୁତି କରାଯାଇଛି। ଏଥିରେ ସହଯୋଗ କରିବା ପାଇଁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଇରାନ ପରମାଣୁ ଅସ୍ତ୍ରଶସ୍ତ୍ର ନିର୍ମାଣ ଦିଗରେ ଅତ୍ୟନ୍ତ ବିପଜ୍ଜନକ ପଦକ୍ଷେପ ନେଇଥିଲା। ୯ଟି ପରମାଣୁ ବୋମା ନିର୍ମାଣ ଲାଗି ଇରାନ ପାଖରେ ପର୍ଯ୍ୟାପ୍ତ ୟୁରାନିୟମ ଥିଲା। ୬ ବର୍ଷରେ ୨୦ ହଜାର ବାଲିଷ୍ଟିକ ମିସାଇଲ ନିର୍ମାଣ କରିବାକୁ ଯୋଜନା ମଧ୍ୟ କରିଥିଲା। ଏହି କ୍ଷେପଣାସ୍ତ୍ର ମିନିଟ୍‌କ ମଧ୍ୟରେ ଇସ୍ରାଏଲରେ ପହଞ୍ଚି ଯାଇଥାନ୍ତା। ତେଣୁ ଏହି ଆକ୍ରମଣ କରାଯାଇଥିଲା। ଯଦି ଏବେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥାଆନ୍ତା ତେବେ ଆଗାମୀ ପିଢିର ଭବିଷ୍ୟତ ସୁରକ୍ଷିତ ରହି ନ ଥାଆନ୍ତା। ଇସ୍ରାଏଲ କେବଳ ନିଜ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଏହି ପଦକ୍ଷେପ ନେଇଛି। ଏହି ଅଭିଯାନ ଏବେ ଶେଷ ହୋଇନାହିଁ ବୋଲି ନେତନ୍ୟାହୁ କହିଛନ୍ତି। ସେ ଇରାନ ନାଗରିକଙ୍କୁ ମଧ୍ୟ ନିବେଦନ କରିଛନ୍ତି। ଇରାନ ନାଗରିକ ନୁହେଁ, ବରଂ ଆମେ ଇରାନ ସରକାର ବିରୋଧରେ ଲଢୁଛୁ। ଅନେକ ବର୍ଷ ହେଲା ଇରାନ ନିଜ ଲୋକଙ୍କ ସ୍ୱରକୁ ଚପାଇ ରଖିଛି। ଏହା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଆକ୍ରମଣ ସମର୍ଥନ ଦେଇଛନ୍ତି। ଏହି ଆକ୍ରମଣ ବହୁତ ବଢ଼ିଆ ଥିଲା ବୋଲି କହିଛନ୍ତି। ଇରାନକୁ ଗୋଟିଏ ସୁଯୋଗ ଦିଆଯାଇଥିଲା। କିନ୍ତୁ ଇରାନ ୬୦ ଦିନ ମଧ୍ୟରେ ଏହାର ଲାଭ ଉଠାଇ ପାରି ନ ଥିଲା। ଏବେ ଏହି ଦେଶକୁ ବହୁତ ବଡ଼ ଝଟ୍‌କା ଲାଗିଛି। ଯଦି ପରମାଣୁ ଚୁକ୍ତି ପାଇଁ ଆଲୋଚନା କରା ନ ଯିବ ତେବେ ଆହୁରି ପ୍ରଚଣ୍ଡ ଆକ୍ରମଣ ହେବ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି। ତେବେ ଟ୍ରମ୍ପଙ୍କ ଏହି ପ୍ରସ୍ତାବକୁ ଇରାନ ପ୍ରତ୍ୟାଖ୍ୟାନ କରିଦେଇଛି। ଏପରି ସମୟରେ ଇରାନ ରାଷ୍ଟ୍ରପତି ମସୁଦ ପେଜସକିଆନ ଇସ୍ରାଏଲକୁ ଧମକ ଦେଇଛନ୍ତି। ଏହି ଦେଶ ବହୁତ ବଡ଼ ଭୁଲ କରିଦେଲା ବୋଲି କହିଛନ୍ତି। ଏହି ଦୁଃସାହସ ପାଇଁ ଇସ୍ରାଏଲକୁ ପଶ୍ଚାତାପ କରିବାକୁ ପଡ଼ିବ। ଏହି ଅପରାଧକୁ ଦେଖି ଇରାନ ଚୁପ୍ ହୋଇ ରହିପାରିବ ନାହିଁ। ଇରାନ ବିଦେଶ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ସାମରିକ ଏବଂ ପରମାଣୁ ଠିକଣାରେ ଆକ୍ରମଣ କରି ଇସ୍ରାଏଲ ଯୁଦ୍ଧ ଘୋଷଣା କରିଛି। ଏହି ଘଟଣାକୁ ନେଇ ମିଳିତ ଜାତିସଂଘ ସୁରକ୍ଷା ପରିଷଦକୁ ଇରାନ ବିଦେଶମନ୍ତ୍ରୀ ଚିଠି ଲେଖିଛନ୍ତି। ଇସ୍ରାଏଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

### ଓଡ଼ିଶାରେ ମହିଳା...

ଏହି କାର୍ଯ୍ୟକ୍ରମରେ ସମାଜରେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଅଧିକାରକୁ ସୁରକ୍ଷିତ କରିବା ପାଇଁ ସାତ ସୂତ୍ରୀ ଦାବି ସର୍ବସମ୍ମତିକ୍ରମେ ପାରିତ କରାଯାଇଥିଲା। ସଂସଦରେ ପାରିତ ହୋଇଥିବା ନାରୀଶକ୍ତି ବନ୍ଦନ ଅଧିନିୟମ ବିଲ ଅନୁଯାୟୀ ମହିଳାମାନଙ୍କ ପାଇଁ ବିଧାନସଭା ଓ ସଂସଦର ୩୩ ପ୍ରତିଶତ ଆସନ ସଂରକ୍ଷଣର ବ୍ୟବସ୍ଥାକୁ ୨୦୨୯ ସାଧାରଣ ନିର୍ବାଚନରେ ଲାଗୁ କରାଯାଉ ବୋଲି ଦାବି ରଖାଯାଇଥିଲା। ସେହିପରି ମିଶନ ଶକ୍ତି ମାଧ୍ୟମରେ ଗଠିତ ହୋଇଥିବା ରାଜ୍ୟର ସାତ ହଜାରରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜିଗୁଡ଼ିକୁ ପୂର୍ବରୁ ସରକାରୀ ବିଭାଗରୁ ପ୍ରଦାନ କରାଯାଉଥିବା ବିଭିନ୍ନ କାର୍ଯ୍ୟରେ ପୁନଃ ନିୟୋଜିତ କରିବା, ବିନା ସୁଧରେ ବର୍ଷକୁ ୨୦ ଲକ୍ଷ ଟଙ୍କା ପ୍ରଦାନ, ମିଶନ ଶକ୍ତିର ବଜେଟ ପରିମାଣକୁ ଦଶ ହଜାର କୋଟି ଟଙ୍କାକୁ ବୃଦ୍ଧି, ମହିଳା ସୁରକ୍ଷାକୁ ପ୍ରାଥମିକତା ଓ ପୂର୍ବରୁ ଥିବା ମହିଳା ଓ ଶିଶୁ ଡେସ୍କକୁ ପୁନଃ ସ୍ଥାପନ, ମହିଳାଙ୍କ ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା. ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଡରେ ବର୍ଷକୁ ୨୦ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ବ୍ୟବସ୍ଥା ନିମନ୍ତେ ଏହି ଅବସରରେ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଦେବ, ସଂତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ପ୍ରଫୁଲ୍ଲ ସାମଲ, ସଞ୍ଜୟ ଦାସବର୍ମା, ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଓଡ଼ିଆ 'ଅସ୍ମିତା'ର...

ଗାଡ଼ିମାଲିକଙ୍କ ପେଟ ପୋଷୁଛନ୍ତି। ଯାହାକୁ ନେଇ ରାଜ୍ୟର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ବର୍ଷକର ଉପଲବ୍ଧି ପ୍ରଚାର ନିମନ୍ତେ ଓଡ଼ିଶାର ୩୧୪ ଟି ବ୍ଲକ, ୧୧୫ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଏବଂ ୫ଟି ମହାନଗର ନିଗମରେ ଗୁରୁବାରଠାରୁ ବିକାଶ ବାହନ ଗଡ଼ିବା ଆରମ୍ଭ ହୋଇଛି। ଏହି ବାହନ ଜରିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ "ପ୍ରଗତି ପ୍ରବାହ' ପୁସ୍ତକ ଏବଂ ଏକ ବର୍ଷର ସଫଳତାର ସମ୍ବଳିତ ପୁସ୍ତିକା ମଧ୍ୟ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଯୋଜନା କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଭଡ଼ା ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମିଶାଇ ଦୈନିକ ୨୫ ଲକ୍ଷ ଟଙ୍କା ବରାଦ କରାଯାଇଛି ଏବଂ ୧୦ ଦିନରେ ଏଥିପାଇଁ ସରକାର ଅଢ଼େଇ କୋଟି ଟଙ୍କା ଖର୍ଚ୍ଚ କରିବେ । କେବଳ ଏହି ଘଟଣା ନୁହେଁ, ଗତ ନିର୍ବାଚନ ସମୟରେ ବିଜେପି ପାଇଁ ପ୍ରଚାର ନିମନ୍ତେ ଉତ୍ତରପ୍ରଦେଶରୁ ୫୦୦ରୁ ଊର୍ଦ୍ଧ୍ୱ ପିକ୍‌ଅପ୍ ଭ୍ୟାନ ଭଡ଼ାରେ ଅଣା ଯାଇଥିଲା। ଗେରୁଆ ରଙ୍ଗର ହୋଡର୍ଂରେ ଗାଡ଼ିଗୁଡ଼ିକ ସଜାଇ ସବୁ ନିର୍ବାଚନ ମଣ୍ଡଳରେ ପ୍ରଚାର ପାଇଁ ବ୍ୟବହାର କରାଯାଇଥିଲା । ସେତେବେଳେ ଏହାକୁ ନେଇ ମଧ୍ୟ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଓଡ଼ିଶାରେ ବିଜେପି ପ୍ରଚାର ପାଇଁ ଅନ୍ୟ ରାଜ୍ୟର ଗାଡ଼ିକୁ ବ୍ୟବହାର କରିବାକୁ ଅନେକ ନାପସନ୍ଦ କରିଥିଲେ । ଏବେ କଥିତ 'ବିକାଶ' ବାହନ ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ, ସରକାର ଜନସାଧାରଣଙ୍କ ଭାଗୀଦାରିତାରେ 'ବିକଶିତ ଓଡ଼ିଶା' ତଥା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରୟାସ କରିଛନ୍ତି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ସରକାରଙ୍କ ଏପ୍ରକାର ପ୍ରଚାରକୁ ବିରୋଧୀ କଡ଼ା ସମାଲୋଚନା କରିଛନ୍ତି । ବିଜେପି ସରକାରଙ୍କ ଝାରଖଣ୍ଡ ପ୍ରୀତି ବହୁ ପୁରୁଣା ଓ ନିର୍ଦ୍ଦିଷ୍ଟ ନେତାଙ୍କ ସୁପାରିସରେ ଓଡ଼ିଆ ଗାଡ଼ି ପରିବର୍ତ୍ତେ ପ୍ରଚାର ପାଇଁ ଝାରଖଣ୍ଡ ଗାଡ଼ି ଅଣାଯାଇଛି ବୋଲି ବିରୋଧୀ କହିଛନ୍ତି । ଅନ୍ୟପକ୍ଷରେ ସାଧାରଣ ଲୋକମାନେ ମଧ୍ୟ ଏହାକୁ ସାମାଜିକ ଗଣମାଧ୍ୟମରେ ସମାଲୋଚନା କରିଛନ୍ତି । ଓଡ଼ିଆଙ୍କୁ ଛାଡ଼ି ବର୍ତ୍ତମାନ କାହିଁକି ଝାଡ଼ଖଣ୍ଡୀଙ୍କ ପ୍ରତି ସରକାର ଆକୃଷ୍ଟ ହେଲେ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ।

ଏ ସମ୍ପର୍କରେ ନିଖିଳ ଓଡ଼ିଶା ଡ୍ରାଇଭର୍ ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ ଏହା ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ। ରାଜ୍ୟ ସରକାର ଓଡ଼ିଆ ଗାଡ଼ି ମାଲିକ ଓ ଓଡ଼ିଆ ଗାଡ଼ିଚାଳକଙ୍କୁ ଛାଡ଼ି ବାହାର ରାଜ୍ୟରୁ ଗାଡି ଆଣୁଛନ୍ତି। ଏହାଦ୍ୱାରା ଓଡ଼ିଶାର ଟଙ୍କା ବାହାର ରାଜ୍ୟକୁ ଚାଲିଯିବ। ଓଡ଼ିଆଗାଡ଼ି ଚାଳକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରିଥିଲେ ରାଜ୍ୟର କିଛି ଗାଡ଼ି ମାଲିକ ଓ ଗାଡ଼ି ଚାଳକ କିଛି ଅର୍ଥ ପାଇପାରିଥାନ୍ତେ। ଏହାକୁ ମହାସଂଘ ନାପସନ୍ଦ କରୁଛି ବୋଲି ସେ କହିଛନ୍ତି।

### ହୋଟେଲରେ ନାବାଳିକାକୁ...

ତାରିଖ ସନ୍ଧ୍ୟା ପ୍ରାୟ ୬ଟାରେ ଲେଙ୍କା ସୁନୀଲ ନାବାଳିକାକୁ ଗାନ୍ଧୀ ପାର୍କ ନିକଟରେ ଛାଡ଼ି ଦେଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ପୁଲିସ୍ ତଦନ୍ତ କରି ଶୁକ୍ରବାର ୩ଅଭିଯୁକ୍ତଙ୍କୁ ଗିରଫ କରିଛି। ଜେରା ସମୟରେ, ଅଭିଯୁକ୍ତମାନେ ସେମାନଙ୍କ ଦୋଷ ସ୍ୱୀକାର କରିଥିବା ପୁଲିସ୍ କହିଛି। ଏଥିସହ ପୁଲିସ ନାବାଳିକାର ଡାକ୍ତରୀମାଇନା କରାଇଛି। ଏନେଇ ଥାନାରେ ନମ୍ବର ୧୪୯/୨୫ରେ ଏକ ମାମଲା ରୁଜୁ ହୋଇଛି।

### ଯାଜପୁର, ଭଦ୍ରକରେ...

କହିଛନ୍ତି, ଯାଜପୁର ଓ ଭଦ୍ରକ ଅଞ୍ଚଳର ବିଭିନ୍ନ ସ୍ଥାନରେ ସର୍ବେକ୍ଷଣ ଓ ଡାକ୍ତରୀ ଦଳ କାର୍ଯ୍ୟରତ ଅଛନ୍ତି। ସଂଗ୍ରହ କରାଯାଇଥିବା ୪୧ଟି ମଳ ନମୁନା ମଧ୍ୟରୁ ୮ଟିରେ କଲେରା ପଜିଟିଭ୍ ଥିବାର ସଙ୍କେତ ମିଳିଛି। ଅଦ୍ୟାବଧି ଯାଜପୁର ଜିଲ୍ଲାରେ ବିଭିନ୍ନ ଡାକ୍ତରଖାନାରେ ୨୨୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୯୧ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଗତ ୩ ଧରି ବିଭିନ୍ନ ଡାକ୍ତରଖାନାରେ ୬୨୨ ଜଣ ରୋଗୀ ଚିକିତ୍ସିତ ହୋଇଥିବା ବେଳେ ସେଥିମଧ୍ୟରୁ ୧୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ଜିଲ୍ଲାର ୭ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି।

ଶୁକ୍ରବାର ପାନୀୟ ଜଳ ଓ ପଞ୍ଚାୟତିରାଜ ସଚିବ ଗିରିଶ ଏସ୍‌ଏନ୍ ପାନୀୟ ଜଳ ନିର୍ଦ୍ଦେଶକ ଭିନିତ ଭରଦ୍ୱାଜ, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ମୁଖ୍ୟଯନ୍ତ୍ରୀ ବଳରାମ ମିଶ୍ର ସ୍ଥିତି ଅନୁଧ୍ୟାନ କରିବା ସହ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଆଭାସୀ ମାଧ୍ୟମରେ ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଛୁଟିକୁ ବାତିଲ କରିଛନ୍ତି। ଦୂଷିତ ପାଣି ଓ ଭୋଜି ଖାଇ ଝାଡ଼ାବାନ୍ତିରେ ଲୋକେ ଆକ୍ରାନ୍ତ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଝାଡ଼ାବାନ୍ତିର କାରଣ ସମ୍ପର୍କରେ କେନ୍ଦ୍ରୀୟ ଦଳ ଦୁଇଦିନ ହେବ ବିଭିନ୍ନ ପରୀକ୍ଷାନିରୀକ୍ଷା ଜାରି ରଖିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଶ୍ରୀ ମିଶ୍ର ସୂଚନା ଦେବା ସହ ଏବେ ବି କାରଣ ଅସ୍ପଷ୍ଟ ରହିଥିବା ସୂଚନା ମିଳିଛି।

# ବର୍ଷକ ମଧ୍ୟରେ ତୃତୀୟଥର ଭଦ୍ରକ ଅଶାନ୍ତ

## ୩୬ ଘଣ୍ଟା ପରେ ସ୍ୱାଭାବିକ ହେଲା ଇଣ୍ଟରନେଟ୍ ସେବା

ଭଦ୍ରକ,୧୩।୬(ସମିସ): ବର୍ଷକ ମଧ୍ୟରେ ତୃତୀୟଥର ଅଶାନ୍ତ ହୋଇଛି ଭଦ୍ରକ । ଦୁଇ ସମ୍ପ୍ରଦାୟ ମଧ୍ୟରେ ବାରମ୍ବାର ବିବାଦ ଭଦ୍ରକର ପରିବେଶକୁ ଅଶାନ୍ତ କରିଛି। ପୂର୍ବରୁ ଦୀର୍ଘବର୍ଷ ଧରି ଭଦ୍ରକରେ ରହିଥିବା ସାମ୍ପ୍ରଦାୟିକ ସଦ୍‌ଭାବ ବର୍ଷକ ମଧ୍ୟରେ ବାରମ୍ବାର ବାଧାପ୍ରାପ୍ତ ହୋଇଛି। ଜଳାପୋଡ଼ା, ଗୋଷ୍ଠୀ ସଂଘର୍ଷ, ରାସ୍ତା ଅବରୋଧ ଏକ ସାଧାରଣ କଥାରେ ପରିଣତ ହୋଇଛି। ଯାହାକୁ ନେଇ ସାଧାରଣ ଲୋକଙ୍କ ଜୀବନଯାତ୍ରା ବ୍ୟାହତ ହେଉଛି । ପୁଲିସ ନିକଟରେ ଘଟଣା ସମ୍ପର୍କରେ ସୂଚନା ରହୁନାହିଁ, ଯାହା ଫଳରେ ପରିସ୍ଥିତିକୁ ଠିକ୍ ସମୟରେ ନିୟନ୍ତ୍ରଣ କରାଯାଇ ପାରୁନାହିଁ ।

ମେ ୩୦ ତାରିଖରେ ତିହିଡ଼ି ଥାନା କଷଟି ଗୁଜିଦରଡ଼ା ଅଞ୍ଚଳରେ ଗୋରୁ ମାଫିଆଙ୍କ ଆକ୍ରମଣକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ବେଳେ ସନ୍ତୋଷ ପରିଡ଼ା ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ଦୀର୍ଘଦିନ ଧରି ଚିକିତ୍ସିତ ହେବାପରେ ରାଜଧାନୀର ଏକ ଘରୋଇ ଡ଼ାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବରପ୍ରଚାରିତ ହେବା ପରେ ଭଦ୍ରକ ପୁଣିଥରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ସାରା ସହରରେ ପୁଲିସ ଛାଉଣି କରାଯିବା ସହ ଇଣ୍ଟରନେଟ ସେବାକୁ ବନ୍ଦ ରଖା ଯାଇଥିଲା। ପ୍ରଶାସନ ତରଫରୁ ଜିଲ୍ଲାରେ ୨୭ ପ୍ଲାଟୁନ ପୁଲିସ ଓ ୪୫ ଜଣ ପୁଲିସ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା। ଜିଲ୍ଲାରେ ଏବେ ପର୍ଯ୍ୟନ୍ତ ୨୨ ପ୍ଲାଟୁନ ପୁଲିସ ମୁତୟନ ହୋଇଛନ୍ତି। ଘଟଣାରେ ଏବେ ପର୍ଯ୍ୟନ୍ତ ୧୨ ଜଣ ଗିରଫ ହୋଇଥିବା ବେଳେ ଆହୁରି ଅଭିଯୁକ୍ତଙ୍କୁ ପୁଲିସ ଠାବ କରିଛି। ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିବା ପୁଲିସ ସୂଚନା ଦେଇଛି। ଅନ୍ୟପକ୍ଷରେ ଦୀର୍ଘ ୩୬ ଘଣ୍ଟା ଜିଲ୍ଲାବ୍ୟାପୀ ଇଣ୍ଟରନେଟ୍ ସେବା ସ୍ୱାଭାବିକ ହୋଇଛି। ଆବଶ୍ୟକ ପଡ଼ିଲେ ପୁଣି ଥରେ ଇଣ୍ଟରନେଟ୍ ସେବା ଉପରେ କଟକଣା ଲାଗୁ ହୋଇପାରେ ବୋଲି ଏସ୍‌ପି ମନୋଜ ରାଉତ କହିଛନ୍ତି। ଅନ୍ୟପକ୍ଷରେ ଗତକାଲିଠାରୁ ବନ୍ଦ ଥିବା ଉଠାଦୋକାନ ଖୋଲିବା ନେଇ ପ୍ରଶାସନ କୌଣସି ନିଷ୍ପତ୍ତି ନେଇ ନଥିବା ଜଣାପଡିଛି। ଅନ୍ୟପକ୍ଷରେ ଗତକାଲିଠାରୁ ବନ୍ଦ ଥିବା ଉଠାଦୋକାନ ଖୋଲିବା ନେଇ ପ୍ରଶାସନ କୌଣସି ନିଷ୍ପତ୍ତି ନେଇ ନଥିବା ଜଣାପଡିଛି।

## ଇଡି ଡେପୁଟି ଡାଇରେକ୍ଟର ଚିନ୍ତନଙ୍କ ଜାମିନ ଖାରଜ

ଭୁବନେଶ୍ୱର,୧୩।୬(ସମିସ): ଲାଞ୍ଚ ମାମଲାରେ ଗିରଫ ହୋଇ ଜେଲ୍ ଯାଇଥିବା ଇଡିର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀଙ୍କ ଜାମିନ୍ ଆବେଦନ ସିବିଆଇ କୋର୍ଟରେ ଖାରଜ ହୋଇଯାଇଛି। ଉଚ୍ଚ ପଦସ୍ଥ ସରକାରୀ ହୋଇଥିବାରୁ ଜାମିନ ମିଳିଲେ ସାକ୍ଷୀ ପ୍ରମାଣ ପ୍ରଭାବିତ ହୋଇପାରନ୍ତି ବୋଲି କୋର୍ଟ ହୃଦ୍‌ବୋଧ କରି ଜାମିନ ଖାରଜ କରିଛନ୍ତି। ଖଣି ମାଲିକ ରତିକାନ୍ତ ରାଉତଙ୍କ ତାଙ୍କ ବିରୋଧରେ ସିବିଆଇରେ ଅଭିଯୋଗ କରିଥିଲେ।

# ପ୍ରକାଶ ପାଇଲା ପିଜି ମେଧା ତାଲିକା

## ପ୍ରଥମ ରାଉଣ୍ଡରେ ନାମ ଲେଖାଇବେ ୨୨,୨୨୬ ଛାତ୍ରଛାତ୍ରୀ

ଭୁବନେଶ୍ୱର,୧୩।୬(ସମିସ): ସ୍ନାତକୋତ୍ତର (ପିଜି) ନାମଲେଖା ପାଇଁ ଶୁକ୍ରବାର ମେଧା ତାଲିକା ପ୍ରକାଶ ପାଇଛି। ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ୨୨,୨୨୬ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରେ ୭,୩୨୩ଜଣ ଛାତ୍ର ଥିବାବେଳେ ଏହାର ପ୍ରାୟ ଦୁଇଗୁଣା ଅର୍ଥାତ୍ ୧୪,୯୧୨ ଜଣ ଛାତ୍ରୀ ରହିଛନ୍ତି। ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମଲେଖାଇବାକୁ ଇଚ୍ଛୁକ ଥିବା ପିଲାମାନେ ଫ୍ରିଜ୍ ଅପସନ୍ ଦେଇ ଅନ୍‌ଲାଇନ୍‌ରେ ନାମଲେଖା ଫି' ଦାଖଲ କରିବେ।

**ଆବେଦନ ସତ୍ତ୍ୱେ ଚଏସ୍ ଲକିଂ କରିନାହାନ୍ତି ୧୫,୬୮୮**

ଏହାସହ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ୧୬ରୁ ୧୮ ତାରିଖ ମଧ୍ୟରେ ନାମଲେଖାଇ ପାରିବେ। ଅପରପକ୍ଷରେ ଯେଉଁମାନେ ଅନ୍ୟ ଶିକ୍ଷାନୁଷ୍ଠାନ ପାଇଁ ଆଗ୍ରହୀ ଥିବେ ସେମାନେ ସ୍ଲାଇଡ୍ ବା ଫ୍ଲୋଟ୍ ଅପସନ୍ ଦେଇ ଫି' ଜମା କରିବେ। ସେମାନଙ୍କୁ ଶିକ୍ଷାନୁଷ୍ଠାନକୁ ଯିବାପାଇଁ ପଡ଼ିବ ନାହିଁ ବୋଲି କୁହାଯାଇଛି।

ଚଳିତବର୍ଷ ସମୁଦାୟ ୧୨୧ଟି ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ୩୧,୧୫୪ଟି ସିଟ୍ ଉପଲବ୍ଧ ରହିଛି। ଏଥିରେ ନାମଲେଖାଇବାକୁ ୬୨,୩୨୧ ଜଣ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୬,୯୭୬ ଜଣ ଯୋଗ୍ୟ ଆବେଦନକାରୀଙ୍କୁ ଚୟନ ପାଇଁ ବିଚାରକୁ ନିଆଯାଇଥିଲା। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୪୧,୨୮୮ ଜଣ ଚଏସ୍ ଲକିଂ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିଛନ୍ତି। ଅର୍ଥାତ୍ ୧୫,୬୮୮ ଜଣ ଆବେଦନ କରିଥିଲେ ମଧ୍ୟ ଚଏସ୍ ଲକିଂ ବା ଶିକ୍ଷାନୁଷ୍ଠାନ ଚୟନ କରିନାହାନ୍ତି। ପ୍ରଥମ ରାଉଣ୍ଡ ସରିବା ପରେ ୨୩ତାରିଖରେ ଦ୍ୱିତୀୟ ରାଉଣ୍ଡ ଓ ଜୁଲାଇ ୩ରେ ତୃତୀୟ ତଥା ଶେଷ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୩ଟି ପର୍ଯ୍ୟାୟ ସରିବା ପରେ ବଳକା ସିଟ୍‌ରେ ନାମଲେଖାଇବାକୁ ୱେଟିଂ ଲିଷ୍ଟ ରାଉଣ୍ଡ ହେବ। ଏଥିପାଇଁ ପିଲାମାନେ ଜୁଲାଇ ୧୪ରୁ ୧୭ ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିବେ। ଜୁଲାଇ ୨୦ ତାରିଖରୁ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।


**ODISHA LIFT IRRIGATION CORPORATION LTD.** CAD-731

(A GOVT. OF ODISHA UNDERTAKING)

**OFFICE OF THE EXECUTIVE ENGINEER, L.I. DIVISION, GUNUPUR**

E-mail: eeolicgnpr@gmail.com

"E"-Procurement Notice

**BID IDENTIFICATION NO. OLIC-GNPR-03/2025-26 dt.11.06.2025**

The Executive Engineer, Lift Irrigation Division, Gunupur, Odisha on behalf of Odisha Lift Irrigation Corporation Limited, Bhubaneswar invites E-tender on Percentage Rate bids in single cover system online mode for the work Installation / Revival / Reinforcement of Lift Irrigation Projects on turnkey basis from reputed contractors / firms having both valid Civil and H.T. license, holders registered within the State issued by PWD/PHED/RWSS/ Irrigation /Rural works of required class and valid HT license issued by E.I.B.O., Odisha with experience in OLIC nature of works. Contractors / firms having civil license can also participate in the above tender making joint venture with valid HT license holders and vice-versa. Valid Joint Venture Documents registered before the Sub-Registration Officer / First Class Magistrate / Executive Magistrate. If a Civil contractor will be first party and joint venture with electrical contractor then the electrical contractor have to produce an affidavit that he have not made joint venture with any others. The bidders who have awarded similar nature of work previously but not satisfactory progress till date their tender may be rejected without assigning any reason thereof.

The details are available in the Government Tender **Website i.e. www.tendersorissa.gov.in**

1. Total Nos. of Packages: 07 nos.
2. Approximate Estimated Cost: Rs. 10.97 Lakhs to 26.71 Lakhs.
3. Period of completion: Mentioned against each package.
4. Class of Contractor: Mentioned against each package.
5. Availability of tender On-line for bidding: From 18.06.2025 to 25.06.2025.
6. Last date & time of seeking tender clarification: On dt. 24.06.2025
7. Last date of submission of original Bid documents / Cost of Bid (On Online Mode): On or before dt. 25.06.2025 up to 5.30 P.M.
8. Date & Time of Opening of tender in the office of the Executive Engineer, L.I. Division, Gunupur (Online Mode): dt. 26.06.2025 onwards.
9. Any Corrigendum/ Addendum: Will be displayed in the website only.

The undersigned reserves the right to reject/cancel any or all the tenders without assigning any reason thereof.

Sd/- Executive Engineer
L.I. Division, Gunupur

OIPR-32144/11/0010/2526



**OFFICE OF THE TAHASILDAR, GUNUPUR**

No....1770...../XII:02/2025-Debottar Dated: 12.06.2025

**CORRIGENDUM**

**1ST EXTENSION OF DATE SUBMISSION OF TENDER**

Last date for submission of Sealed Tender No 1659/XII: 02/2025 dated 03.06.2025 for staging of Mina Bazar and join ride items except Mout Ka Kua at Mina Bazar Rath Yatra for the year 2025 is extended to **17.06.2025 at 04.00 PM.**

All other terms and conditions will remain the same.

Sd/- Tahasildar-Cum-Executive Officer
Endowment, Gunupur



GOVERNMENT OF ODISHA O-284

OFFICE OF THE SUPERINTENDING ENGINEER

RURAL WORKS DIVISION-I, MALKANGIRI

NATIONAL COMPETITIVE BIDDING THROUGH e-Procurement

1st Corrigendum to Online Tender 01/RWD-I, MKG/2025-26 dt. 23.05.2025

In Partial modification to this office tender call notice Online Tender 04/RWD-I, MKG/2024-25 dt.09.10.2024 availability of Tender on-line for bidding have been rescheduled as follows

| Procurement Officer | Bid Identification No. | No of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -01/ RWD-I, MKG /2025-26 | **Total 7 nos** (single cover & Double Cover) | 23.06.2025 from 11.00 AM | 07.07.2025 up to 5.00 PM | 30.06.2025 up to 5.00 P.M. | Tech Bid opening: - **(Single Cover & Double Cover Tech. Bid)** 08.07.2025 at 11.00 AM |

All other terms and conditions will remain unaltered

Executive Engineer
R.W. Division-I, Malkangiri

OIPR-25058/11/0013/2526



**AFFIDAVIT**

I, Manoja Kumar Sahu, aged about 50 years, H/o- Sasmita Kumari Dash, resident of Flat No.201, 1st floor, Swarnajyoshtna Apartment, Mallick complex, Lane-10B, Jagamara, Bhubaneswar, PO/PS- Khandagiri, Dist-Khurda, PIN- 751030, Odisha declared by this affidavit No. 497, dtd-12/06/2025 that now onwards I shall be known as **MANOJ KUMAR SAHU** for all future purposes.

**AFFIDAVIT**

I, Prasannajit Moharana, aged about 31 years, S/o.: Debendranath Moharana, of Village: Jailo, PO.: Mahanga, P.S.: Mahanga, Dist.: Cuttack declare by this affidavit No.: 5788, dtd. 05.06.2025 that now onwards I shall be known as **Prasanajit Moharana** for all future purposes.

**AFFIDAVIT**

By virtue of an affidavit sworn before Notary Court of Odisha, Sukinda, Jajpur, Dated: 22.04.2025, I, Madan Tudu, At: Aradapal, PO: Kalarangiatta, PS:Kaliapani, Dist: Jajpur declare that I have changed my son's name from Adyansh Tudu (Old Name) to Leda Tudu (New Name). Henceforth, he shall be known as **Leda Tudu** for all purposes.

Sd/- Madan Tudu

**AFFIDAVIT**

I, S K Kalmattullah, S/o. Sheik Amanattulla, resident of LIG- 11/3, Housing Board Colony, Chandrasekharpur, Bhubaneswar, Dist-Khordha, Pin- 751016, Odisha, declare by this Affidavit No. 21, Dated 12.06.2025, that now onwards I shall be known as **SHEIK KALAMATTULLA** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2647 dated 12.06.2025, I, **VYSYARAJU SIVA PRASAD RAO** of Vill.- Padwa, Po.- Padwa, Dist.- Koraput, Pin-764038, Odisha declare that, I have changed my son's name from **V.SWAHAN** to **VYSYARAJU SOHAN**. Henceforth he shall be known as **VYSYARAJU SOHAN** for all purposes.

**AFFIDAVIT**

By virtue of an affidavit Sl.No.-5864, dtd. 05.06.2025 before the Notary Public, Sambalpur, I, Prasadi Padhan have changed my minor son's name from **Ashish Padhan** to **Jagannath Padhan**. Henceforth he will be know as **Jagannath Padhan** for all purposes.

Sd/- Prasadi Padhan

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2646 dated 12.06.2025, I, **VYSYARAJU SIVA PRASAD RAO** of Vill.- Padwa, Po.- Padwa, Dist.- Koraput, Pin- 764038, Odisha declare that, I have changed my daughter's name from **V.VAISALI** to **VYSYARAJU VAISHALI**. Henceforth she shall be known as **VYSYARAJU VAISHALI** for all purposes.

**AFFIDAVIT**

I Snigdha Ghosh,W/o- Dillip Kumar Ghosh, resident of village, Palusia, Post-Gopinathpur, Ps-Bhograi, Dist- Balasore, Odisha, declared by affidavit before Executive Magistrate , Bhograi No.1878/ dtd-27/05/2025 that My actual name as Snigdha Ghosh in educational certificate, that wrongly mentioned as Snidha Ghosh in Adhar card. Snigdha Ghosh and Snidha Ghosh is one & same person.Hence my name as Snigdha Ghosh for all future purpose.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2648 dated 12.06.2025, I, **VYSYARAJU SIVA PRASAD RAO** of Vill.- Padwa, Po.- Padwa, Dist.- Koraput, Pin- 764038, Odisha declare that, I have changed my name from **VYSYARAJU SIVA PRASAD SHIVA PRASAD RAO**. Henceforth I shall be known as **VYSYARAJU SHIVA PRASAD RAO** for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-13/06/2025. I, **Nila Nag** (Applicant name) Son of Mathula Nag, permanent resident of At- Kapsibhata, P.O. Ghantabahali, P.S. Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my minor daughter name from **Dasamata Nag** (old name) To **Dasmita Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Dasmita Nag** (new name). **NILA NAG**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2644 dated 12.06.2025, I, **BHAGABATI KHILL** of Vill.- Kakua, Po.- Badel, Dist.- Koraput, Pin- 764041, Odisha declare that, I have changed my name from **BHAGABATI KHIL** to **BHAGABATI KHILLA**. Henceforth I shall be known as **BHAGABATI KHILLA** for all purposes.

**AFFIDAVIT**

I, Suprava Sahoo, aged about 48 years, W/o-Seshadev Sahu, resident of At- Main Road, Titilagarh, PO/PS-Titilagarh, Dist- Balangir, PIN- 767033, Odisha declared by this affidavit No. 512, dtd- 13/06/2025 that now onwards I shall be known as **SUPRAVA SAHU** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-12/06/2025. I, **Tanka Majhi** (Applicant name) Son of Sahadev Majhi, permanent resident of AT/P.O. Chalki, P.S. Muribahal, Dist- Bolangir, (Odisha), PIN- 767037 now residing at the same place affirm that I have changed my minor daughter name from **Dips Majhi** (old name) To **Deepa Majhi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Deepa Majhi** (new name).

**TANKA MAJHI**

**AFFIDAVIT**

By virtue of an Affidavit No. 596 Dtd: 12.06.2025 sworn before the Executive Magistrate, Lephripara, I Manash Ranjan Sahoo S/o- Nityananda Sahoo R/o At/Po/Ps-Lephripara, Dist-Sundargarh - 770012, declare that my minor daughter SRUSTI KUMARI SAHOO changed her name to SONAKSHI SAHOO. Henceforth, she will be known as **SONAKSHI SAHOO** for all purposes.

# ଦୁଇଥର ସରିଲାଣି ଅବଧି

## ତଥାପି ଅଧପନ୍ତରିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା

**ନିଶ୍ଚିନ୍ତକୋଇଲି, ୧୩।୬(ସମିସ)**

ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ନତକାଇ ବୁଢୀଜାଗୁଳାଇଠାରୁ ମହାଜନପୁର (ବାହାବଳପୁର) ପୋଲ ପର୍ଯ୍ୟନ୍ତ ରାସ୍ତାକୁ ଗ୍ରାମ ଉନ୍ନୟନ ରାସ୍ତାରେ ଅନ୍ତର୍ଗତ କରାଯାଇ ବିଭାଗ ପକ୍ଷରୁ ଦୁଇ ବର୍ଷ ହେବ ଏହାର କାର୍ଯ୍ୟ ଚାଲିଛି। ରାସ୍ତା ନିର୍ମାଣ ଶେଷ ହେବାର ଅବଧି ଦୁଇ ଥର ସରିଗଲାଣି ହେଲେ ଅଧପନ୍ତରିଆ ଭାବେ ଏହି ରାସ୍ତା ପଡ଼ି ରହିଛି। ଉକ୍ତ ରାସ୍ତାକୁ ମାଟି ପକାଯାଇ ଉଚା ଓ ଓସାରିଆ କରାଯାଇଥିବାରୁ ଟିକିଏ ବର୍ଷା ହେଲେ ରାସ୍ତାରେ ପଡ଼ିଥିବା ମାଟି ଏଭଳି କର୍ଦ୍ଦମାକ୍ତ ପାଲଟୁଛି ଯେ ଏଥିରେ ଯାତାୟାତ କରିବା ସମ୍ଭବପର ହେଉନାହିଁ। ଫଳରେ ଲୋକମାନେ ଯାତାୟାତ କରିପାରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା



ଦେଖାଦେଇଛି। ବିଗତ ସରକାରଙ୍କ ଅମଳରେ ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହି ୬ କିମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତାକୁ ୧୮ ଫୁଟ ଓସାର କରାଯିବ ଏବଂ ଏଥିରେ ୧୨ଫୁଟ ପିଚୁ ଆବଶ୍ୟକ ପଡ଼ିଲେ ଢଳେଇ ରାସ୍ତାରେ ପରିଣତ କରାଯିବା ପାଇଁ ଏଷ୍ଟିମେଟ କରାଯାଇଥିଲା। ଉକ୍ତ କାର୍ଯ୍ୟ କରିବା ପାଇଁ ଉତ୍ତରପ୍ରଦେଶର ଜନୈକ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ ଦିଆଯାଇଥିଲା। ସମ୍ପୃକ୍ତ ଠିକାଦାର ଏହି କାର୍ଯ୍ୟ ବହୁ ମନ୍ଥର ଗତିରେ କରୁଥିବା ବେଳେ ନିର୍ମାଣ ଅବଧି ଶେଷ ହୋଇଯାଉଛି ହେଲେ କାର୍ଯ୍ୟ ସରୁନାହିଁ। ବିଭିନ୍ନ ଆଳ ଦେଖାଇ ଠିକାଦାର ଜଣକ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଅଧିକ ସମୟ ଆଣୁଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ବିଗତ ୬ ମାସ ହେବ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇ ପଡ଼ିଛି। ରାସ୍ତାର ଅନେକ ଅଂଶକୁ ୧୨ ଫୁଟ ଢଳେଇ କରାଯାଇଥିଲେ ମଧ୍ୟ ଏହା ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଠିକାଦାର ଜଣକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଏଗ୍ରିମେଣ୍ଟ ଅନୁଯାୟୀ କି କି କାର୍ଯ୍ୟ କରାଯିବ ତାହାର କୌଣସି ସୂଚନା ଫଳକ ମାରି ନ ଥିବା ବେଳେ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ସମୟରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ସଠିକ୍ ଭାବେ ତଦାରଖ କରାଯାଉ ନ ଥିବା ରାସ୍ତାର ଅବସ୍ଥା ଏଭଳି ପଡ଼ି ରହିଥିବା ଜଣାଯାଇଛି। ବିଭାଗୀୟ ଅଧିକାରୀ ଚୁପ୍‌ଚାପ୍ ରହୁଥିବାରୁ ରାସ୍ତା କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଥିବା ବେଳେ ଟିକିଏ ବର୍ଷା ହେଲେ ଏହି ରାସ୍ତାରେ ଯାତାୟତ କରିବାକୁ ବହୁ ସମସ୍ୟା ଭୋଗୁଛନ୍ତି। କଟକ-ଚାନ୍ଦବାଲି ରାସ୍ତାକୁ ସଂଯୋଗ କରୁଥିବା ବାହାବଳପୁର ପୋଲ ନିକଟରୁ କେନାଲ ବନ୍ଧ ଦେଇ ଯାଇଥିବା ଏହି ରାସ୍ତା ବର୍ତ୍ତମାନ କାଦୁଅରେ ପରିପୂର୍ଣ୍ଣ ହୋଇ ରହିଥିବାରୁ ଏହା ଯାତାୟାତ ଉପଯୋଗୀ ହୋଇପାରୁ ନାହିଁ। ତୁରନ୍ତ ଉକ୍ତ ରାସ୍ତା କାର୍ଯ୍ୟ ଶେଷ କରିବା ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗୋପୀନାଥପୁର ହାଟରୁ ଚୋରି ହେଲାଣି ୬୦ରୁ ଊର୍ଦ୍ଧ୍ୱ ମୋବାଇଲ

**ବଡମ୍ବା, ୧୩।୬(ସମିସ):** ବଡମ୍ବା ଥାନା ଅଧୀନ ଗୋପୀନାଥପୁର ଗ୍ରାମ ପଞ୍ଚାୟତ ହାଟ ମଙ୍ଗଳବାର ଓ ଶୁକ୍ରବାର ଦୁଇଦିନ ବସିଥାଏ। ଆଖପାଖ ୬ଟି ପଞ୍ଚାୟତର ଗ୍ରାମବାସୀ ଏହି ହାଟ ଉପରେ ନିର୍ଭର କରିଥାନ୍ତି। ହାଟ ପାଳିରେ ଏଠାରେ ପ୍ରବଳ ଗହଳି ଲାଗିଥାଏ। ତେବେ ଏହି ଗହଳିର ସୁଯୋଗ ନେଇ ଗଥ କିଛିଦିନ ହେବ ପାଖାପାଖି ୬୦ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଶେଷ କରି ଏ ଚୋରି କାର୍ଯ୍ୟରେ ବାହାର ଅଞ୍ଚଳର ଛୋଟ ପିଲାଙ୍କୁ ବ୍ୟବହାର କରି ମୋବାଇଲ ଚୋରି କରାଯାଉଛି। ଏହା ପଛରେ ଏକ ବଡ଼ ଗ୍ୟାଙ୍ଗ ସମ୍ପୃକ୍ତ ଥିବାର ଅଭିଯୋଗ ହେଉଛି। ଛୋଟ ପିଲାଙ୍କୁ କିଏ ଏଭଳି କାର୍ଯ୍ୟରେ ବ୍ୟବହାର କରୁଛି ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ସାଧାରଣ ଲୋକେ ମୋବାଇଲ ଚୋରକୁ ଧରି ବଡମ୍ବା ପୁଲିସକୁ ହସ୍ତାନ୍ତର କରୁଛନ୍ତି ହେଲେ ଗୋଟେ ହେଲେ ଚୋରା ମୋବାଇଲ ଫୋନ ଧରିପାରୁନି ପୁଲିସ। ସାଧାରଣ ଲୋକେ ବଡମ୍ବା ଥାନାରେ ମୋବାଇଲ ଚୋରି ନେଇ ଅଭିଯୋଗ କରୁଥିଲେ ମଧ୍ୟ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ। ପୁଲିସ ପାଖରେ ଅତ୍ୟାଧୁନିକ ସୁବିଧା ଥିବା ବେଳେ କାହିଁକି ଏହାର

**● ମୁଖ୍ୟ ଆସାମୀ ନିକଟରେ ପହଞ୍ଚିପାରୁନି ପୁଲିସ**

ମାଷ୍ଟରମାଇଣ୍ଡକୁ ବଡମ୍ବା ପୁଲିସ ଧରିପାରୁ ନାହିଁ ସେ ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଇବା ଆରମ୍ଭ କଲେଣି। ଆଜି ଏକ ନାବାଳକ ମୋବାଇଲ ଚୋରକୁ ଧରି ବଡମ୍ବା ପୁଲିସ ଜିମା ଦେଇଥିଲେ ସାଧାରଣ ଲୋକେ। ହେଲେ ଏହା ପଛରେ ଥିବା ମାଷ୍ଟରମାଇଣ୍ଡକୁ ଧରିବାକୁ ବଡମ୍ବା ପୁଲିସ ବିଫଳ ହୋଇଛି।

# ସର୍ପାଘାତରେ ମହିଳାଙ୍କ ମୃତ୍ୟୁ

**ନରସିଂହପୁର, ୧୩।୬(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ନୂଆ ଫୁଲପଡ଼ା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି।



ମୃତ ମହିଳା ଜଣଙ୍କ ବିରଞ୍ଚି ବେହେରାଙ୍କ ପତ୍ନୀ ଶାନ୍ତିଲତା ବେହେରା (୪୭) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ଶାନ୍ତିଲତା ଗତକାଲି ବିଳମ୍ବିତ ରାତିରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଶାନ୍ତିଲତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ନରସିଂହପୁର ମେଡିକାଲକୁ ଆଣିଥିବା ବେଳେ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


# ତିଗିରିଆରେ ଅବକାରୀ ଚଢ଼ଉ



**ତିଗିରିଆ, ୧୩।୬(ସମିସ):** ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସିଏଚ ତିରୁପତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ସ୍ଥିତ ପଣସପାଟଣା ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ ଓ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଏକ ମିଳିତ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ୪୮ ୫୦ଲିଟର ଦେଶୀ ମଦ ସହ ୧୭ ହଜାର ୧୫୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏହି ଚଢ଼ଉରେ କାହାକୁ ଗିରଫ କରାଯାଇ ନ ଥିବା ବେଳେ ୫ଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ ଭୋଇ, ଅବକାରୀ ଗୁଇନ୍ଦା ବିଭାଗ ଉପନିରୀକ୍ଷକ ବାଳବିର ଗଡ଼ନାୟକଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ସାମାଜିକ କର୍ମୀଙ୍କ ପରଲୋକ

**ଟାଙ୍ଗୀ, ୧୩।୬(ସମିସ):** ବ୍ରେନ୍ ଷ୍ଟ୍ରୋକ ଯୋଗୁଁ ବୁଧବାର ରାତିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ହାତୁଓତା ବାସିନ୍ଦା ତଥା ସାମାଜିକ କର୍ମୀ ଗଣେଶ ପ୍ରସାଦ ପୃଷ୍ଟି (୫୬)ଙ୍କ ପରଲୋକ ଘଟିଛି। ଭଦ୍ରକ ଟିଲୋ ତାଳପଦାର ମୂଳ ବାସିନ୍ଦା ସ୍ୱର୍ଗତଃ ପୃଷ୍ଟି ଟାଙ୍ଗୀ ଅଞ୍ଚଳରେ ପିଲାବେଳୁ ରହି କାଳକ୍ରମେ ସ୍ଥାୟୀ ବାସିନ୍ଦା ପାଲଟିଥିଲେ। ବିଭିନ୍ନ ପ୍ରକାର ବ୍ୟବସାୟ ପରେ ଶେଷ ଜୀବନରେ ପଦ୍ମିନୀ



କେୟାରରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ନିଜର ବ୍ୟବହାର, ପରୋପକାରିତା ଓ ସାମାଜିକ କାର୍ଯ୍ୟ ଯୋଗୁଁ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସ୍ୱର୍ଗତଃ ପୃଷ୍ଟିଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବାବେଳେ ଡ୍ରିମ୍ବର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ୍ତ ଷଡ଼ଙ୍ଗୀ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସାମାଜିକ କର୍ମୀ ଚୈତନ୍ୟ ପ୍ରସାଦ ଷଡ଼ଙ୍ଗୀ ଓ ମଦନମୋହନ ସାହାଣୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**କଟକ, ୧୩।୬(ସମିସ):** ସାଲେପୁର ଆଜି ସକାଳ ପ୍ରାୟ ସାତଟା ସମୟରେ କଟକ-ସାଲେପୁର ରାସ୍ତାର ନାନ୍ଦୋଳ ବଜାର ନିକଟରେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ବାଇକ ଚାଳକ ଜଣକ ପିଟିହୋଇ ମୃତ୍ୟୁବରଣ କରିଛନ୍ତି। କଟକରୁ ସାଲେପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ମଟରସାଇକଲ ଭାରସାମ୍ୟ ହରାଇ ଟ୍ରକ ପଛରେ ପିଟିହୋଇ ଯିବାରୁ ମଟରସାଇକେଲ ଚାଳକ ମୟୂରଭଞ୍ଜର ରାଇରଙ୍ଗପୁର ଅଞ୍ଚଳର ସୁନ୍ଦରମୋହନ ସୋରେନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଡାକ୍ତରଖାନାକୁ ପଠାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁନ୍ଦରମୋହନ ସାଲେପୁର ଅଞ୍ଚଳରେ ଥିବା କଳାରୁଦ୍ର ଗେଷ୍ଟ ହାଉସରେ ଭଡା ସୂତ୍ରରେ ରହି ଆସୁଥିଲେ। ଖବର ପାଇ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚାଲୁ ରଖିଛି।

# ଦୁର୍ଘଟଣାରେ ସାମ୍ବାଦିକ ଆହତ

**ନିଶ୍ଚିନ୍ତକୋଇଲି, ୧୩।୬(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ସାମ୍ବାଦିକ ରତ୍ନାକର ବାରିକ ଗୁରୁବାର ରାତ୍ରିରେ ଏକ ସଡକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଖବର ପ୍ରେରଣ କାର୍ଯ୍ୟ ସାରି ତାଙ୍କ ନେମାଳସ୍ଥିତ ବାସଭବନକୁ ସ୍କୁଟି ଯୋଗେ ଫେରୁଥିବା ବାଟରେ ଏକ ଅଜଣା ଗାଡି ସାଇଡ୍ ମାରି ଚାଲିଯିବାରୁ ସେ ଭାରସାମ୍ୟ ହରାଇ ଗାଡିରୁ ତଳେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ତାଙ୍କ ଶରୀରରେ ଶକ୍ତ ଆଘାତ ଲାଗିଥିବା ବେଳେ ଡାହାଣ ପାଖ ହାତ ଓ କାନ୍ଧ ଭାଙ୍ଗିଯାଇଛି। ଦୁର୍ଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲ ପଠାଇଥିଲେ। ବର୍ତ୍ତମାନ ସେ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ମେଡିକାଲରେ ଥିବା ବେଳେ ତାଙ୍କର ବହୁ ଆତ୍ମୀୟସ୍ୱଜନ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ନିର୍ବାଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସମାଜସେବୀ ରାଜେଶ ସାହୁ ଓ ସୁକାନ୍ତ ମଢେଇ ତାଙ୍କୁ ସାକ୍ଷାତ୍ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାଛଡା ତାଙ୍କର ଏଭଳି ଅବସ୍ଥା ହୋଇଥିବା ଖବର ପାଇ ବହୁ ସାମ୍ବାଦିକମାନେ ତାଙ୍କର ଆରୋଗ୍ୟ କାମନା କରିଛନ୍ତି।

# ବିମାନ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କୁ ଓଷ୍ଟା ପକ୍ଷରୁ ଶ୍ରଦ୍ଧାଞ୍ଜଳି

**କଟକ, ୧୩।୬(ସମିସ):** ଗୁଜୁରାଟର ଅହମ୍ମଦାବାଦ୍‌ରୁ ଲଣ୍ଡନ ଅଭିମୁଖେ ୨୪୨ ଜଣ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଯାତ୍ରା କରୁଥିବା ୨୪୧ ଜଣ ଯାତ୍ରୀ ନିହତ ହୋଇଛନ୍ତି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଗଭୀର ଦୁଃଖ ପ୍ରକାଶ କରିଛି ବୋଲି ସଂଗଠନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ସୂଚନାଥାଉକି, ଗୁଜୁରାଟର ଅହମ୍ମଦାବାଦ୍ ବିମାନ ବନ୍ଦରରୁ ଏକ ଯାତ୍ରୀବାହୀ ବିମାନ ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିବାର ମାତ୍ର କେଇ ମିନିଟ୍ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଯାତ୍ରାକରୁଥିବା ୨୪୧ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଓ ଲୋମହର୍ଷଣକାରୀ ଦୁର୍ଘଟଣାରେ ଓଷ୍ଟା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ସଂଗଠନର ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ଦୁର୍ଘଟଣାରେ ମୃତାହତ ସମସ୍ତ ଯାତ୍ରୀ ତଥା ବ୍ୟକ୍ତିବିଶେଷଙ୍କ ଅମରଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବିକାଶ ବାହାନ ଯାତ୍ରା ଶୁଭାରମ୍ଭ

**ନିଆଳି, ୧୩।୬(ସମିସ):** ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ସାରା ଓଡ଼ିଶାରେ ବିକାଶ ବାହାନ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ନିଆଳି ବ୍ଲକରେ ନିଆଳି ପଞ୍ଚାୟତ ସମିତି ପକ୍ଷରୁ ନୂଆଗାଁ ପଞ୍ଚାୟତରେ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ଛବି ମଲ୍ଲିକ



ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଗାଁ ଛକ ଠାରେ ଏହି ବିକାଶ ବାହାନା ଯାତ୍ରାକୁ ପତାକା ହଲାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ତାରେଣୀ ରଞ୍ଜନ ରାୟ, ବିଡିଓ ଧର୍ମରଞ୍ଜନ ପଣ୍ଡା, ଏବିଡିଓ ପଲ୍ଲବୀ ରାଉତ, ବିଜେପି ନେତା ଶଶିକାନ୍ତ ଲେଙ୍କା, ନୂଆଗାଁ ସରପଞ୍ଚ ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ସମେତ ଗଣେଶ୍ୱର ମିଶ୍ର, ସନ୍ତୋଷ ବିଶ୍ୱାଳ ପ୍ରମୁଖ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

### ଚୌଦ୍ୱାର

ଚୌଦ୍ୱାରରେ ବିକାଶ ବାହନ ରଥର ଶୁଭାରମ୍ଭ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ଟିମ ଲିଡର ଅକ୍ଷୟ ମିଶ୍ର, ସଞ୍ଜୟ ସାମନ୍ତ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ ପ୍ରମୁଖ ପୌରକାର୍ଯ୍ୟାଳୟରେ ଉପସ୍ଥିତ ରହି ବିକାଶ ବାହନକୁ ଉଦ୍‌ଘାଟନ



କରିଥିଲେ। ଏହି ବାହନ ପୌରପାଳିକାର ୧୯ଟି ୱାର୍ଡ ପରିକ୍ରମା କରି ଲୋକଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ଉପରେ ଅବଗତ କରାଇବ।

### ନିଶ୍ଚିନ୍ତକୋଇଲି

ନିଶ୍ଚିନ୍ତକୋଇଲି ବ୍ଲକ ପକ୍ଷରୁ ବିକାଶ ବାହନ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ବିକାଶ ବାହନକୁ ବ୍ଲକ ପରିସରରେ ଅତିରିକ୍ତ ବିଡିଓ



ଅଶୋକ କୁମାର ମହାନ୍ତିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ବେଳେ ତାଙ୍କ ସହିତ ବ୍ଲକ ବିତ୍ତ ଅଧିକାରୀ ସୌମ୍ୟନନ୍ଦନ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ପାତ୍ର, ଜିପିଓ ମନୋଜ କୁମାର ପଢ଼ିହାର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ଏହି ବାହନ ଅସୁରେଶ୍ୱର, କେଣ୍ଟାଳ, ସୁକରପଡ଼ା, କଟରପଡ଼ା ପଞ୍ଚାୟତ ପରିକ୍ରମା କରି ସରକାରଙ୍କର ୧ ବର୍ଷର ସଫଳତା ବାର୍ତ୍ତା ପ୍ରଚାର କରିଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ହୋଇ ଜନସଚେତନତା କରୁଛନ୍ତି।

### ତିଗିରିଆ

ତିଗିରିଆ ବ୍ଲକରେ ଏହି ବିକାଶ ବାହନ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି ବ୍ଲକ ଅଧୀନ ପାଞ୍ଚଗାଁ ହାଟ ପଡ଼ିଆ ଠାରେ ଶୁକ୍ରବାର ଅନୁଷ୍ଠିତ



ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସୋମପଡ଼ା ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାନସ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମୁଖ୍ୟଅତିଥି ଶ୍ରୀ ଧଳଙ୍କ ସମେତ ଅନ୍ୟ ସମସ୍ତ ଅତିଥି ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

# ବୃଦ୍ଧାଶ୍ରମରେ ପିତାଙ୍କ ଶ୍ରାଦ୍ଧ ଦିବସ ପାଳିଲେ



**ସାଲେପୁର, ୧୩।୬(ସମିସ):** ଆଜି ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ଏଲମାପୁର ସ୍ଥିତ ଦୁଃଖିଶ୍ୟାମ ବୃଦ୍ଧାଶ୍ରମରେ ରାଷ୍ଟ୍ରପତି ପୁରସ୍କୃତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ରାଜକିଶୋର ମିଶ୍ରଙ୍କର ୩୨ତମ ଶ୍ରଦ୍ଧଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ସୁପୁତ୍ର ତଥା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡାକ୍ତର ମନୋଜ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳ ଜଳଖିଆ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ଓ ରାତ୍ର ଭୋଜନ ବ୍ୟବସ୍ଥା ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ପାଇଁ କରାଯାଇଥିଲା। ଆଶ୍ରମର ଅଧ୍ୟକ୍ଷ ଅଜୟ ଜେନା ଓ ତାଙ୍କ ସହଧର୍ମିଣୀ ସୁକାନ୍ତି ଜେନାଙ୍କୁ ଡାକ୍ତର ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଡା. ମିଶ୍ରଙ୍କ ସହିତ ତାଙ୍କର ଛାତ୍ର ବିରଞ୍ଚି ନାରାୟଣ କର ଓ ସନ୍ତୋଷ ସ୍ୱାଇଁ ରହି ସହଯୋଗ କରିଥିଲେ। ସାଲେପୁରର ଯୁବ କଣ୍ଠଶିଳ୍ପୀ କୁମାର ସିଲୁଙ୍କ ଦ୍ୱାରା ଆଜି ଭଜନ ସମାରୋହ ବୃଦ୍ଧାଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା।

## ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ

# ସମସ୍ୟା ଭୋଗୁଛନ୍ତି ବୃଦ୍ଧ ଓ ବୃଦ୍ଧା

**ଭଦ୍ରେଶ୍ୱର, ୧୩।୬(ସମିସ)**

ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତରେ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ ହେତୁ ଅସହାୟ ବୃଦ୍ଧ ବୃଦ୍ଧାମାନେ ଚରମ ହଟହଟା ହେଉଥିବାର ଅଭିଯୋଗ ହୋଇଛି। ଚଳିତ ବର୍ଷ ରଜ ପୂର୍ବରୁ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସରକାର ଘୋଷଣା କରିଥିଲେ। ମାତ୍ର ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତରେ ରଜ ପୂର୍ବରୁ ଭତ୍ତା ପାଇବାରେ ବହୁ ହିତାଧିକାରୀ ଚରମ ହଟହଟାର ସମ୍ମୁଖିନ ହୋଇଥିବାର ଅଭିଯୋଗ ହୋଇଛି। ଭଦ୍ରେଶ୍ୱର ଗ୍ରାମପଞ୍ଚାୟତର ଭତା ବଣ୍ଟନ ଦାୟିତ୍ୱ ମାହାଙ୍ଗା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ମୋନାଲିସା ମଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗତକାଲି ଭତ୍ତା ପ୍ରଦାନ କରାଯିବ ବୋଲି ପଞ୍ଚାୟତ ତରଫରୁ ଘୋଷଣା କରାଯାଇଥିଲା।

ଘୋଷଣା ଅନୁଯାୟୀ ନିର୍ଦ୍ଧାରିତ ସମୟରେ ହିତାଧିକାରୀମାନେ ପ୍ରଚଣ୍ଡ ଖରାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ତେବେ ଅସହାୟ ବୃଦ୍ଧ ବୃଦ୍ଧା ଦିବ୍ୟାଙ୍ଗମାନେ ପ୍ରଚଣ୍ଡ ଖରାରେ ଭୋକ ଉପାସରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୃକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଆସି ନ ଥିଲେ।

ଫଳରେ ଦୀର୍ଘ ସମୟ ଅପେକ୍ଷା ପରେ ବୃଦ୍ଧ ବୃଦ୍ଧା ଓ ଦିବ୍ୟାଙ୍ଗମାନେ ନିଜର ଘରକୁ ଫେରିଯିବା ପରେ ଅପରାହ୍ନରେ ଶ୍ରୀମତି ମଲ୍ଲିକ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି କେତେକ ହାତଗଣତି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଗତକାଲି ଭତ୍ତା ନ ପାଇ ନିରାଶରେ ଫେରିଥିବା ହିତାଧିକାରୀମାନେ ଆଜି ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିଥିଲେ। ମାତ୍ର ମୋନାଲିସା ନିର୍ଦ୍ଧାରିତ ସମୟସୀମାର ବହୁ ସମୟ ପରେ ଭତ୍ତା ବାଣ୍ଟିବାକୁ ଆସିଥିଲେ। ପ୍ରଚଣ୍ଡ ଖରା ହେତୁ ବହୁ ହିତାଧିକାରୀ ଭତ୍ତା ନ ପାଇ ନିରାଶରେ ଭୋକ ଉପାସରେ ଫେରିବାକୁ ବାଧ ହୋଇଥିବାର ଅଭିଯୋଗ ହୋଇଛି। ତେବେ କର୍ତ୍ତବ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା ତଥା ସମୟ ଜ୍ଞାନର ଅଭାବ ହେତୁ ଅସହାୟ ହିତାଧିକାରୀମାନେ ରଜପୂର୍ବରୁ ଭତା ପାଇବାରୁ ବଞ୍ଚିତ ହୋଇଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୨ ● ପାଉଣ୍ଡ ୧୧୬.୫୭
- ୟୁରୋ ୯୯.୭୪ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୨,୯୫୦ (ଭୁବନେଶ୍ୱର)
- ରୁପା : ୧,୧୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୧୧୮.୦୦
- ନିଫ୍ଟି ୨୪,୭୧୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ସେୟାର ବଜାରରେ କଳା ଶୁକ୍ରବାର

- ସେନ୍‌ସେକ୍ସ ୫୭୩ ପଏଣ୍ଟ ଖସିଲା
- ଦୁଇ ଦିନରେ ନିବେଶକ ହରାଇଲେ ୮.୩୫ ଲକ୍ଷ କୋଟି

ମୁମ୍ବଇ,୧୩।୬(ଏଜେନ୍ସି): ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଯୋଗୁ ମଧ୍ୟ ପ୍ରାଚ୍ୟରେ ଦେଖାଦେଇଥିବା ସଙ୍କଟର ପ୍ରଭାବରେ ଭାରତୀୟ ସେୟାର ବଜାରରେ ଶୁକ୍ରବାର କଳା ଶୁକ୍ରବାର ଦେଖିବାକୁ ମିଳିଛି। ଏଥିଯୋଗୁ ଘରୋଇ ପୁଞ୍ଜିବଜାରରେ ଆଜି କ୍ରମାଗତ ଭାବେ ଦ୍ୱିତୀୟ ଦିନ ପାଇଁ ବଡ଼ ହ୍ରାସ ସହ ବନ୍ଦ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ୫୭୩ ପଏଣ୍ଟ ତଳକୁ ଖସି ବନ୍ଦ ହୋଇଛି। ଅନ୍ୟପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି) ୨୪,୭୫୦ ପଏଣ୍ଟ ତଳେ କାବରାର ଶେଷ କରିଛି। ଏହି କାରଣରୁ ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜିରେ ଆଜି ପ୍ରାୟ ୮.୩୫ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ଇରାନ ଉପରେ ଇସ୍ରାଏଲ୍ ଆକ୍ରମଣ ଓ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଯୋଗୁ ନିବେଶକଙ୍କ ଚିନ୍ତା ବଢାଇଛି। ଯେଉଁଥିପାଇଁ ଆଜି ପ୍ରାୟ ସମସ୍ତ କ୍ଷେତ୍ର ଭିତ୍ତିକ ଇଣ୍ଡେକ୍ସ ଲାଲ୍ ସଙ୍କେତ ସହ ବନ୍ଦ ହୋଇଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଇଣ୍ଡେକ୍ସ ପ୍ରାୟ ୦.୩୦ ପ୍ରତିଶତ ହ୍ରାସ ପାଇଛି। କାରବାର ଶେଷରେ ବିଏସ୍‌ଇ ସେନ୍‌ସେକ୍ସ ୫୭୩.୩୮ ପଏଣ୍ଟ ବା ୦.୭୦% ଖସି ୮୧,୧୧୮.୬୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍‌ଟିରେ ୧୬୯.୬୦ ପଏଣ୍ଟ ବା ୦.୬୮% ହ୍ରାସ ଘଟି ୨୪,୭୧୮.୬୦ ପଏଣ୍ଟରେ କାବରାର ଶେଷ ହୋଇଛି। ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ହ୍ରାସ ପାଇ ୪୪୭.୪୮ ଲକ୍ଷ କୋଟି ଟଙ୍କା ହୋଇଛି। ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ଗୁରୁବାର ୪୪୯.୫୮ ଲକ୍ଷ କୋଟି ଟଙ୍କା ଥିଲା।

## ମଧ୍ୟପ୍ରାଚ୍ୟ ଉତ୍ତେଜନା

### ଅଶୋଧିତ ତୈଳ ଦର ୧୦% ବଢ଼ିଲା

# ମହଙ୍ଗା ହେବ ପେଟ୍ରୋଲ, ଡିଜେଲ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଗୁରୁବାର ଇସ୍ରାଏଲ ଇରାନର ପରମାଣୁ ଠିକଣା ଉପରେ ଆକ୍ରମଣ କରିଛି। ଏଥିଯୋଗୁ ବିଶବ୍ ବଜାରରେ ତେଲ ଦର ହଠାତ୍ ବୃଦ୍ଧି ପାଇଛି। ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦% ବୃଦ୍ଧି ପାଇ ୭୮ ଡଲାର ଅତିକ୍ରମ କରିଛି। ଆମେରିକାର ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) ମୂଲ୍ୟ ମଧ୍ୟ ୧୦% ବୃଦ୍ଧି ପାଇ ୭୪ ଡଲାର ଅତିକ୍ରମ କରିଯାଇଛି। ଭବିଷ୍ୟତରେ ଦର ଆହୁରି ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ କରାଯାଉଛି। ଏପରି ପରିସ୍ଥିତିରେ, ପ୍ରଶ୍ନ ହେଉଛି ସାଧାରଣ ଲୋକଙ୍କ ପକେଟ ଉପରେ ଏହି ଉତ୍ତେଜନାର ପ୍ରଭାବ କ'ଣ ହେବ। ଏହାର ପ୍ରଭାବରେ ଘରୋଇ ବଜାରରେ ଅର୍ଥାତ୍ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମହଙ୍ଗା ହେବ। ଅପରପକ୍ଷେ ଏହି ପରିସ୍ଥିତି ସତ୍ତ୍ୱେ ତେଲ ଯୋଗାଣରେ ହଠାତ୍ କୌଣସି ପରିବର୍ତ୍ତନ କରାଯିବନାହିଁ ବୋଲି ପେଟ୍ରୋଲିୟମ୍ ରପ୍ତାନିକାରୀ ରାଷ୍ଟ୍ର ସମୂହ (ଓପେକ୍) କହିଛି।

ସୂଚନାଯୋଗ୍ୟ ଯେ, ଜୁନ୍ ୧୨ରେ ଇରାନର ପରମାଣୁ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ଟାର୍ଗେଟ କରି ଇସ୍ରାଏଲ ଆକ୍ରମଣ କରିଥିଲା। ଏହା ପରେ ବଜାରରେ ତେଲ ଦର ହଠାତ୍ ବୃଦ୍ଧି ପାଇଛି। କାରଣ ଇରାନ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଇରାନ୍ ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ। ଇରାନ୍ ହର୍ମୁଜ୍ ପ୍ରଣାଳୀର ଉତ୍ତର କୂଳରେ ଅବସ୍ଥିତ। ଏହି ରାସ୍ତାରୁ ସାଉଦି ଆରବ, କୁଏତ, ଇରାକ ଭଳି ଦେଶକୁ ତେଲ ଯୋଗାଣ ହୋଇଥାଏ। ଯଦି ଇରାନ ଏହି ରାସ୍ତାକୁ ଅବରୋଧ କରେ, ତେବେ ବିଶ୍ୱର ୨୦% ତେଲ ଯୋଗାଣ ବନ୍ଦ ହୋଇଯିବ। ଯଦି ଅଶୋଧିତ ତୈଳର ମୂଲ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚରେ ରୁହେ, ତେବେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ଦର ମହଙ୍ଗା ହେବ। କାରଣ ତୈଳ ବିପଣନ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିବେ। ଏହା ବଜାରରେ ପରିବହନ, ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ଦ୍ରବ୍ୟକୁ ମହଙ୍ଗା କରିପାରେ। ଯଦି ଯୁଦ୍ଧ ଲମ୍ବିତ ହୁଏ, ତେବେ ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ପାଇବ। ତୈଳ ମୂଲ୍ୟ ବୃଦ୍ଧି ଅର୍ଥ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ। ଏହାର ତେଲ ଆମଦାନୀକାରୀ ଦେଶଗୁଡ଼ିକର ଅର୍ଥନୀତି ଉପରେ ଖରାପ ପ୍ରଭାବ ପଡ଼େ। ନିବେଶକମାନେ ଭୟଭୀତ ଯେ ଯଦି ତେଲ ମହଙ୍ଗା ହୁଏ, ତେବେ କମ୍ପାନୀଗୁଡ଼ିକର ଖର୍ଚ୍ଚ ବୃଦ୍ଧି ପାଇବ ଓ ଲାଭ ହ୍ରାସ ପାଇବ।



> ଯୋଗାଣରେ ହଠାତ୍ କୌଣସି ପରିବର୍ତ୍ତନ କରାଯିବ ନାହିଁ: ଓପେକ୍

# ଭୟଙ୍କର ଭାବେ ପ୍ରଭାବିତ ହେବ ଭାରତ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଇରାନ ଏବଂ ଇସ୍ରାଏଲ ମଧ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି। ଇରାନର ପରମାଣୁ କେନ୍ଦ୍ରକୁ ଟାର୍ଗେଟ୍ କରି ଇସ୍ରାଏଲ ଆକ୍ରମଣ କରିବା ପରେ ଇରାନ ମଧ୍ୟ ପ୍ରତି ଆକ୍ରମଣ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଛି। ତେବେ ଏଥର ପରିସ୍ଥିତି କେବଳ ପଶ୍ଚିମ ଏସିଆ ନୁହେଁ, ବରଂ ଭାରତ ଭଳି ଦେଶଗୁଡ଼ିକୁ ମଧ୍ୟ ପ୍ରଭାବିତ କରିପାରେ। ବିଶ୍ୱରେ ଚିନ୍ତାର କାରଣ ହେଉଛି ଇରାନ ଷ୍ଟ୍ରେଟ୍ ଅଫ୍ ହରମୁଜ୍। ଏହା ଏକ ସଂକୀର୍ଣ୍ଣ କିନ୍ତୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଜଳପଥ, ଯାହା ମାଧ୍ୟମ ଦେଇ ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ସମୁଦ୍ରିକ ତୈଳ ପରିବହନ ହୋଇଥାଏ। ଜୁଲିୟସ୍ ବେୟରର ଅର୍ଥନୀତିଜ୍ଞ ଏବଂ ପରବର୍ତ୍ତୀ ପିଢ଼ିର ଗବେଷଣା ମୁଖ୍ୟ ନର୍ବର୍ଟ ରକର ଏ ନେଇ ସାରା ବିଶ୍ୱକୁ ଚେତାବନୀ ଦେଇଛନ୍ତି। ତାଙ୍କ ମତରେ ଏବେ ପ୍ରକୃତ «ଭୂ-ରାଜନୀତି ଫେରିଛି। ସେ କହିଛନ୍ତି ଯେ ଇରାନ ବିରୁଦ୍ଧରେ ଇସ୍ରାଏଲର ସାମରିକ ଆକ୍ରମଣ ଷ୍ଟ୍ରେଟ୍ ଅଫ୍ ହରମୁଜ୍ ଅଞ୍ଚଳରେ ବ୍ୟାପକ ଉତ୍ତେଜନା ସୃଷ୍ଟି କରିପାରେ। ତେଲ ସବୁବେଳେ ଏଭଳି ସଂଘର୍ଷର ଏକ ମାପକାଠି ହୋଇଆସିଛି। ତେଣୁ ଆଗାମୀ ଦିନମାନଙ୍କର ତେଲ ଦର ବଢ଼ିପାରେ ବୋଲି ରକର ଚେତାବନୀ ଦେଇଛନ୍ତି।

ଇସ୍ରାଏଲ- ଇରାନ ଯୁଦ୍ଧରେ ଏମିତି ତ ସାରା ବିଶ୍ୱ ପ୍ରଭାବିତ ହେବ। ହେଲେ ଏଥିରେ ଅଧିକ ପ୍ରଭାବିତ ହୋଇପାରେ ଭାରତ। କାରଣ ଭାରତ ଏହାର ଦୁଇ-ତୃତୀୟାଂଶରୁ ଅଧିକ ତୈଳ ଏବଂ ପ୍ରାୟ ଅଧା ତରଳ ପ୍ରାକୃତିକ ଗ୍ୟାସ (ଏଲ୍ଏନ୍‌ଜି) ଏହି ହର୍ମୁଜ୍ ଜଳ ପଥ ଦେଇ ଆମଦାନୀ କରିଥାଏ। ଆଉ ଯୁଦ୍ଧ ଯୋଗୁ ଯଦି ଏଠାରେ ଅବରୋଧ ଭଳି ପରିସ୍ଥିତି ସୃଷ୍ଟି ହୁଏ, ତେବେ ଭାରତ ବିକଳ୍ପ ଉତ୍ସ ଏବଂ ରାସ୍ତା ଖୋଜିବାକୁ ବାଧ୍ୟ ହୋଇପାରେ। ଯେଉଁଥିରେ ସାଧାରଣତଃ ଅଧିକ ଖର୍ଚ୍ଚ ଏବଂ ପରିବହନ ଜନିତ ଆହ୍ୱାନ ରହିଛି। ତେଣୁ ଭାରତ ପାଇଁ ଏହା ମହଙ୍ଗା ପଡ଼ିପାରେ। ଇରାନ-ଇସ୍ରାଏଲ୍ ମଧ୍ୟରେ ବିବାଦ ଯୋଗୁ ଯଦି ଏହି ଅଞ୍ଚଳରେ ସମସ୍ୟା ସୃଷ୍ଟି ହୁଏ ତେବେ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୨୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଯାହା ମୁଦ୍ରାସ୍ଫୀତିକୁ ବୃଦ୍ଧି କରିବ ଏବଂ ଭାରତର ଚଳିନ୍ତି ଖାତା ନିଅଣ୍ଟ ବଢ଼ାଇବ ବୋଲି ଜେପି ମୋର୍ଗାନ ଚେତାବନୀ ଦେଇଛି। ଅଶୋଧିତ ତେଲର ମୂଲ୍ୟ ବୃଦ୍ଧି ପାଇବା ଯୋଗୁ ଶିପିଂ କମ୍ପାନୀଗୁଡ଼ିକର ପରିଚାଳନା ଖର୍ଚ୍ଚ ବଢ଼ିଯିବ। କାରଣ ଯାହାଜଗୁଡ଼ିକୁ ତେଲ ଆମଦାନୀ ପାଇଁ ଅନ୍ୟ ମାର୍ଗ ଦେଇ ଯିବାକୁ ପଡ଼ିବ, ଏଥିରେ ରାସ୍ତା ଲମ୍ବା ହେଲେ ଇନ୍ଧନ ଅଧିକ ଖର୍ଚ୍ଚ ହେବ। ମାଲ ପରିବହନ ଶୁଳ୍କ ଏବଂ ବିତରଣ ସମୟ ବୃଦ୍ଧି ପାଇବ।

ଆଶଙ୍କା ରହିଛି ଯେ, ଯଦି ତୈଳ ମୂଲ୍ୟ ବୃଦ୍ଧି ପାଏ ତେବେ ଭାରତୀୟ ପରିବାର ଏବଂ ବ୍ୟବସାୟ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ଖର୍ଚ୍ଚ ବଢ଼ିଲେ ଜୀବନଯାପନ ମହଙ୍ଗା ହୋଇଯିବ। ତେଣୁ ଗ୍ରାହକ ଉପଯୋଗିତା କରିପାରନ୍ତି। ଯାହା ଦେଶର ଅର୍ଥନୀତିର ଗତିକୁ ଦୁର୍ବଳ କରିଦେବ। ସେହିଭଳି ଶିଳ୍ପଗୁଡ଼ିକ କଞ୍ଚାମାଲ ଭାବରେ ତେଲ ଉପରେ ନିର୍ଭରଶୀଳ ଥିବାରୁ ଏହାର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବ। ଏଥିରେ ଉଦ୍ୟୋଗୁଡ଼ିକର ପ୍ରତିଯୋଗିତାମୂଳକ କାର୍ଯ୍ୟକଳାପକୁ ପ୍ରଭାବିତ କରିପାରେ। ଯୁଦ୍ଧ ପରେ ବିପଦପ୍ରବଣ ହୋଇଥିବା ଜଳପଥ ଦେଇ ଯାହାଜଗୁଡ଼ିକ ଗଲେ ସେମାନଙ୍କର ବୀମା ପ୍ରିମିୟମ ବୃଦ୍ଧି ପାଇବ। ଫଳରେ ଏହା ବିଶ୍ୱ ବାଣିଜ୍ୟ ଖର୍ଚ୍ଚ ଉପରେ ଆହୁରି ଚାପ ସୃଷ୍ଟି କରିବ। ପ୍ରକୃତରେ, ଏହି ସଂଘର୍ଷର ବ୍ୟାପକ ପ୍ରଭାବ ବିଶ୍ୱ ବାଣିଜ୍ୟର ପରସ୍ପର ସଂଯୁକ୍ତତା ଏବଂ ଆର୍ଥିକ ଅଭିବୃଦ୍ଧି ଉପରେ ପଡ଼ିବ। ତେଣୁ ଏସବୁ ସୁରକ୍ଷା ପାଇଁ ଆଞ୍ଚଳିକ ଶାନ୍ତି କେତେ ଗୁରୁତ୍ୱପୂର୍ଣ୍ଣ ତାହା ଏଥିରୁ ଜଣାପଡୁଛି। ଏହା ବ୍ୟତୀତ, ପଶ୍ଚିମ ଏସିଆରେ ସ୍ଥିରତା ବଜାୟ ରଖିବା ନିରବଚ୍ଛିନ୍ନ ଶକ୍ତି ଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ଅତ୍ୟନ୍ତ ଜରୁରୀ, ଯାହା ଭାରତର ଆର୍ଥିକ ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମଧ୍ୟ।



ଇରାନ-ଇସ୍ରାଏଲ ଯୁଦ୍ଧ

## ଆମେରିକାରେ ବିକ୍ରି ହେଉଥିବା ୯୭% ଆଇଫୋନ୍ ଭାରତ ନିର୍ମିତ


ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଆପଲକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ସତ୍ତ୍ୱେ ଆମେରିକାରେ ବିକ୍ରି ହେଉଥିବା ପ୍ରାୟ ସମସ୍ତ ଆଇଫୋନ୍ ଭାରତରେ ତିଆରି ହେଉଛି। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ମାର୍ଚ୍ଚ ଏବଂ ମେ' ମଧ୍ୟରେ ଆପଲ ଭାରତରୁ ରପ୍ତାନି କରିଥିବା ସମସ୍ତ ଆଇଫୋନ୍ ମଧ୍ୟରୁ ୯୭% ଆମେରିକାକୁ ପଠାଯାଇଛି। ସେଗୁଡିକର ମୂଲ୍ୟ ୩.୨ ବିଲିୟନ ଡଲାର (୨୭,୦୦୦ କୋଟି ଟଙ୍କା) ଥିଲା। କେବଳ ମେ' ମାସରେ, ପ୍ରାୟ ୧ ବିଲିୟନ ଡଲାର ଅର୍ଥାତ୍ ୮,୬୦୦ କୋଟି ଟଙ୍କାର ଆଇଫୋନ୍ ଭାରତରୁ ଆମେରିକାକୁ ପଠାଯାଇଛି। ଅର୍ଥାତ୍, ଆପଲ ଏବେ ଆମେରିକୀୟ ବଜାର ପାଇଁ କେବଳ ଭାରତରେ ଆଇଫୋନ୍ ତିଆରି କରୁଛି। ଜାନୁଆରୀରୁ ମେ' ପର୍ଯ୍ୟନ୍ତ ଭାରତରୁ ଆମେରିକାକୁ ୪.୪ ବିଲିୟନ ଡଲାର (୩୭ ହଜାର କୋଟି ଟଙ୍କା) ମୂଲ୍ୟର ଆଇଫୋନ୍ ରପ୍ତାନି କରାଯାଇଛି। ଏହି ସଂଖ୍ୟା ୨୦୨୪ର ୩.୭ ବିଲିୟନ ରପ୍ତାନି ତୁଳନାରେ ଅଧିକ। ୨୦୨୪ ସୁଦ୍ଧା, ଆମେରିକାରେ ବିକ୍ରି ହୋଇଥିବା ଆଇଫୋନ୍ ମଧ୍ୟରୁ ୫୦% ଭାରତରେ ତିଆରି ହୋଇଥିଲା। ଡୋନାଲ୍ଡ ଟ୍ରମ୍ପ୍ ମେ' ୨୩ରେ କହିଥିଲେ ଯେ ଆମେରିକାରେ ବିକ୍ରି ହେଉଥିବା ଆଇଫୋନ୍ ଭାରତ କିମ୍ବା ଅନ୍ୟ କୌଣସି ଦେଶରେ ନୁହେଁ ବରଂ ଆମେରିକାରେ ତିଆରି ହେବା ଉଚିତ।

- ଇରାନ୍-ଇସ୍ରାଏଲ୍ ଯୁଦ୍ଧ ପ୍ରଭାବ

## ଦିନକରେ ସୁନା ୧୭୦୦ ଟଙ୍କା ମହଙ୍ଗା

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଇରାନ୍-ଇସ୍ରାଏଲ୍ ଯୁଦ୍ଧ ପ୍ରଭାବ ଆଜି ଘରୋଇ ସୁନା ବଜାର ଉପରେ ପଡିଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ଦିନକରେ ୧,୭୧୫ ଟଙ୍କା ବୃଦ୍ଧି ପାଇ ୧୦ ଗ୍ରାମ ପିଛା ୯୯,୧୭୦ ଟଙ୍କା ହୋଇଛି। ଗତକାଲି ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ପିଛା ୯୭,୪୫୫ ଟଙ୍କା ଥିଲା। ଏହାପୂର୍ବରୁ, ଏପ୍ରିଲ୍ ୨୧ରେ ସୁନା ୯୯,୧୦୦ ଟଙ୍କା ସ୍ତରରେ ପହଞ୍ଚିଥିଲା। ଶୁକ୍ରବାର ରୁପା ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ରୁପା ଦରରେ କିଲୋ ପିଛା ୭୪୨ ଟଙ୍କା ବୃଦ୍ଧି ହୋଇ ୧,୦୬,୨୪୦ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ, ରୁପା କେଜି ୧,୦୫,୪୯୮ ଥିଲା। ଜୁନ୍ ୧୦ରେ ରୁପା ୧,୦୭,୦୦୦ ଟଙ୍କାର ରେକର୍ଡ ସ୍ତର ଛୁଇଁଥିଲା। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦,୧୪୦ ଟଙ୍କା ହୋଇଛି। ସେ ହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୨,୯୫୦ ଟଙ୍କା ରହିଥିବାବେଳେ ରୁପା କିଲୋ ପିଛା ରେକର୍ଡ ୧,୧୦,୦୦୦ ଟଙ୍କାରେ ପହଞ୍ଚିଛି। ଇରାନ ଉପରେ ଇସ୍ରାଏଲ୍ ଆକ୍ରମଣ ପରେ ବିଶ୍ୱରେ ଉତ୍ତେଜନା ଦେଖାଦେଇଥିବାରୁ ଏହାର ପ୍ରଭାବ ସୁନା ଦର ଉପରେ ପଡ଼ିଛି। ମଧ୍ୟପ୍ରାଚ୍ୟରେ ସଂଘର୍ଷ ଆହୁରି ବଢ଼ିବାର ସମ୍ଭାବନା ଥିବାରୁ ଏହାକୁ ମୂଲ୍ୟ ବୃଦ୍ଧି ସହ ଯୋଡ଼ାଯାଇ ଦେଖାଯାଉଛି। ଫଳରେ ନିବେଶକମାନେ ଟଙ୍କା ରଖିବା ପାଇଁ ଏକ ସୁରକ୍ଷିତ ସ୍ଥାନ ଭାବରେ ସୁନା ଆଡ଼କୁ ମୁହାଁଇଛନ୍ତି। ତେଣୁ ଚାହିଦା ବଢ଼ିବା ସହିତ ସୁନା ମୂଲ୍ୟ ବଢ଼ିବାରେ ଲାଗିଛି।

> ଦର ପୁଣି ୧ ଲକ୍ଷ ପାର



## ମଧ୍ୟପ୍ରାଚ୍ୟ ଉତ୍ତେଜନା : ବିପଦରେ ଆଦାନୀଙ୍କ ବହୁକୋଟିର ନିବେଶ

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଭାରତ ଏବଂ ଏସିଆର ଦ୍ୱିତୀୟ ସବୁଠାରୁ ଧନୀ ବ୍ୟକ୍ତି ଗୌତମ ଆଦାନୀଙ୍କ ନେତୃତ୍ୱରେ ଆଦାନୀ ଗ୍ରୁପ୍ ଇସ୍ରାଏଲରେ ପ୍ରଚୁର ଅର୍ଥ ନିବେଶ କରିଛି। ଦେଶର ତୃତୀୟ ବୃହତ ଶିଳ୍ପ ସଂସ୍ଥା ହାଇଫା ବନ୍ଦର ଏବଂ ପ୍ରତିରକ୍ଷା କ୍ଷେତ୍ର ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମଧ୍ୟ କମ୍ପାନୀ ନିବେଶ କରିଛି। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଯୋଗୁଁ ଆଦାନୀଙ୍କ ଏହି ନିବେଶ ବିପଦରେ ପଡ଼ିଛି। ଏଥିଯୋଗୁ ନିବେଶକଙ୍କ ମଧ୍ୟରେ ଭୟର ବାତାବରଣ ମଧ୍ୟ ରହିଛି। ଇସ୍ରାଏଲ ଇରାନର ପରମାଣୁ ଏବଂ ସାମରିକ ଘାଟି ଉପରେ ଆକ୍ରମଣ କରିଛି। ଏହାକୁ ଦୁଇ ଦେଶ ମଧ୍ୟରେ ଏକ ଦୀର୍ଘ ସଂଘର୍ଷର ଆରମ୍ଭ ବୋଲି ବିବେଚନା କରାଯାଉଛି। ଏହା ମଧ୍ୟପ୍ରାଚ୍ୟରେ ଆଦାନୀଙ୍କ କୋଟି କୋଟି ଡଲାର ନିବେଶକୁ ବିପଦରେ ପକାଇଛି। ଶୁକ୍ରବାର, ଏହାର ପ୍ରଭାବ ଆଦାନୀ ଗ୍ରୁପର ସେୟାର ଉପରେ ମଧ୍ୟ ଦେଖାଯାଇଥିଲା। ଆଦାନୀ ପୋର୍ଟସର ସେୟାର ୩% ରୁ ଅଧିକ ହ୍ରାସ ପାଇ ୧୩୯୬ ଟଙ୍କାରେ ପହଞ୍ଚିଛି। ଶେଷରେ, କମ୍ପାନୀର ସେୟାର ୨.୭୧ ପ୍ରତିଶତ ହ୍ରାସ ସହିତ ୧୪୦୫.୨୫ ଟଙ୍କାରେ ବନ୍ଦ ହୋଇଥିଲା। ବ୍ୟବସାୟ ସମୟରେ ଗ୍ରୁପର ପ୍ରମୁଖ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜେସର ସେୟାର ମଧ୍ୟ ୨.୮% ହ୍ରାସ ପାଇ ୨୪୬୯.୫୫ ଟଙ୍କାରେ ବନ୍ଦ ହୋଇଛି।

## ରଜ ପାଇଁ ଅରୁନ୍ଧତୀ ଜୁଏଲର୍ସର 'ଖୁଲ୍‌ଯା ସିମ୍‌ସିମ୍' ଅଫର

ଭୁବନେଶ୍ୱର,୧୩।୬(ଏଜେନ୍ସି): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଆଗାମୀ ରଜପର୍ବ ଓ ରଥଯାତ୍ରାକୁ ଆଖି ଆଗରେ ରଖି ଗ୍ରାହକଙ୍କ ଚାହିଦା ମୁତାବକ ନୂତନ 'ଖୁଲ୍‌ଯା ସିମ୍‌ସିମ୍' ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ଚେନ୍ ଏବଂ ବାଙ୍ଗଲ ଫେଷ୍ଟିଭାଲରେ ନୂଆ ଡିଜାଇନର ସୁନାଗହଣାର ଗଢ଼ା ମଜୁରୀ କେବଳ ୭୯୯ ଟଙ୍କା ରହିଛି। ସେହିପରି ହୀରା ଗହଣାର ପ୍ରତି କ୍ୟାରେଟ୍ ହୀରା ମୂଲ୍ୟରେ ୨୦୦୦୦ ଟଙ୍କା ରିଆତି, ରୁପା ଗହଣାର ଗଢା ମଜୁରୀରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିଆତି ଏବଂ ଶୂନ୍ ମେକିଂ ଚାର୍ଜରେ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି। ଏହି ଅଫର ସାରା ରାଜ୍ୟରେ ଥିବା ଅରୁନ୍ଧତୀର ସମସ୍ତ ଶାଖାମାନଙ୍କରେ ସୀମିତ ସମୟ ପର୍ଯ୍ୟନ୍ତ ଉପଲବ୍ଧ। ଗ୍ରାହକମାନେ ନିକଟସ୍ଥ ଅରୁନ୍ଧତୀ ଶାଖା କୁ ଯାଇ ଏହି ଅଫରର ସୁବିଧା ନେଇପାରିବେ। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ କୁହାଯାଇଛି ଯେ ,ଅରୁନ୍ଧତୀ ପକ୍ଷରୁ ସର୍ବଦା ସବୁବର୍ଗର ଗ୍ରାହକ ବନ୍ଧୁଙ୍କ ସୁହାଇଲା ଭଳି ଅଫର ପ୍ରଦାନ କରାଯାଇଥାଏ। ଗ୍ରାହକଙ୍କ ଆବଶ୍ୟକତା ମୁତାବକ ଏହି 'ଖୁଲ୍‌ଯା ସିମ୍‌ସିମ୍' ଅଫରରେ ଏଥରକ ବେଙ୍ଗଲ ଏବଂ ଚେନ୍‌ର ନୂଆ ଡିଜାଇନର ଶ୍ରେଷ୍ଠ କଲେକ୍ସନ୍‌ଗୁଡିକର ଶୁଭାରମ୍ଭ କରାଯାଇଛି।

Arundhati JEWELLERS

### ଜର୍ମାନୀରେ ଅଜବ ସଙ୍କଟ

# ୪୨% ପାରିବାରିକ ବ୍ୟବସାୟରେ ଉତ୍ତରାଧିକାରୀ ନାହାନ୍ତି

ନୂଆଦିଲ୍ଲୀ,୧୩।୬(ଏଜେନ୍ସି): ଜଣେ ବ୍ୟକ୍ତି ସାରା ଜୀବନ କଠିନ ପରିଶ୍ରମ କରି ଏବଂ ଟଙ୍କା ନିବେଶ କରି ନିଜର ବ୍ୟବସାୟ ଗଢ଼ି ତୋଳେ। କିନ୍ତୁ ଯେତେବେଳେ ସେ ବୃଦ୍ଧ ହେବାକୁ ଆରମ୍ଭ କରନ୍ତି, ସେତେବେଳେ ତାଙ୍କୁ ଉପଯୁକ୍ତ ଉତ୍ତରାଧିକାରୀ ମିଳିପାରେନାହିଁ। ଏପରି ପରିସ୍ଥିତିରେ, ତାଙ୍କର କମ୍ପାନୀ କିମ୍ବା ବ୍ୟବସାୟ ବନ୍ଦ ହେବାର ଦ୍ୱାରଦେଶରେ ପହଞ୍ଚିଯାଏ। ଜର୍ମାନୀରେ ମଧ୍ୟ ସମାନ କିଛି ଘଟୁଛି। ସେଠାରେ ୪୨% ବ୍ୟବସାୟିକ ପରିବାରରେ ଉପଯୁକ୍ତ ଉତ୍ତରାଧିକାରୀ ମିଳିପାରୁନାହାଁନ୍ତି।

ଜର୍ମାନୀର ପ୍ରାୟ ୯୯ ପ୍ରତିଶତ କମ୍ପାନୀ କ୍ଷୁଦ୍ର ଏବଂ ମଧ୍ୟମ (ଏସ୍ଏମ୍ଇ) ବର୍ଗର। ସେଗୁଡିକୁ ସାମୂହିକ ଭାବରେ ଏସ୍ଏମ୍ଇ କୁହାଯାଏ। ସେମାନଙ୍କୁ ଜର୍ମାନ ଅର୍ଥନୀତିର ମେରୁଦଣ୍ଡ ବୋଲି ବିବେଚନା କରାଯାଏ। ଏସ୍ଏମ୍ଇଗୁଡିକ ଜର୍ମାନୀର ମୋଟ ଆର୍ଥିକ ଉତ୍ପାଦନର ଅଧାରୁ ଅଧିକ ଅବଦାନ ରଖନ୍ତି। ଏହାବ୍ୟତୀତ, ସେମାନେ ପ୍ରାୟ ୬୦ ପ୍ରତିଶତ ଲୋକଙ୍କୁ ନିଯୁକ୍ତି ମଧ୍ୟ ପ୍ରଦାନ କରନ୍ତି। ଏହାସହିତ ସେମାନଙ୍କୁ ଘରୋଇ ନିବେଶର ଇଞ୍ଜିନ ଭାବେ ମଧ୍ୟ ବିବେଚନା କରାଯାଏ। ଜର୍ମାନୀର ଜନସଂଖ୍ୟା ସଂଖ୍ୟା ଦର୍ଶାଉଛି ଯେ ସେଠାରେ ଥିବା ଏସ୍ଏମ୍ଇ ମାଲିକମାନଙ୍କ ମଧ୍ୟରୁ ଅଧା ୫୫ ବର୍ଷରୁ ଅଧିକ ବୟସର। ଏବେ ସେମାନେ ସେମାନଙ୍କ କାର୍ଯ୍ୟରୁ ଅବସର ନେବାକୁ ଚାହାଁନ୍ତି। ହେଲେ କେବେ ସେମାନେ ଉପଯୁକ୍ତ ଉତ୍ତରାଧିକାରୀ ପାଇଯିବେ ସେହି ଆଶାରେ ବ୍ୟବସାୟ ଜାରି ରଖିଛନ୍ତି। ଏହା ୟୁରୋପର ସର୍ବବୃହତ ଅର୍ଥନୀତି ପାଇଁ ଏକ ବଡ଼ ସଙ୍କଟ। ବର୍ତ୍ତମାନ, ଜର୍ମାନୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠାରୁ ଦୀର୍ଘ ଆର୍ଥିକ ମାନ୍ଦାବସ୍ଥାର ସମ୍ମୁଖୀନ ହେଉଛି।

ସରକାରୀ ଉନ୍ନୟନ ବ୍ୟାଙ୍କ କେଏଫ୍‌ଡବ୍ଲ୍ୟୁ ଦ୍ୱାରା କରାଯାଇଥିବା ଏକ ସର୍ଭେର ଫଳାଫଳରୁ ଜଣାପଡିଛି ଯେ ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରାୟ ୨,୩୧,୦୦୦ ଉଦ୍ୟୋଗୀ ସେମାନଙ୍କର କମ୍ପାନୀଗୁଡ଼ିକୁ ବନ୍ଦ କରିବାକୁ ଯୋଜନା କରୁଛନ୍ତି। ଏହି ସଂଖ୍ୟା ଗତ ବର୍ଷ ତୁଳନାରେ ୬୭,୫୦୦ରୁ ଅଧିକ। ଏହି ନିଷ୍ପତ୍ତି ପଛରେ ସବୁଠାରୁ ବଡ଼ କାରଣ ହେଉଛି ବୟସ। କେଏଫ୍‌ଡବ୍ଲ୍ୟୁର ମିଟେଲଷ୍ଟାଣ୍ଡ ବିଶେଷଜ୍ଞ ମାଇକେଲ ସ୍ୱାର୍ଜ୍ କୁହନ୍ତି, ଆମେ ଏହି ବ୍ୟବସାୟଗୁଡ଼ିକୁ ତଦାରଖ କରିବା ଆରମ୍ଭ କରିବା ପରଠାରୁ, ଏତେ ଛୋଟ ଏବଂ ମଧ୍ୟମ ସ୍ତରର ବ୍ୟବସାୟୀ ସେମାନଙ୍କର କାମ ବନ୍ଦ କରିବାକୁ ଯୋଜନା କରୁଥିବା କେବେ ଘଟିନାହିଁ। ଉତ୍ତରାଧିକାର ସମସ୍ୟା କେବଳ ଚାକିରି ପାଇଁ ବିପଦ ସୃଷ୍ଟି କରୁନାହିଁ ବରଂ ବ୍ୟାପକ ଭାବରେ ଜର୍ମାନୀର ଆର୍ଥିକ ଅବସ୍ଥାକୁ ମଧ୍ୟ ପ୍ରଭାବିତ କରୁଛି। ସରକାର ଭିତ୍ତିଭୂମି ପାଣ୍ଠି, କର୍ପୋରେଟ୍ ଟିକସ ହ୍ରାସ ଏବଂ ଅନ୍ୟାନ୍ୟ ଆକର୍ଷଣୀୟ ପଦକ୍ଷେପ ମାଧ୍ୟମରେ ନିବେଶ ବୃଦ୍ଧି କରିବାକୁ ଚାହୁଁଛନ୍ତି। ତଥାପି, ବ୍ୟବସାୟୀମାନେ ସେମାନଙ୍କ ବ୍ୟବସାୟ ପାଇଁ ଭବିଷ୍ୟତର ନେତୃତ୍ୱ ବିଷୟରେ ସ୍ପଷ୍ଟ ଧାରଣା ନ ପାଇବା ପର୍ଯ୍ୟନ୍ତ ନିବେଶ ବୃଦ୍ଧି କରିବାକୁ ସେମାନଙ୍କର ପ୍ରତିବଦ୍ଧତା ଦେଖାଉନାହାଁନ୍ତି। ଗତ ଦଶନ୍ଧିରେ ଜର୍ମାନୀରେ ନିବେଶ ୪୦-୬୦ କୋଟି ଡଲାର ହ୍ରାସ ପାଇଛି।







ଅହମ୍ମଦାବାଦ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ମୃତାହତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ ତରଫରୁ ବାଲୁକା କଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି।

### ଯୁବତୀ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍

# ରାଜସ୍ଥାନରୁ ଆଉ ୨ ଯୁବତୀ ଉଦ୍ଧାର, କ୍ରେତା ଗିରଫ

**କପ୍ତିପଦା, ୧୩।୬ (ସମିସ):** ରାଉରକେଲାରେ କାମ ଦେବାକୁ କହି ସାଙ୍ଗରେ ନେଇ ରାଜସ୍ଥାନରେ ବିକି ଦେଉଥିଲେ। ସେଠାରେ ବୟସ, ଗଢ଼ଣ, ରଙ୍ଗକୁ ନେଇ ହେଉଥିଲା ମୂଲଚାଲ; କାହାକୁ ଲକ୍ଷେ ତ କାହାକୁ ୨ ଲକ୍ଷରେ ବିକ୍ରି କରାଯାଉଥିଲା। ନାବାଳିକାଙ୍କଠାରୁ ଆରମ୍ଭ କରି ୨୫/୨୬ ବର୍ଷୀୟ ଯୁବତୀଙ୍କୁ ଦଲାଲମାନେ ପରପୁରୁଷ ହାତକୁ ଟେକି ଦେଉଥିଲେ। ଆଉ, କିଣୁଥିବା ଲୋକମାନେ ସେମାନଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଘରକୁ ନେଇଯାଉଥିଲେ। ରାଜସ୍ଥାନରେ ଚାଲିଥିବା ଏପରି ଏକ ଯୁବତୀ ଚାଲାଣ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି ଶରତ ଥାନା ପୁଲିସ୍। ଏହି ରାକେଟ୍‌ର ଶିକାର ହୋଇଥିବା ମୟୂରଭଞ୍ଜର ୨ ଯୁବତୀଙ୍କୁ ପୁଲିସ୍ ପୂର୍ବରୁ ଉଦ୍ଧାର କରିଥିବା ବେଳେ ଦେଢ଼ମାସ ପରେ ଆଉ ଦୁଇ ଯୁବତୀଙ୍କୁ ଉଦ୍ଧାର କରିବା ସହ ଜଣେ ଗରାଖ ବା କ୍ରେତାକୁ ଗିରଫ କରିଛି। ସେ ହେଲା ରାମ ସୁମନ। ତା' ସହ ଆଉ



କିଛି ଅଭିଯୁକ୍ତଙ୍କ ଏହି ରାକେଟ୍‌ରେ ସଂପୃକ୍ତି ଥିବା ପୁଲିସ୍ ଜାଣିବାକୁ ପାଇଛି। ପୂର୍ବରୁ ଯୁବତୀମାନଙ୍କୁ ବିକ୍ରି କରିଥିବା ଦଲାଲ ଧନେଶ୍ୱର ମୁର୍ମୁକୁ ଶରତ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା ଓ ୨ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଗିରଫ ଦଲାଲର ବୟାନକୁ ଭିତ୍ତି କରି ପୁଲିସକୁ ସଫଳତା ମିଳିଛି ବୋଲି ଶରତ ଆଇଆଇସି ରମାକାନ୍ତ ପାତ୍ର ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଦେଢ଼ମାସ ତଳେ ମୟୂରଭଞ୍ଜର ଶରତ ଥାନା ଅଞ୍ଚଳର ୪ଜଣ ଯୁବତୀଙ୍କୁ ଧନେଶ୍ୱର ରାଉରକେଲାରେ ଭଲ ଦରମାରେ କାମ ଦେବାର ଲୋଭ ଦେଖାଇ ସେମାନଙ୍କ ପରିବାରଲୋକଙ୍କ ଅଗୋଚରରେ ସାଙ୍ଗରେ ନେଇ ଯାଇଥିଲା। କିନ୍ତୁ ଦଲାଲଜଣଙ୍କ ସେମାନଙ୍କୁ ରାଉରକେଲା ପରିବର୍ତ୍ତେ ରାଜସ୍ଥାନ ରେଲୱେ ଷ୍ଟେସନ୍‌ରେ ବିକି ଦେଇଥିଲା। ତେବେ ଯୁବତୀମାନେ ପ୍ରକୃତ କଥା ଜାଣିପାରି ଲୁଚିଲୁଚି ଘରଲୋକଙ୍କୁ ଫୋନ୍‌ରେ ସୂଚନା ଦେଇଥିଲେ। ପରେ ଏନେଇ ପରିବାରଲୋକଙ୍କ ପକ୍ଷରୁ ଶରତ ଥାନାରେ ଅଭିଯୋଗ ହେବା ପରେ ତନାଘନା ଆରମ୍ଭ ହୋଇଥିଲା। ଯୁବତୀମାନେ କଲ୍ କରିଥିବା ଲୋକେସନ୍ ରାଜସ୍ଥାନ ବୋଲି ଜଣାପଡ଼ିବା ପରେ ପୁଲିସ୍ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲା। ଦେଢ଼ ମାସ ତଳେ ପୁଲିସ୍ ୨ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଦଲାଲକୁ ଗିରଫ କରିଥିଲା। ତେବେ ଗରାଖ ଓ ଅନ୍ୟ ୨ଯୁବତୀଙ୍କ ପତ୍ତା ପାଇନଥିଲା। ରାଜସ୍ଥାନ ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଯୁବତୀଙ୍କ ଲୋକେସନ୍ ସଂପର୍କରେ ଖବର ପାଇ ଚଢ଼ଉ କରିଥିଲା। ପୁଲିସ୍ ଯୁବତୀଦ୍ୱୟଙ୍କୁ ରାମ ସୁମନର ଘରୁ ଉଦ୍ଧାର କରିଥିଲା। ଆଜି ରାଜସ୍ଥାନ ପୁଲିସ୍ ଯୁବତୀଦ୍ୱୟଙ୍କୁ ଶରତ ଥାନା ପୁଲିସ୍‌କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଉଦ୍ଧାର ହୋଇଥିବା ଯୁବତୀମାନେ ଆଜି ଗଣମାଧ୍ୟମ ସାମ୍ନାରେ ସେମାନଙ୍କ ନିର୍ଯାତନାର କାହାଣୀ ବଖାଣିଛନ୍ତି।

### ■ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ୬ ରୋଗୀଙ୍କ ମୃତ୍ୟୁ ଘଟଣା

# ୨୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ଦାବି



**ଜୟପୁର, ୧୩।୬(ସମିସ):** କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜଠାରେ ଭୁଲ୍ ଇଞ୍ଜେକସନ ଏବଂ ଚିକିତ୍ସାରେ ଅବହେଳା ଯୋଗୁଁ ୬ ରୋଗୀଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଥିଲେ ପରିବାରଲୋକେ। କ୍ଷତିଗ୍ରସ୍ତ ପରିବାରକୁ ୨୫ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ ଏବଂ ଏହି ଅଘଟଣ ପାଇଁ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜୁ ଜନତା ଦଳ। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବିଜେଡି ଉପ ସଭାପତି ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ବିଜେଡି ଦଳର ବରିଷ୍ଠ ନେତାମାନେ ଜୟପୁର ନିର୍ବାଚନ ମଣ୍ଡଳୀର ଦୁଇ ପୀଡ଼ିତ ପରିବାରଙ୍କୁ ସାକ୍ଷାତ କରିବା ସହ ସମବେଦନା ଜଣାଇଥିଲେ। ବିଜେଡି ପକ୍ଷରୁ ପ୍ରତ୍ୟେକ ପରିବାରକୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହିପରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ଉନ୍ନତମାନର ଚିକିତ୍ସା ସୁବିଧା ଉପଲବ୍ଧ କରିବା ନେଇ ପୂର୍ବତନ ବିଜେଡି ସରକାରଙ୍କ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା ଏବଂ ଉଦ୍ୟମକ୍ରମେ କୋରାପୁଟଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ବର୍ତ୍ତମାନ ବିଜେପି ସରକାର ଏହାର ରକ୍ଷଣାବେକ୍ଷଣ

**ଦୁଇ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେଲା ବିଜେଡି**

ଠିକ୍ ଭବେ କରୁନଥିବାରୁ ଚିକିତ୍ସାରେ ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ୬ ଗରିବ ଓ ଆଦିବାସୀ ଶ୍ରେଣୀର ଲୋକଙ୍କ ଜୀବନ ଚାଲିଯାଇଥିଲା। ତେଣୁ ଏନେଇ ରାଜ୍ୟ ସରକାର ନିଜକୁ ଦୋଷୀ ଭାବେ ସ୍ୱୀକାର କରିବା ସହ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଦୋଷୀଙ୍କୁ ଦଣ୍ଡିତ କରିବାକୁ ବିଜେଡି ଉପସଭାପତି ଶ୍ରୀ ନନ୍ଦ ଦାବି କରିଛନ୍ତି। ପ୍ରଥମେ ଜୟପୁର ବିଜେଡି ଦଳ ପକ୍ଷରୁ ଜୟନ୍ତୀଗିରି ପଞ୍ଚାୟତର ମୀନାଗୁଡା ଗ୍ରାମର ମୃତ୍ୟୁବରଣ କରିଥିବା ମହିଳା ସ୍ୱର୍ଗତା ରୁକ୍ମଣୀ ପେଣ୍ଟିଆ ଏବଂ ବୋରିଗୁମ୍ମା ବ୍ଲକର ବଡପିଣ୍ଡାପଦର ଗ୍ରାମର ସ୍ୱର୍ଗତ ଭଗବାନ ପରଜାଙ୍କ ପରିବାରର ସଦସ୍ୟଙ୍କୁ ସମବେଦନା ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷା ଦୀପ୍ତି ନାୟକ, ଜିଲ୍ଲା ପରିଷଦ ସଦସ୍ୟ ମଞ୍ଜୁଳା ଘାସି, ସରପଞ୍ଚ ସାଇବାଣି ଜାନୀ, ବରିଷ୍ଠ ସଦସ୍ୟ ବାଲା ରାୟ, ଦୁର୍ଗାପ୍ରସାଦ ମିଶ୍ର, ବାଲିଙ୍ଗି ରାଓ, ଶିବ ପ୍ରସାଦ ପଟ୍ଟନାୟକ, ନାଗରାଜ ଦୋରା, ରାଜେନ୍ଦ୍ର ରଥ, ପ୍ରସାଦ ସାହୁ ଓ ଗୌରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ହୋଟେଲରେ ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲେଶ୍ୱର,୧୩।୬ (ସମିସ):** ବାଲେଶ୍ୱର ଟାଉନ ଥାନା ପୁଲିସ୍ ଆଜି ସିନେମା ବଜାରସ୍ଥିତ ହୋଟେଲ 'ନିଶି'ର ୧୧୫ ନମ୍ବର ରୁମ୍‌ରୁ ଡାକ୍ତର ପ୍ରଦୀପ ମଲ୍ଲିକ (୫୧)ଙ୍କ ମୃତଦେହ ଉଦ୍ଧାର କରିଛି। କୋଲକାତା କାଳୀଘାଟ ଅଞ୍ଚଳରେ ଥିବା ୧/୩ସି ପ୍ରିନ୍ସ ଗୋଲାମ ମହମ୍ମଦ ଷ୍ଟ୍ରିଟ୍‌ର ଗୋବିନ୍ଦ ମଲ୍ଲିକଙ୍କ ପୁଅ ହେଉଛନ୍ତି ପ୍ରଦୀପ। ସେ ପ୍ରତିମାସ ବାଲେଶ୍ୱରରେ ଥିବା ନିଶା ନିବାରଣ

**କବାଟ ଭାଙ୍ଗି ଶବ ଉଦ୍ଧାର କଲା ପୁଲିସ୍**

କେନ୍ଦ୍ରଗୁଡ଼ିକୁ ଆସି ରୋଗୀମାନଙ୍କୁ ଚିକିତ୍ସା କରିଥା'ନ୍ତି ବୋଲି ହୋଟେଲ ମ୍ୟାନେଜର କହିଛନ୍ତି। ଶୁକ୍ରବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଡା. ମଲ୍ଲିକ ନିଜ ରୁମ୍‌ର କବାଟ ନ ଖୋଲିବାରୁ ହୋଟେଲ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ମ୍ୟାନେଜର ଟାଉନ୍ ଥାନାକୁ ଜଣାଇବା ପରେ ପୁଲିସ୍ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଉକ୍ତ ରୁମ୍‌ର କବାଟ ଭଙ୍ଗା ଯାଇଥିଲା। ସେ ଖଟ ଉପରେ ପଡ଼ିଥିବା ବେଳେ ତାଙ୍କ ପାଟିରୁ ଧଳା ରଙ୍ଗର ଫେଣ ବାହାରି ଶୁଖି ଯାଇଥିବା ଦେଖାଯାଇଥିଲା। ପୁଲିସ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତାଙ୍କ ପରିବାରଲୋକଙ୍କୁ ଖବର ଦିଆଯାଇଛି। ପରିବାରଲୋକେ ଆସିଲେ ଶନିବାର ଶବ ବ୍ୟବଚ୍ଛେଦ ହେବ ବୋଲି ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି। ତେବେ କେଉଁ ପରିସ୍ଥିତିରେ ଡାକ୍ତର ମଲ୍ଲିକଙ୍କ ମୃତ୍ୟୁ ଘଟିଲା, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯିବାକୁ ଚେଷ୍ଟା କରାଯାଇଛି, ସେନେଇ ପୁଲିସ୍ ତଦନ୍ତ ଚଳାଇଛି।

# ପ୍ରକାଶ ପାଇଲା ବିଏଡ୍ ପ୍ରବେଶିକା ପରୀକ୍ଷା ଫଳ

**ଭୁବନେଶ୍ୱର, ୧୩।୬(ସମିସ):** ବିଏଡ୍ ପ୍ରବେଶିକା ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ ସାମସ୍ ଇ-ସ୍ପେସ୍‌ରୁ ନିଜର ମାର୍କ ଜାଣିପାରିବେ। ଆସନ୍ତା ୧୯ ତାରିଖ ମଧ୍ୟରେ ସ୍ନାତକ ବା ତତ୍ତୁଲ୍ୟ ମାର୍କ ଅପଡେଟ୍ କରିବା ସହ ଚଏସ୍ ଲକ୍ଁ କରିପାରିବେ। ଏହାପରେ ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ୨୫ତାରିଖରେ ପ୍ରକାଶ ପାଇବ। ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ପଢ଼ିବାକୁ ଇଚ୍ଛୁକ ଥିଲେ, ଫ୍ରିଜ୍ ଅପସନ୍ ଦେବେ। ଅନ୍ୟଥା ସ୍ଲାଇଡ୍ ଅପସନ୍ ଦେଇ ଜୁଲାଇ ୧ ତାରିଖ ମଧ୍ୟରେ ନାମ ଲେଖାଇବେ। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଜୁଲାଇ ୭ ତାରିଖରେ ମେଧା ତାଲିକା ପ୍ରକାଶ ପାଇବ ଓ ୧୧ ତାରିଖ ମଧ୍ୟରେ ନାମଲେଖା ସରିବ। ସେହିପରି, ୧୭ ତାରିଖରେ ତୃତୀୟ ରାଉଣ୍ଡ ପାଇଁ ମେଧା ତାଲିକା ପ୍ରକାଶ ପାଇବ ଓ ୨୨ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ। ୩ ରାଉଣ୍ଡରେ ନାମଲେଖା ପରେ ୱେଟିଂଲିଷ୍ଟ ରାଉଣ୍ଡ ଅନୁଷ୍ଠିତ ହେବ। ଏଥିପାଇଁ ଛାତ୍ରଛାତ୍ରୀମାନେ ୨୮ରୁ ୩୧ତାରିଖ ମଧ୍ୟରେ ଅନ୍‌ଲାଇନ୍ ଆବେଦନ କରିପାରିବେ। ଅଗଷ୍ଟ ୪ ତାରିଖରେ ମେଧା ତାଲିକା ପ୍ରକାଶ ପାଇବା ସହ ୫ ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନୋଟିସ୍ ପ୍ରକାଶ ପାଇବ। ୬ ଓ ୭ ତାରିଖରେ ସାମାନଙ୍କ ନାମଲେଖା ସରିବ। ଜୁଲାଇ ୨୪ ତାରିଖଠାରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିଛି। ବିଇଡି, ବିଏଚ୍‌ଇଡି ଓ ଏମ୍‌ଇଡିରେ ନାମଲେଖା ପାଇଁ ମୋଟ୍ ୨୭୫୦ ସିଟ୍ ରହିଛି। ଏଥିପାଇଁ ପ୍ରାୟ ୪୭ ଗୁଣାରୁ ଅଧିକ ଅର୍ଥାତ୍ ୧ଲକ୍ଷ ୨୯ ହଜାର ୭୧୨ଜଣ ଆବେଦନ କରିଥିଲେ। ତନ୍ମଧ୍ୟରୁ ୧ଲକ୍ଷ ୧୭ ହଜାର ୯୩୩ ପିଲା ପରୀକ୍ଷା ଦେଇଥିବା ବେଳେ ୧୧,୭୭୯ଜଣ ପରୀକ୍ଷା ଦେଇ ନାହାନ୍ତି।

**୨୫ରେ ପ୍ରଥମ ରାଉଣ୍ଡ ମେଧା ତାଲିକା**

**ଜୁଲାଇ ୨୪ରୁ ଆରମ୍ଭ ହେବ ପାଠପଢ଼ା**

# ଶିମିଳିପାଳରୁ ପୁଣି ଧରାହେଲେ ୪ ଶିକାରୀ

### ୨ ଦେଶୀ ବନ୍ଧୁକ, ବ୍ୟାପକ ଗୋଳାବାରୁଦ ଜବତ

**ବାରିପଦା, ୧୩।୬ (ସମିସ):** ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟରେ ପ୍ରବେଶ କରିଥିବା ୪ କୁଖ୍ୟାତ ଶିକାରୀକୁ ଶୁକ୍ରବାର ବନବିଭାଗ ଗିରଫ କରିଛି। ସେମାନେ ହେଲେ, ଉଦଳା ଥାନା ଅନ୍ତର୍ଗତ ଅମ୍ବିକାଦେଇପୁର ଗ୍ରାମର କୁଅଁର ମୋହନ ମୁର୍ମୁ, ବିଜୟ ମୁର୍ମୁ, ସୋଲେ ସିଂ ଓ ରାମେଶ୍ୱର ହେମ୍ବ୍ରମ। ପରେ ଶିକାରୀଙ୍କ ଘରେ ଚଢ଼ଉ କରି ୨ଟି ଦେଶୀ ବନ୍ଧୁକ, ବ୍ୟାପକ ଗୋଳାବାରୁଦ, ୩ଟି ସମ୍ବର ଶିଙ୍ଘ, କୋଚିଲାଖାଇର ଥଣ୍ଟ ଏବଂ ଅନ୍ୟାନ୍ୟ ଅବୈଧ ବନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭୟାରଣ୍ୟ ମଧ୍ୟରେ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ସହାୟତାରେ ବନ ବିଭାଗ ଏହି ଶିକାରୀମାନଙ୍କୁ ଗିରଫ କରିଛି। ଏମାନେ ଶିକାର କରିବା ପାଇଁ ଦଳବଦ୍ଧ ହୋଇ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପ୍ରବେଶ କରିଥିଲେ। ତେବେ, ଅନ୍ୟ ୨ ଶିକାରୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି।



## ବଜ୍ରପାତରେ ଯୁବକ ମୃତ

**ତିହିଡି,୧୩।୬(ସମିସ):** ତିହିଡି ପୀରହାଟ ଥାନା ଅନ୍ତର୍ଗତ ସାହାପୁର ପଞ୍ଚାୟତରେ ବଜ୍ରପାତ ଆଜି ଜଣଙ୍କ ଜୀବନ ନେଇଛି। ସେ ହେଲେ ସାହାପୁର ଗ୍ରାମର କରୁଣାକର ବାରିକ। ଆଜି ସେ ବିଲକୁ ଚାଷ କାମ କରିବାକୁ ଯାଇଥିବା ବେଳେ ହଠାତ ବର୍ଷା ପବନ ସହ ବଜ୍ରପାତ ହୋଇଥିଲା। ଏହି ସମୟରେ କରୁଣାକରଙ୍କ ଉପରେ ଏକ ବଜ୍ରପାତ ହେବାରୁ ସେ ଘଟଣାସ୍ଥଳରେ ଟଳି ପଡିଥିଲେ। ଏହା ଦେଖି ବିଲରେ କାମ କରୁଥିବା ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ତିହିଡି ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୀରହାଟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅପରପକ୍ଷେ ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

# ବଲାଙ୍ଗିର ବିଜେପି ପାଇଁ ଅଛୁଆଁ ବିଧାୟକ ନବୀନ ଜୈନ

**ବଲାଙ୍ଗିର, ୧୩।୬(ସମିସ):** ବିଜେପି ସରକାର ଗଢିବାରେ ଏକ ବର୍ଷ ପୂର୍ତ୍ତି ଅବସରରେ ଉତ୍ସବ ପାଳନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି କିନ୍ତୁ ବଲାଙ୍ଗିର ଜିଲ୍ଲାରେ ବିଜେପି ସଙ୍ଗଠନକୁ ନେଇ ଅନେକ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। କିଛି ଦିନ ତଳେ ଟିଟିଲାଗଡ଼ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ରହିଥିବା ବିବାଦ ସାମ୍ନାକୁ ଆସିଥିଲା। ଆଉ ଏବେ କିଛି ଦିନ ହେଲା ଜିଲ୍ଲାରେ ଚାଲିଥିବା ସଙ୍ଗଠନ ଓ ସରକାରୀ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକଙ୍କୁ କାଁ ଭା ଦେଖିବାକୁ ମିଳୁଥିବା ବେଳେ ନିର୍ବାଚନ ହାରିଥିବା ବିଜେପି ପ୍ରାର୍ଥୀଙ୍କୁ ସମସ୍ତ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ଯାହାକୁ ନେଇ ରାଜନୈତିକ ମହଲରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି।

ନିର୍ବାଚନ ଥାଉ କି ନଥାଉ ସବୁବେଳେ ବିଜେପି ରାଜନୀତିରେ ଏମିତି ଅନେକ ଘଟଣାକ୍ରମ ସାମ୍ନାକୁ ଆସେ ଯାହାକି ଚର୍ଚ୍ଚାର ବିଷୟ ପାଲଟିଥାଏ। ଆଉ କିଛି ଦିନ ପରେ ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆସିବାର କାର୍ଯ୍ୟକ୍ରମ ରହିଛି ଏହାକୁ ନେଇ ଦଳ ଓ ପ୍ରଶାସନ ପ୍ରସ୍ତୁତି ଚଳାଇଥିବା ବେଳେ କିଛି ଦିନ ହେଲା ଜିଲ୍ଲା ବିଜେପି ସଙ୍ଗଠନରେ ବିଧାୟକ ଓ ସାଂସଦଙ୍କ ମଧ୍ୟରେ ଚାଲିଥିବା ଟଣାଓଟରା ଦଳ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏମିତିରେ ଜଣେ ବିଧାୟକ ବିଭିନ୍ନ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ଦେଖାଯାଉନଥିବା ବେଳେ ନିର୍ଦ୍ଦିଷ୍ଟ ଜଣେ ନେତା ନିର୍ବାଚନ ହାରିଥିବା ସତ୍ତ୍ୱେ ସମସ୍ତ ଜିଲ୍ଲା ଓ ନିର୍ବାଚନମଣ୍ଡଳିସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ



ନେଇ ପ୍ରଶ୍ନ ଉଠିଛି। ଗତ ବୁଧବାର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଫଳତା ଗାନ କରିଥିଲେ। କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଜିଲ୍ଲାରେ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ବିଧାୟକଙ୍କ ଉପସ୍ଥିତିକୁ ନେଇ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଛି। କିନ୍ତୁ ବଲାଙ୍ଗିରର ଏହି ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ସହ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲା ବିଜେପି ସଭାପତି ସହ ବଲାଙ୍ଗିର ସଦର ଆସନରେ ପରାଜିତ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। କିନ୍ତୁ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଉପସ୍ଥିତ ନଥିଲେ। ଲୋଇସିଂହା ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କଳାହାଣ୍ଡିରେ କାର୍ଯ୍ୟକ୍ରମ ଥିବାରୁ ଅନୁପସ୍ଥିତ ରହିଥିବା ଜଣାପଡିଥିଲା। କିନ୍ତୁ ଟିଟିଲାଗଡ଼ ବିଧାୟକ ଶ୍ରୀ ଜୈନ ଗଲେ କୁଆଡେ। ତାଙ୍କୁ ଡକାଯାଇଥିଲା ନା ଡକାଯାଇନଥିଲା ତାହା ମଧ୍ୟ ବଡ ପ୍ରଶ୍ନ। ଏମିତିରେ ଗତ କିଛି ଦିନ ଭିତରେ ଉଭୟ ସାଂସଦ ଓ ଟିଟିଲାଗଡ ବିଧାୟକଙ୍କ ମଧ୍ୟରେ ଚାଲୁଥିବା ଶୀତଳ ଯୁଦ୍ଧ ଆଗକୁ ନ ଆଣିବାକୁ ଦଳ ଏହିଭଳି କରିଛି ନା ବିଧାୟକ ଅସନ୍ତୁଷ୍ଟ ଥିବାରୁ ସେ ଆସିନଥିଲେ ସ୍ପଷ୍ଟ ହୋଇନାହିଁ। କେବଳ ଏତିକି ନୁହଁ ଜିଲ୍ଲସ୍ତରରେ ଚାଲିଥିବା ଅନେକ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ବିଧାୟକଙ୍କୁ ଅଣଦେଖା କରାଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ଆସୁଥିବା ବେଳେ ପ୍ରାୟ ସମସ୍ତ କାର୍ଯ୍ୟକ୍ରମରେ ଗୋପାଳଜୀ ପାଣିଗ୍ରାହୀଙ୍କ ଉପସ୍ଥିତି ଏବେ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା ଆରମ୍ଭ କରିଛି। ସାମ୍ବାଦିକ ସମ୍ମିଳନୀ ପରେ ଦଳୀୟ ବୈଠକରେ ମଧ୍ୟ ଟିଟିଲାଗଡ଼ ବିଧାୟକ କିମ୍ବା ତାଙ୍କ କୌଣସି ସମର୍ଥକ ଉପସ୍ଥିତ ରହିନଥିବା ଆଲୋଚନା ହେଉଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଦଳ ଭିତରେ ରହିଥିବା ଅନ୍ତଃକନ୍ଦଳ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏହାକୁ ଦଳ କିଭଳି ମୁକାବିଲା କରିବ, ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ମାଲକାନଗିରିରୁ ଦୁଇ ମାଓବାଦୀ ଗିରଫ

### ପିସ୍ତଲ, ଗୁଳି ସମେତ ବିସ୍ଫୋରକ ଜବତ

**ମାଲକାନଗିରି, ୧୩।୬ (ସମିସ):** ମାଲକାନଗିରି ଜିଲ୍ଲା ପୁଲିସ ଦୁଇଜଣ ମାଓବାଦୀଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଛି। ଗିରଫ ଦୁଇ ମାଓବାଦୀ ହେଲେ, ଛତିଶଗଡ଼ ବସ୍ତର ଜିଲ୍ଲାର ଚନ୍ଦାମେଟାପଟଲପରା ଗ୍ରାମର କେସା କବାସୀ ଓ ବିଜାପୁର ଜିଲ୍ଲା ତାମୋଡ଼ ଗ୍ରାମର ରାକେଶ ଓରଫ୍ ସାନୁ କୁଞ୍ଜାମା। ଜବତ ସାମଗ୍ରୀଗୁଡ଼ିକ ମଧ୍ୟରୁ ଗୋଟିଏ ପିସ୍ତଲ, ୬ଟି ଗୁଳି, ୧୦ଟି ଡିଟୋନେଟର, ୧୦ମିଟର କୋଡେକ୍ସ ତାର, ୫୦ ଗ୍ରାମ ବନ୍ଧସ୍ୱଳ ପାଉଡର, ଗୋଟିଏ ୱକିଟାକି, ଟର୍ଚ୍ଚଲାଇଟ୍, ରେଡିଓ, ମାଓ ପୁସ୍ତିକା, ଔଷଧ ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି।

ଆଜି ମାଲକାନଗିରି ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିନୋଦ ପାଟିଲ ଦେଇଥିବା ସୂଚନାନୁଯାୟୀ, ଛତିଶଗଡ଼ର କିଛି ମାଓବାଦୀ ଗତକାଲି ମାଲକାନଗିରିରେ ପ୍ରବେଶ କରିଥିବା ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୁଲିସ ମାଥିଲି ଥାନା ଅଧୀନ ସୋଡ଼ିଗୁଡ଼ା ଓ ତେନ୍ତୁଲିଗୁଡ଼ା ଗ୍ରାମ ମଧ୍ୟରେ ଥିବା ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ଆଜି ଭୋର୍‌ରେ କିଛି ମାଓବାଦୀ ଜଙ୍ଗଲ ମଧ୍ୟରେ ଯାଉଥିବା ଦେଖି ପୁଲିସ ପିଛା କରିବା ସହ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ। କିନ୍ତୁ ସେମାନେ ପୁଲିସ୍ ଉପରକୁ ଗୁଳି ଚଳାଇବା ସହ



ଜଙ୍ଗଲ ମଧ୍ୟରେ ଫେରାର ହୋଇଯାଇଥିଲେ। ତେବେ ପୁଲିସ ସେମାନଙ୍କ ମଧ୍ୟରୁ ୨ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହେବା ସହ ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇଛି। ଗିରଫ ଦୁଇ ମାଓବାଦୀ ସିପିଆଇ ମାଓ ସଂଗଠନରେ ଏସିଏମ୍ ଭାବେ କାମ କରୁଥିବା ବେଳେ ଛତିଶଗଡ଼ର ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିଲେ। ତେବେ ଆଜି ଏହି ଦୁଇଜଣଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ପି ଶ୍ରୀ ପାଟିଲ ମତପ୍ରକାଶ କରିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

**କେନ୍ଦୁଝର, ୧୩।୬(ସମିସ):** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶଗଡ଼ପଟା ଗ୍ରାମର କାନ୍ଦରା ନାଏକ(୫୦) ଓରଫ୍ କାହ୍ନୁକୁ ୨୦ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସେହିପରି ଘଟଣା ସଂକ୍ରାନ୍ତ ତଥ୍ୟ ଲୁଚାଇଥିବାରୁ ସୁମିତ୍ରା ମହାନ୍ତ (୪୦) ନାମକ ଜଣେ ମହିଳାଙ୍କୁ କୋର୍ଟ ୭୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଏକ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୭ବର୍ଷର ଜଣେ ନାବାଳିକା ହରିଚନ୍ଦନପୁରସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ହଷ୍ଟେଲରେ ରହି ପାଠ ପଢ଼ୁଥିଲା। ୨୦୨୩ ଜାନୁଆରୀ ୨୯ରେ ମାଆ-ଝିଅଙ୍କ ସାକ୍ଷାତ ସମୟରେ ଘଟଣା ପ୍ରଘଟ ହୋଇଥିଲା। ପୀଡ଼ିତା କହିଥିଲା ଯେ ସ୍କୁଲର କାନ୍ଦରା ଅଜା(ରୋଷେୟା) ସରସ୍ୱତୀ ପୂଜା ଦିନ ସନ୍ଧ୍ୟା ଶୌଚ କରାଇବାକୁ ନେଇଥିଲା ସମୟରେ ଦୁଷ୍କର୍ମ କରିଥିଲା। ଏ କଥା ଅନ୍ୟ ଆସାମୀ ସ୍କୁଲର ସୁମିତ୍ରା ମହାନ୍ତ ଜାଣି ମଧ୍ୟ ଲୁଚାଇବାକୁ ପୀଡ଼ିତାକୁ ଧମକାଇଥିଲା। ଫଳରେ ପୀଡ଼ିତାର ମାଆ ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଗୋଟିଏ ଦିନରେ ମହିଳାଙ୍କୁ ନେଇ ଦୁଇ ଦଳଙ୍କ ଶକ୍ତି ପ୍ରଦର୍ଶନ

# ବିଜେପିର 'ଶକ୍ତି'ର ଜବାବରେ ବିଜେଡିର 'ଜାଗରଣ'

**ଭୁବନେଶ୍ୱର,୧୩।୬(ସମିସ):** ମହିଳାଙ୍କୁ ନେଇ ଶୁକ୍ରବାର ରାଜ୍ୟରେ ଆୟୋଜନ ହୋଇଛି ଦୁଇ ଦୁଇଟି ବଡ଼ ସମାବେଶ। ବର୍ଷପୂର୍ତ୍ତି ଅବସରରେ ସରକାର କଟକରେ 'ନାରୀ ଶକ୍ତି' ସମାବେଶ ଆୟୋଜନ କରି ମହିଳାମାନଙ୍କୁ ସୁଭଦ୍ରା ଯୋଜନାର ସଫଳ କାହାଣୀ କହି ବେଳେ ଲକ୍ଷପତି ଦିଦିର ସ୍ୱପ୍ନ ଦେଖାଇଛନ୍ତି। ଅନ୍ୟପଟେ ଯାଜପୁରରେ ବିଜେଡି ପକ୍ଷରୁ ଜାଗରଣ ଅଭିଯାନକୁ ଜୋରଦାର କରି ସରକାରଙ୍କ ପ୍ରତାରଣାର ଛବିକୁ ଅନାବରଣ କରାଯାଇଛି। ଏହି ସମାବେଶରେ ଦଳ ନିଜ ସରକାର ଓ ନବୀନ ପଟ୍ଟନାୟକ ମିଶନ ଶକ୍ତି ମାଧ୍ୟମରେ କିପରି ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଥିଲେ ଓ ବର୍ତ୍ତମାନ କିପରି ମହିଳା ହିଂସା ବୃଦ୍ଧି ପାଉଛି ତାହା ଦର୍ଶାଇଛି। ସମାବେଶରେ ବିଜେଡି ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ କରିଛି ରୋଡ଼ମ୍ୟାପ୍।

ଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ବିଜେପି ସରକାରରେ ମହିଳାମାନେ ସବୁଠାରୁ ବେଶୀ ଉପେକ୍ଷାର ଶିକାର ହୋଇଛନ୍ତି। ରାଜ୍ୟରେ ମହିଳା ବିରୋଧୀ ହିଂସା ଭୟଙ୍କର ଭାବରେ ବୃଦ୍ଧି ପାଇଛି। ଦୈନିକ ହାରାହାରି ୧୫ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳା ନିର୍ଯାତନା ଓ ଅତ୍ୟାଚାର ବୃଦ୍ଧି ପାଇଛି। ନାବାଳିକାମାନେ ଯୌନ ଶୋଷଣର ଶିକାର ହୋଇ ଗର୍ଭବତୀ ହୋଇଛନ୍ତି। ଏପରିକି ଗତ ମାଟ୍ରିକ୍ ପରୀକ୍ଷା ସମୟରେ ବିଭିନ୍ନ ସ୍ଥାନରେ ପରୀକ୍ଷା କେନ୍ଦ୍ରରେ ମଧ ନାବାଳିକା ଝିଅମାନେ ସନ୍ତାନ ଜନ୍ମ କରିଥିବା ଖବର ମିଳିଛି। ଅନ୍ୟପକ୍ଷରେ ଦୁଷ୍କର୍ମ, ଅତ୍ୟାଚାରର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯାହାକୁ ନେଇ ରାଜ୍ୟରେ ଏକ ଅଶ୍ୱସ୍ତିକର ପରିବେଶ ସୃଷ୍ଟି ହୋଇଛି। ସେହିପରି ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି କ୍ଷେତ୍ରରେ ସବୁଠାରୁ ଗରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଓଡ଼ିଶାର ମହିଳାମାନଙ୍କୁ ରାଜ୍ୟ ସରକାର ସବୁଠାରୁ ଉପେକ୍ଷା କରିଛନ୍ତି। ମିଶନଶକ୍ତି କାର୍ଯ୍ୟନିର୍ବାହୀ ସଦସ୍ୟାମାନଙ୍କୁ ବହିଷ୍କାର କରିବାକୁ ଯୋଜନା କରି ସେମାନଙ୍କ ପାଦରେ ବେଡ଼ି ପକାଇ ଦେଇଛନ୍ତି। ମିଶନଶକ୍ତି ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ହୋଇଥିବା ରାଜ୍ୟର ୭୦ଲକ୍ଷ ମହିଳାଙ୍କ ସ୍ଥିତି ଏବେ ବିପନ୍ନ ହୋଇଛି। ସୁଭଦ୍ରା ଯୋଜନାରେ ୨ ବର୍ଷରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ଭାଉଚର ଦେବାକୁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାର ବର୍ଷକୁ ୫ ହଜାର ଅର୍ଥାତ୍ ଦିନକୁ ୨୭ ଟଙ୍କା ଦେଇ ଲକ୍ଷପତି ହେବାର ସ୍ୱପ୍ନ ଦେଖାଇଛନ୍ତି। ଦିଲ୍ଲୀ ଓ ମହାରାଷ୍ଟ୍ରରେ ବିଜେପି ସରକାର ସେହି ରାଜ୍ୟର ମହିଳାମାନଙ୍କୁ ମାସିକ ଯଥାକ୍ରମେ ୨୫୦୦ ଓ ୨୧୦୦ ଟଙ୍କା ଦେଉଥିଲେ ମଧ ଓଡ଼ିଶାରେ ଏହା ନାମମାତ୍ର। ଅନ୍ୟପକ୍ଷରେ ମହିଳା, ବିଧବାମାନଙ୍କୁ ମାସିକ ୩ହଜାର ଟଙ୍କା ଭତ୍ତା ଏବେ ବି ସ୍ୱପ୍ନ ପାଲଟିଛି। ଯାହାକୁ ଅସ୍ତ୍ର କରି ବିଜେଡି ରାଜ୍ୟ ସରକାରଙ୍କ ବିରୋଧରେ ଯୁଦ୍ଧଂ ଦେହି ଡ଼ାକରା ଦେଇଛି।

ଅନ୍ୟପଟେ ରାଜ୍ୟ ସରକାର ମଧ୍ୟ ମହିଳାଙ୍କ ଉପରେ ଫୋକସ୍ କରିଛନ୍ତି। ଯଦିଓ ପ୍ରତିଶ୍ରୁତି ମୁତାବକ ସୁଭଦ୍ରା ଯୋଜନାରେ ୨ ଟି କିସ୍ତିରେ ଦଳ ୫୦ ହଜାର ଟଙ୍କା ଦେବାରେ ବିଫଳ ହୋଇଛି, କିନ୍ତୁ ଏହି ଯୋଜନାକୁ ନେଇ ବ୍ରାଣ୍ଡିଂ କରିବା ଓ ଏହାକୁ ଏକ ଅନନ୍ୟ ଯୋଜନା ଭାବେ ଅଭିହିତ କରିବାକୁ ସରକାର ଉଦ୍ୟମ କରୁଛନ୍ତି। ଏହି କ୍ରମରେ କଟକରେ ଆୟୋଜିତ ନାରୀ ଶକ୍ତି ସମାବେଶରେ ନାରୀ ମାନଙ୍କ ସଶକ୍ତିକରଣ ପାଇଁ 'ସୁଭଦ୍ରା' ସବୁଠୁ ଯୁଗାନ୍ତକାରୀ ଯୋଜନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହିତ ରାଜ୍ୟରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇଥିବା ବେଳେ ଏତେ ସଂଖ୍ୟକ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ପ୍ରଥମ ବୋଲି ଉଲ୍ଲେଖ କରି ସରକାର ନିଜ ପିଠି ଥାପୁଡ଼େଇଛନ୍ତି। ସରକାରଙ୍କ ସଫଳତାର ପ୍ରଚାରକୁ ବିରୋଧୀ ଶାଣିତ ଆକ୍ରମଣ କରି ଭେଦ କରିବାକୁ ଯେଉଁ ଯୋଜନା ଆପଣାଇଛନ୍ତି, ତାହା ସଫଳ ହେଉଛି କି ନାହିଁ ତାହା ଉପରେ ନଜର ରହିଛି।



## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ସହଯୋଗ ମିଳିବ। ସମ୍ପର୍କୀୟ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସହଯୋଗ ମନୋଭାବ ରହିବ। ଘରେ ପୂଜାପାଠର ଆୟୋଜନ ହେବ।

**ବୃଷ:** ଜମିବାଡ଼ି କିଣିବା ଯୋଜନା କରିବେ। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ରହିବ। କୌଣସି ଶୁଭ ସମାଚାର ମିଳିପାରେ। ସେୟାର ବଜାରରେ ନିବେଶ କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ପୁସ୍ତକ ପ୍ରତି ରୁଚି ବଢ଼ିବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ।

**କର୍କଟ:** ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ମାଆଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଦିନଟି ହସଖୁସିରେ ଅତିବାହିତ କରିବେ। ପରିବାରରେ କୌଣସି ସଦସ୍ୟଙ୍କୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବେ ନାହିଁ। ଜୀବନସାଥୀଙ୍କ ସହଯୋଗ ରହିବ।

**କନ୍ୟା:** ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଷ୍ଟ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି। କୌଣସି ଶୁଭ ସମାଚାର ପାଇବେ। ପ୍ରେମ ବ୍ୟାପାରରେ ସଫଳ ହେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ବିଛା:** ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ନୂଆ ଯାନବାହନ କିଣିପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ଧନୁ:** କୌଣସି ନୂଆ କାମ ମିଳିପାରେ। ନିବେଶ ପାଇଁ ଭଲ ସମୟ। ରାଜନୀତିରେ କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। କୌଣସି କାମ ପାଇଁ ପ୍ରଶଂସିତ ହେବେ।।

**ମକର:** ଚାକିରିରେ ବଦଳି ସମ୍ଭାବନା ରହିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କୁମ୍ଭ:** ପରିବାରର ସହଯୋଗ ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ବିଦେଶ ଯାତ୍ରା ଯୋଗ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଓ ବ୍ୟୟ ସମାନ ରହିବ।

**ମୀନ:** କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ। ଦୀର୍ଘ ଦିନର ଆଶା ପୂରଣ ହେବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୯୦୭- ନରୱେରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୧୮ - ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମୃତ୍ୟୁ।
- ୧୯୩୪-ଭିଏନାରେ ବେନିତୋ ମୁସୋଲିନୀ ଓ ହିଟଲର୍‌ଙ୍କ ସାକ୍ଷାତ।
- ୧୯୪୯-ଭିଏତନାମ ରାଷ୍ଟ୍ର ଗଠନ କରାଗଲା।
- ୨୦୦୩- ଗୋବି ମରୁଭୂମିରୁ ଏକ ବିଶାଳକାୟ ଡାଇନୋସର୍ ଜୀବାଶ୍ମ ଠାବ କରାଗଲା।
- ୨୦୨୩- ଯୁନାନରେ ନୌକା ବୁଡ଼ିବାରୁ ୭୮ ପ୍ରବାସୀଙ୍କ ମୃତ୍ୟୁ।

# ଆସିଛି ରଜ...




ଓଡ଼ିଶା ଏକ ଐତିହ୍ୟ, କଳା, ସଂସ୍କୃତି, ପରମ୍ପରାର ରାଜ୍ୟ। ଆମ ଉତ୍କଳୀୟ ପରମ୍ପରାରେ ବାରମାସରେ ତେର ପର୍ବ ପାଳନ କରାଯାଏ। ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ। ବସୁଧା, ପ୍ରକୃତି ମାତାକୁ ପୂଜା କରିବାର ଏକ ଅନନ୍ୟ ପରମ୍ପରା। "ରଜ" ଶବ୍ଦଟି "ରଜସ୍ୱଳା" ଶବ୍ଦରୁ ଆନୀତ। ଭୂଦେବୀଙ୍କ ସମ୍ମାନ ପାଇଁ ଏହି ରଜ ପର୍ବର ସୃଷ୍ଟି। ନାରୀଟିଏ ଯେପରି ରଜସ୍ୱଳା ହୋଇଥାଏ ସେହିପରି ଭୂଦେବୀ ରଜସ୍ୱଳା ହୁଅନ୍ତି ବୋଲି କଳ୍ପନା କରାଯାଇଥାଏ। ଦୀର୍ଘ ୫ ଦିନ ଧରି ପାଳନ ହେଉଥିବା ଏହି ପର୍ବ ଓଡ଼ିଶାର ଏକ ଗଣପର୍ବ ଅଟେ। ରଜର ପୂର୍ବ ପ୍ରସ୍ତୁତି ରୂପେ ସଜବାଜ ଏହି ପର୍ବର ପ୍ରଥମ ଦିନ। ଏହାପରେ ବୃଷ ମାସର ଶେଷ ଦିନ ବା ପହିଲି ରଜ ରଜୋବତୀ ହେବାର ପ୍ରାରମ୍ଭ ଦିବସ ଅଟେ। ଦ୍ୱିତୀୟ ବା ମଝି ଦିନ ମିଥୁନ ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି ନାମେ ପରିଚିତ। ରଜୋବତୀ ହେବାର ଶେଷ ଦିନ ଶେଷ ରଜ ନାମେ ପରିଚିତ। ଜଣେ ନାରୀକୁ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମର ଆବଶ୍ୟକତା ରହିଛି, ଠିକ୍ ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ଧରିତ୍ରୀ ମା'କୁ ରଜ ତିନି ଦିନ ବିଶ୍ରାମ ଦିଆଯାଏ। ଏହି ସମୟରେ ଭୂମିରେ ଲଙ୍ଗଳ ଚଳାଇବା କିମ୍ବା ଅନ୍ୟ କୃଷି କାମ କରିବାରେ ରହିଛି ବାରଣ। ସାଧାରଣତଃ ମୁଖ୍ୟ ରଜ ପର୍ବ ୩ ଦିନ ହୋଇଥିବାବେଳେ ସମୁଦାୟ ୫ ଦିନ ଧରି ଏହା ପାଳନ କରାଯାଏ। ପହିଲି ରଜର ପୂର୍ବଦିନ ପଡ଼ିଥାଏ ସଜବାଜ। ଏହି ଦିନ ଘର ଓ କୃଷି କର୍ମରେ ବ୍ୟବହୃତ ଉପକରଣ ଧୋଇ ପରିଷ୍କାର କରାଯାଏ। ପିଲାଙ୍କ ପାଇଁ ଦୋଳି ବନ୍ଧାଯିବା ସହ କୁଆଁରୀ ଝିଅମାନେ ଅଳତା, କଜଳ, ମେହେନ୍ଦୀ, ମୁଣ୍ଡରେ ଚନ୍ଦନ ଟିପା ଲଗାଇ ହୋଇଥାନ୍ତି ସଜବାଜ। ଏହାର ପରଦିନ ପଡ଼େ ପହିଲି ରଜ। ଏହି ଦିନ ଝିଅମାନେ ନୂଆ ବସ୍ତ୍ର ପିନ୍ଧି ସଜବାଜ ହୋଇ ଦୋଳି ଖେଳିବା ସହ ଏକାଠି ବସି ପିଠାପଣା ଖାଇଥାନ୍ତି। ମିଥୁନ ମାସର ପ୍ରଥମ ଦିନ ହେଉଛି ରଜ ସଂକ୍ରାନ୍ତି। ସଂକ୍ରାନ୍ତି ପରଦିନ ପଡ଼େ ଶେଷ ରଜ ବା ଭୂମି ଦହନ ଓ ଶେଷରେ ମିଥୁନ ମାସର ତୃତୀୟ ଦିନରେ ପଡ଼େ ବସୁମତୀ ସ୍ନାନ। ବସୁମତୀ ସ୍ନାନ ସମୟରେ ପିଢ଼ା ଉପରେ ଶିଳପୁଆ, ପାଞ୍ଚଣ ଓ ଲଙ୍ଗଳ ଲୁହାକୁ ରଖି ସିନ୍ଦୁର ଦିଆଯାଏ। ସୋରିଷ, ହଳଦୀଖଣ୍ଡ, ଫୁଲ, ଜଡ଼ା ତେଲ ପ୍ରଭୃତିରେ ପୂଜାର୍ଚ୍ଚନା କରାଯାଏ। ଶେଷରେ ବସୁଧା ମାତାଙ୍କୁ ପ୍ରଣାମ କରି ଉତ୍ତମ ଚାଷ ଓ ଉପଯୁକ୍ତ ବର୍ଷା ପାଇଁ ପ୍ରାର୍ଥନା କରାଯାଇଥାଏ। ରଜ ତିନି ଦିନ କୁମାରୀ ଝିଅମାନେ ରଜସ୍ୱଳା ନାରୀଙ୍କ ଭଳି ଭୂମିରେ ଚାଲନ୍ତି ନାହିଁ। ଲୁଣ ଖାଆନ୍ତି ନାହିଁ, କେବଳ ଫଳମୂଳ ଓ ମିଠା ସେବନ କରିବାର ବିଧି ରହିଛି। ରଜରେ ଗୃହିଣୀମାନଙ୍କୁ ଗୃହକର୍ମରୁ ମିଳିଥାଏ ବିରତି। ରଜରେ କୁମାରୀମାନଙ୍କ ରଜ ଦୋଳି ଗୀତ ସବୁଠାରୁ ବଡ଼ ଆକର୍ଷଣ। ଦୋଳି ଖେଳିବା ସମୟରେ ସେମାନେ ଓଡ଼ିଶାର ସାମାଜିକ ଚଳଣୀ, ପରମ୍ପରା ଆଦିକୁ ନେଇ ଉଦ୍ଦିଷ୍ଟ ଲୋକଗୀତ ଗାଇଥାନ୍ତି। "ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ, ଘେନି ନୂଆ ସଜବାଜ" ଏହି ଗୀତଟି ଓଡିଶାର ପୁରପଲ୍ଲୀରେ ବେଶ୍ ଆଦୃତି ଲାଭ କରିଛି। ପୋଡ଼ ପିଠା ଓ ଖିଲି ପାନ ବିନା ଅଧୁରା ରଜ। ଅରୁଆ ଚାଉଳ, ବିରି, ଗୁଡ଼ ନଡ଼ିଆ, ଗୁଜରାତି, ଗୋଲମରିଚ, ଗୁଆ ଘିଅର ମିଶ୍ରଣରେ ପ୍ରସ୍ତୁତ ପୋଡ଼ ପିଠାରେ ସତେ ଯେମିତି ମିଶି ରହିଥାଏ ଆବେଗ, ଆତ୍ମୀୟତା, ଅନୁରାଗ। ରଜରେ ଲୋକେ ନିଜ ବନ୍ଧୁ ଓ ପରିଜନଙ୍କୁ ଶ୍ରଦ୍ଧା ପୂର୍ବକ ମିଠା ପାନ ଦେଇଥାନ୍ତି। ଏହି ସମୟରେ ନୂଆ ବାହା ହୋଇଥିବା ଝିଅଟି ଘରୁ ରଜଭାର ଆସିଥାଏ। ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ। ଏହି ଦିନଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣି ପ୍ରତିଫଳିତ ହୋଇଥାଏ। ସାମ୍ପ୍ରତିକ କାଳରେ ଏହି ରଜ ପର୍ବର ମାର୍ମିକ ଅନୁଭବ ଖୁବ୍ କମ୍ ଲାଗେ। କେବଳ ଦୋଳି ଖେଳ ଓ ପିଠା-ପଣାକୁ ଛାଡ଼ି ଦେଲେ, ରଜ ପର୍ବର ଅନ୍ୟାନ୍ୟ କାର୍ଯ୍ୟସୂଚୀକୁ ପାଳନ କରାଯାଉନି। ଆଧୁନିକତାର ଛାପରେ ଯଦିଓ ପୂର୍ବଭଳି ରଜପର୍ବ ଗାଁରେ ଏକାଠି ପାଳନ କରିବାର ପରମ୍ପରା ଆଉ ନାହିଁ, ତଥାପି ରଜପର୍ବ ପାଇଁ ଆଦର ଓ ସରାଗ କମିନାହିଁ।

# ବିଶ୍ୱ ରକ୍ତଦାତା ଦିବସ

ରକ୍ତ ଦାନ ମହତ ଦାନ, କାରଣ ଏହି ଦାନ ଜଣେ ବ୍ୟକ୍ତିକୁ ନୂଆ ଜୀବନ ଦିଏ। ରକ୍ତଦାନ ଭଳି ମହାନ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ରକ୍ତଦାନର ମହତ ଆଉ ରକ୍ତଦାତାଙ୍କ ମହାନ ପଣିଆକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ବିଶ୍ୱରେ ଆବଶ୍ୟକତା ତୁଳନାରେ ଉପଲବ୍ଧ ହେଉଥିବା ରକ୍ତର ପରିମାଣ ଯଥେଷ୍ଟ କମ୍। ଏହି କାରଣରୁ ଅନେକ ଲୋକଙ୍କ ଅକାଳରେ ମୃତ୍ୟୁ ହେଉଛି। ହେଲେ, ଯଦି ଲୋକମାନେ ସ୍ୱଇଚ୍ଛାରେ ରକ୍ତ ଦାନ କରିବାକୁ ଆଗେଇ ଆସନ୍ତି ତାହାହେଲେ ଅନେକ ଜୀବନ ବଞ୍ଚେଇବା ସମ୍ଭବ ହୋଇପାରିବ। ସଚେତନତା ଅଭାବରୁ ଅଧିକାଂଶ ଲୋକ ରକ୍ତଦାନ କରିବାଠାରୁ ଦୂରେଇ ରୁହନ୍ତି। ରକ୍ତଦାନ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ସହିତ ରକ୍ତଦାନ ପାଇଁ ପ୍ରୋତ୍ସାହିତ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆନୁକୂଲ୍ୟରେ ସର୍ବ ପ୍ରଥମେ ୨୦୦୪ରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା। ନୋବେଲ୍ ପୁରସ୍କାର ବିଜେତା ଅଷ୍ଟ୍ରିଆର ଡାକ୍ତର କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଜନ୍ମଦିନକୁ ବିଶ୍ୱସ୍ତରରେ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ରକ୍ତର ବର୍ଗୀକରଣ କରିବାରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ରକ୍ତଦାନ ଯୋଗୁଁ ଲକ୍ଷଲକ୍ଷ ଲୋକଙ୍କ ଜୀବନ ରକ୍ଷା ହୋଇପାରୁଛି। ରକ୍ତ ଅଭାବ ସମସ୍ୟାର ସମାଧାନ ପାଇଁ ସୁସ୍ଥ ବ୍ୟକ୍ତିମାନେ ରକ୍ତଦାନ କରିବା ଜରୁରୀ। ରକ୍ତ ଦାନ କେବଳ ଏକ ମହତ କାର୍ଯ୍ୟ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ମଧ ବହୁତ ଭଲ ବୋଲି ବିବେଚନା କରାଯାଏ। ରକ୍ତର କୌଣସି ବିକଳ୍ପ ନ ଥିବାରୁ ରକ୍ତ ଦାନ ମାଧ୍ୟମରେ ଏହା ସଂଗ୍ରହ କରିବା ଜରୁରୀ ହୋଇପଡିଛି। ରକ୍ତ ସଂଗ୍ରହ ନିମନ୍ତେ ବ୍ଲଡ୍ ବ୍ୟାଙ୍କମାନ ପ୍ରତିଷ୍ଠା କରାଯାଇଅଛି। ଏଠାରେ ଲୋକମାନଙ୍କୁ ରକ୍ତ ଦାନ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି ଏବଂ ଲୋକମାନଙ୍କର ରକ୍ତକୁ ସଂଗ୍ରହ କରାଯାଇ ଆବଶ୍ୟକ କ୍ଷେତ୍ରରେ ବିନିଯୋଗ ମଧ କରାଯାଉଅଛି। ଏହି ଦିନ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୁଏ।

# 'ଏସ୍‌ଏସ୍‌ଏମ୍‌ବି୨୯'ରେ ମାଧବନ୍



'ଆରଆର୍‌ଆର୍' ଫେମ୍ ନିର୍ଦ୍ଦେଶକ ଏସ୍. ଏସ୍ ରାଜମୌଳିଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି୨୯'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି। ଏହା ଭାରତୀୟ ସିନେମା ଇତିହାସରେ ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ୧୦୦୦ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମରେ ଲିଡ୍ ରୋଲରେ ପ୍ରିୟଙ୍କା ଚୋପ୍ରା ଓ ମହେଶ ବାବୁ ନଜର ଆସିବେ। ପୃଥ୍ୱୀରାଜ ସୁକୁମାରନ୍ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏବେ ଆଉ ଜଣେ ବଲିଉଡ୍ ଅଭିନେତାଙ୍କ ଏଣ୍ଟ୍ରି ଏହି ଆକ୍ସନ୍ ଆଡଭେଞ୍ଚର ଫିଲ୍ମରେ ହୋଇଛି। ଆର୍.ମାଧବନ୍ ଏବେ ଏହି ଫିଲ୍ମରେ ନଜର ଆସିବେ। ଏଥିରେ ମହେଶ ବାବୁଙ୍କ ପିତା ଭୂମିକାରେ ଅଭିନୟ କରିବା ପାଇଁ ରାଜମୌଳି ନାନା ପାଟେକରଙ୍କୁ ଅଫର୍ ଦେଇଥଲେ। କିନ୍ତୁ ନାନାଙ୍କୁ ଏହି ଭୂମିକା ପସନ୍ଦ ଆସିଲା ନାହିଁ। ଏହାପରେ ମାଧବନ୍‌ଙ୍କୁ ଏହି ଭୂମିକା ମିଳିଥିବା ଚର୍ଚ୍ଚା ହେଉଛି। ଏହାର ସୁଟିଂ ହାଇଦ୍ରାବାଦ୍, ଓଡ଼ିଶା ଓ ବିଦେଶର କେତେକ ସ୍ଥାନରେ କରାଯିବ।

# ସୁମନ

### ସକାଳ ଶିଶୁ କୁଇଜ୍-୧୬୮

(୧) ବାନ୍ଧବଗଡ଼ ଜାତୀୟ ଉଦ୍ୟାନ ଭାରତରେ କେଉଁ ରାଜ୍ୟରେ ଅଛି?
ଉତ୍ତର : ____________

(୨) ବାରୁଦ ତିଆରି ପାଇଁ କେଉଁ ରସାୟନର ବ୍ୟବହାର କରାଯାଏ?
ଉତ୍ତର : ____________

(୩) ସ୍ପେନ୍‌ର ରାଜଧାନୀର ନାମ କ'ଣ?
ଉତ୍ତର : ____________

(୪) 'ଗୋଧୂଳିର ବାଘ' ଉପନ୍ୟାସର ରଚୟିତାଙ୍କ ନାମ କ'ଣ?
ଉତ୍ତର : ____________

(୫) ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁ କେତେ ଗରା ଜଳରେ ସ୍ନାନ କରନ୍ତି?
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ସ୍ୱାଗତିକା ପଟେଲ, ମଙ୍ଗସପୁର, ସୁନ୍ଦରଗଡ଼
- ଚିନ୍ମୟ ବାରିକ, ବିଲିପଡ଼ା, ଯାଜପୁର
- ତୃପ୍ତିମୟୀ ପ୍ରଧାନ, ବାସୁଦେବପୁର, ଭଦ୍ରକ

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯


## ରଜ ପରବ



ଅଶୋକ କୁମାର ପ୍ରଧାନ

ବରଷକ ପରେ ଆମରି ଗାଆଁକୁ
କେଡ଼େ ଶରଧାରେ ଆସିଛୁ ରଜ
ତୋ ପାଇଁ ଦେଖୁନୁ ପାଦରେ ଅଳତା
ନାଇ ଝିଅ ବୋହୂ ହେଲେଣି ସଜ।
ତୁ ଆସିଲେ ଆମେ ଭୂଲି ଯାଉ ମନୁ
ଅଭାବ କଷଣ ଗରିବୀ ଦୁଃଖ
ତୋ ପରବ ପାଳି ମନେ ଖୁସି ବୋଲି
ଫୁଲ ପରି ଦିଶେ ଆମରି ମୁଖ।
ଧରଣୀ ମାଆକୁ ସମ୍ମାନ ଜଣାଇ
ଦୋଳି ଖେଳେ ଆମେ ହେଉରେ ରତ
ଦୋଳି ଖେଳି ସକାଳରୁ ସଞ୍ଜ ହୁଏ
ଭୋକ ଭୂଲି ଯିବା କଥାଟା ସତ।
ବନସ୍ତରୁ ଗଜ ଡାକ ଶୁଣି ଆମେ
ଅଧିର ହେଉଛୁ ବେଳରୁ ବେଳ
ଦୋଳି ସାଥେ ପୁଣି ପୁଚି ଖେଳୁଥାଉ
ହୋଇ ସାଙ୍ଗ ସାଥି ସଭିଏଁ ମେଳ।
ରଜପାନ ସାଥେ ପୋଡ଼ ପିଠା ଖାଇ
ଦିନ କାଟିଥାଉ ସଭିଏଁ ଆମେ
ଶପଥ କରୁଛୁ ଆଜିର ଦିନରେ
ଲାଗିବୁ ସଭିଏଁ ଜଗତ କାମେ।
ରଜ ପରବ ତୁ ଆମ ଓଡ଼ିଆଙ୍କ
ପରବ ଭିତରେ ଅଟୁ ତୁ ରାଣୀ
ତୁ ଆସିଲେ କେତେ ପରବ ଆସଇ
ହସ ଖୁସି ସାଥେ ଆଣୁ ତୁ ଟାଣି। ■


ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦




## ଅମୃତ ଗଛ









ରାଜେଶ୍ ରାୟ

ଗୁରୁକୂଳ ଆଶ୍ରମରେ ଶିକ୍ଷା ସମାପ୍ତ ହେବା ପରେ ଧନଞ୍ଜୟ ନାମକ ଶିଷ୍ୟ ନିଜ ଗୁରୁଙ୍କ ପାଖକୁ ଯାଇ କହିଲା, "ଗୁରୁଦେବ, ମୁଁ ଆପଣଙ୍କୁ ଗୁରୁ ଦକ୍ଷିଣା ସ୍ୱରୂପ କିଛି ଉପହାର ଦେବାପାଇଁ ଚାହୁଁଛି, କୁହନ୍ତୁ ଆପଣଙ୍କର କ'ଣ ଦରକାର? ଗୁରୁ ସାମାନ୍ୟ ହସିଦେଇ ଧନଞ୍ଜୟକୁ କହିଲେ, "ଯଦି ତମେ ମତେ କିଛି ଦେବାକୁ ଚାହୁଁଛ ତେବେ ଅମୃତ ଗଛର ପତ୍ରଟିଏ ମତେ ଆଣିଦିଅ।" ଗୁରୁଙ୍କ କଥା ଶୁଣି ଶିଷ୍ୟ ଧନଞ୍ଜୟ ଆଶ୍ଚର୍ଯ୍ୟ ହୋଇଗଲା। ଅମୃତ ଗଛ! ଏମିତି କିଛି ଗଛ ଅଛି କି? ସେ ଗୁରୁଙ୍କୁ ପଚାରିଲା। ଗୁରୁ କହିଲେ, ମୁଁ ସେ ବିଷୟରେ କିଛି କହିପାରିବି ନାହିଁ। ତୁମେ ବାହାରକୁ ଯାଇ ଖୋଜ। ଯଦି ମତେ ଗୁରୁ ଦକ୍ଷିଣା ଦେଇ ସନ୍ତୁଷ୍ଟ କରିବାକୁ ଚାହୁଁଛ ତେବେ ଅମୃତ ଗଛର ପତ୍ରଟିଏ ଆଣିଦିଅ। ଧନଞ୍ଜୟ ଚିନ୍ତାରେ ପଡ଼ିଗଲା। କେଉଁଠୁ ପାଇବ ଅମୃତ ଗଛର ପତ୍ର? ଏହା ଭାବି ଭାବି ସେ ନିକଟସ୍ଥ କିଛି ଗାଁକୁ ଗଲା। ସେଠାକୁ ଯାଇ ବିଭିନ୍ନ ଲୋକଙ୍କୁ ଗଛ ବିଷୟରେ ପଚାରିଲା ହେଲେ କେହି ବି ତା ପ୍ରଶ୍ନର ସଠିକ୍ ଉତ୍ତର ଦେଇପାରିଲେ ନାହିଁ। ସମସ୍ତଙ୍କ ପାଖରୁ ନିରାଶ ହେବାପରେ ଧନଞ୍ଜୟ ମନ ଦୁଃଖରେ ଗାଁର ଶେଷ ମୁଣ୍ଡରେ ଯାଇ ପହଞ୍ଚିଲା। ସେଠାରେ ବୁଢ଼ୀଟିଏ ଘରକରି ରହୁଥିଲା। ଧନଞ୍ଜୟ ସେ ବୁଢ଼ୀ ପାଖକୁ ଯାଇ ଅମୃତ ଗଛ ବିଷୟରେ ପଚାରିଲା। ସବୁକଥା ଶୁଣିବା ପରେ ବୁଢ଼ୀ ଲୋକଟି ଧନଞ୍ଜୟର ମୁହଁକୁ କିଛି ସମୟ ପାଇଁ ଅନାଇଲା ଏବଂ କହିଲା 'ହଁ' ଅମୃତ ଗଛ ମୋ' ଘର ପଛପଟ ବାଡ଼ିରେ ଅଛି। ଏ କଥା ଶୁଣି ଧନଞ୍ଜୟ ପ୍ରଥମେ ବିଶ୍ୱାସ କରୁ ନ ଥିଲା। ସେ ଭାବିଲା ଯେ, ବୁଢ଼ୀ ଲୋକଟିର ମୁଣ୍ଡ ବୋଧେ ଖରାପ ହୋଇ ଯାଇଛି। ଏହାପରେ ବୁଢ଼ୀ ଜଣକ ଧନଞ୍ଜୟକୁ ଡାକିନେଇ ତା' ବାଡ଼ି ପଛପଟକୁ ଗଲା ଏବଂ ସେଠାରେ ଥିବା ଏକ ପୁରୁଣା ଅଶ୍ୱତ୍ଥ ଗଛକୁ ଦେଖାଇଲା। ଗଛକୁ ଦେଖି ଧନଞ୍ଜୟ ଆଶ୍ଚର୍ଯ୍ୟ ହୋଇଗଲା ଏବଂ କହିଲା ଇଏ ତ ଅଶ୍ୱତ୍ଥ ଗଛ। ଏହାକୁ ଆମେ କ'ଣ ପାଇଁ ଅମୃତ ଗଛ ବୋଲି କହିବା? ବୁଢ଼ୀ ଜଣକ ଧନଞ୍ଜୟକୁ ନିଜ ଭାଷାରେ ବୁଝାଇଲା। ଆମ ପରିବେଶରେ ଥିବା ସମସ୍ତ ସବୁଜ ଉଦ୍ଭିଦମାନେ ଆମକୁ ବଞ୍ଚିବା ପାଇଁ ଅମ୍ଳଜାନ ପରି ଅମୃତ ଦିଅନ୍ତି କିନ୍ତୁ କିଛି ଗଛ ଆମକୁ ଅଧିକ ପରିମାଣର ଅମ୍ଳଜାନ ଦିଅନ୍ତି। ସେହି ଗଛ ମଧ୍ୟରୁ ଅଶ୍ୱତ୍ଥ ଗଛ ଅନ୍ୟତମ। ଏଥିସହ ଏହା ବାୟୁମଣ୍ଡଳକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ଅଶ୍ୱତ୍ଥ ଗଛର ପତ୍ର, ଛେଲି, ଆଦି ହଜମ ସମସ୍ୟା, ଶ୍ୱାସକ୍ରିୟା ସମସ୍ୟା, ରକ୍ତ ସଫା ଏବଂ ଚର୍ମ ରୋଗ ପାଇଁ ମଧ ବ୍ୟବହାର କରାଯାଏ। ଏହି ଗଛ ଅମ୍ଳଜାନ ପରି ଅମୃତକୁ ଗଚ୍ଛିତ ରଖିଥିବାରୁ ଏହାକୁ ଆମେ ଅମୃତ ଗଛ ବୋଲି କହିପାରିବା। ପୂର୍ବରୁ ବରଗଛ ଏବଂ ଅଶ୍ୱତ୍ଥ ଗଛର ବିବାହ କରି ଆମେ ତାହାକୁ ସୁରକ୍ଷା ଦେଉଥିଲେ କିନ୍ତୁ ଦୁଃଖର କଥା ହେଉଛି ଏହା ଯେ, ଆମର ସ୍ୱାର୍ଥଭିତ୍ତିକ କାମ ପାଇଁ ବର୍ତ୍ତମାନ ଅଶ୍ୱତ୍ଥ ଗଛର ସଂଖ୍ୟା ବହୁତ କମି ଗଲାଣି। ଏହି ଗଛର ସୁରକ୍ଷା ଯଦି ସଠିକ୍ ଭାବେ ନ ହେବ ତେବେ ଆଗାମୀ ଦିନରେ ଆମକୁ ବିଶୁଦ୍ଧ ଅମ୍ଳଜାନ ମିଳିବା କଷ୍ଟକର ହୋଇଯିବ। ସବୁକଥା ଶୁଣିବା ପରେ ଧନଞ୍ଜୟ ଅମୃତ ଗଛର ଗୁରୁତ୍ୱକୁ ଭଲଭାବେ ବୁଝିଲା। ଏହାପରେ ସେ ଅଶ୍ୱତ୍ଥ ଗଛର ପତ୍ରଟିଏ ନେଇ ଗୁରୁଙ୍କ ପାଖକୁ ଗଲା ଏବଂ ସେଠାରେ ପହଞ୍ଚି ସବୁକଥା ଗୋଟି ଗୋଟି କରି ବୁଝାଇ କହିଲା। ଉପଯୁକ୍ତ ପତ୍ରଟି ପାଇବା ପରେ ଗୁରୁ ଧନଞ୍ଜୟ ଉପରେ ଅତ୍ୟନ୍ତ ଖୁସି ହୋଇଗଲେ ଏବଂ ଶ୍ରେଷ୍ଠ ଗୁରୁଦକ୍ଷିଣା ପାଇଁ ତାକୁ ଆଶୀର୍ବାଦ କଲେ। ■



ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ
ମୋ- ୬୩୭୧୫୫୫୯୪୦


## ଚିତ୍ର ଅଙ୍କନ












**ଶାନ୍ତନୁ ଶାନ୍ତିସ୍ୱରୂପ ସାହୁ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର



**ସନ୍ଦୀପ୍ତା ଦିବ୍ୟାରାଣୀ**
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର



**ଆଦ୍ୟାଶା ନାଏକ**
ଚତୁର୍ଥ ଶ୍ରେଣୀ
ଶିମିଳିପାଳ ସରକାରୀ ଉଚ୍ଚ ବିଦ୍ୟାଳୟ
ଭୋଳାଗଡ଼ିଆ



**ତନିସ୍କା ପାତ୍ର**
ଚତୁର୍ଥ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

## ପ୍ରହେଳିକା

- ଗଛରେ ଝୁଲେ ବାଉଁଶ ଦୋଳି
ଝୁଲନ୍ତି ପିଲା ମିଶି
ପୋଡ଼ ପିଠାର ସୁଗନ୍ଧ ଆସେ
ପରାଣ ଉଠେ ହସି
ଲୁଡୁ ତାଆସ ବାଗୁଡ଼ି ଖେଳ
ଖେଳନ୍ତି ସର୍ବ ଜନ
ଏହି ପରବେ ଅପା ବାଣ୍ଟଇ
ମସଲା ଖିଲିପାନ
କୁହତ ନାମ ତା'ର
ଆମ୍ବ ପଣସ ମାଂସ କଷାରେ
ମହକି ଉଠେ ଘର।

ଉତ୍ତର-ରଜପର୍ବ



- ଚାଉଳ ଚୂନା ଓ ଗୁଡ଼ ନଡିଆ
କାଜୁ ଅଳେଇଚ ବାସେ ବଢ଼ିଆ
ପିଠାଟିଏ ବନେ ତା'ର ମିଶ୍ରଣେ
ପୋଡ଼ାହୁଏ ସିଏ ଅତି ଯତନେ
ଭାରି ସୁଆଦିଆ ସିଏ
ଖଣ୍ଡ ଖଣ୍ଡ କରି କାଟି ଦିଏ ବୋଉ
କୁହ ତା'ର ନାମ କିଏ।

ଉତ୍ତର-ପୋଡ଼ପିଠା


ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୨୪୬

ମ୍ୟୁନିକ୍ ସୁଟିଂ ବିଶ୍ୱକପ୍

# ସ୍ୱର୍ଣ୍ଣ ଜିତିଲେ ସୁରୁଚି



ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି): ଜର୍ମାନୀର ମ୍ୟୁନିକରେ ଅନୁଷ୍ଠିତ ଆଇଏସ୍ଏସ୍ଏଫ୍ ସୁଟିଂ ବିଶ୍ୱକପ୍‌ରେ ସୁରୁଚି ସିଂହ ଭାରତ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସୁରୁଚି ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ବିଶ୍ୱକପ୍‌ରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଚଳିତ ମ୍ୟୁନିକ ବିଶ୍ୱକପ୍‌ରେ ପୂର୍ବରୁ ସିଫ୍ଟ କୌର ଓ ଏଲାଭେନିଲ ଭାଲରିଭାନ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଶୁକ୍ରବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଫାଇନାଲରେ ୧୯ ବର୍ଷୀୟା ସୁରୁଚି ୨୪୧.୯ ସ୍କୋର କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫ୍ରାନ୍ସର କାମିଲେ ଜେଡଜେଜେୱସ୍କି (୨୪୧.୭) ଓ ଚାଇନାର କ୍ୱିଆନଜୁନ ୟାଓ (୨୨୧.୭) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ସୁରୁଚି ୫୮୮ ସ୍କୋର ସହ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଥିଲେ। ତେବେ ଅଲିମ୍ପିକ ପଦକ ବିଜୟିନୀ ମନୁ ଭାକର ୫୭୪ ସ୍କୋର ସହ ୨୫ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

ଏମ୍ଏଲ୍ସି-୩ ସିଜନ ଆରମ୍ଭ

# ଫିନ୍ ଆଲେନଙ୍କ ୫୧ ବଲରେ ୧୫୧ ରନ



କାଲିଫର୍ଣ୍ଣିଆ, ୧୩।୬ (ଏଜେନ୍ସି): ଆମେରିକାର ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ପ୍ରତିଯୋଗିତା ମେଜର ଲିଗ୍ କ୍ରିକେଟ୍ (ଏମ୍ଏଲ୍ସି)ର ୩ୟ ସଂସ୍କରଣ ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଶୁକ୍ରବାର କୋରି ଆଣ୍ଡରସନଙ୍କ ନେତୃତ୍ୱାଧୀନ ସାନ୍ ଫ୍ରାନସିସ୍କୋ ୟୁନିକର୍ନ୍ସ ୧୨୩ ରନର ବିଶାଳ ବ୍ୟବଧାନରେ ୱାଶିଂଟନ ଫ୍ରିଡମକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସାନ୍ ଫ୍ରାନସିସ୍କୋ ଫିନ୍ ଆଲେନଙ୍କ ବିସ୍ଫୋରକ ଶତକ ବଳରେ ୫ ୱିକେଟ୍‌ରେ ୨୬୯ ରନ କରିଥିଲା। ଜବାବରେ ଗ୍ଲେନ ମ୍ୟାକ୍ସୱେଲଙ୍କ ୱାଶିଂଟନ ଫ୍ରିଡମ ୧୩.୧ ଓଭରରେ ୧୪୬ ରନ କରି ଅଲ୍ଆଉଟ୍ ହୋଇଯାଇଥିଲା। ୫୧ ବଲରେ ୧୫୧ ରନ କରିଥିବା ଆଲେନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। କିୱି ବ୍ୟାଟର୍ ଆଲେନ ଏହି ପାଳିରେ ୧୯ ଛକା ଓ ୫ ଚୌକା ମାରିଥିଲେ। ଡାହାଣହାତୀ ବ୍ୟାଟର୍ ଆଲେନ ଏହି ଶତକୀୟ ପାଳିରେ ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ୩୪ ବଲରେ ଶତକ ହାସଲ କରି ଏମ୍ଏଲ୍ସି ଇତିହାସରେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ସେହିଭଳି ସେ ତାଙ୍କ ଦେଢ଼ଶହ ରନ ୪୯ ବଲରେ ପୂରଣ କରିଥିଲେ। ଯାହାକି ଟି-୨୦ କ୍ରିକେଟ୍‌ରେ ଦ୍ରୁତତମ ୧୫୦ ରନ ରେକର୍ଡ ହୋଇଛି। ଏହାବାଦ୍ ଟି-୨୦ କ୍ରିକେଟ୍‌ରେ ଗୋଟିଏ ପାଳିରେ ସର୍ବାଧିକ ଛକା ମାରିବାର ରେକର୍ଡ ମଧ୍ୟ ଆଲେନଙ୍କ ନାମରେ ଲିପିବଦ୍ଧ ହୋଇଛି। ପୂର୍ବରୁ ୱେଷ୍ଟଇଣ୍ଡିଜର କ୍ରିସ ଗେଲ୍ ଓ ଇସ୍ତୋନିଆର ସାହିଲ ଚୌହାନ ଗୋଟିଏ ପାଳିରେ ୧୮ ଟି ଲେଖାଏ ଛକା ମାରିଥିଲେ। ଗତ ଆଇପିଏଲ୍ ନିଲାମୀରେ ଆଲେନଙ୍କୁ କୌଣସି ଫ୍ରାଞ୍ଚାଇଜ କ୍ରୟ କରି ନ ଥିଲେ।

# ଏସିଆନ ଚାମ୍ପିଅନସିପ୍ ଫାଇନାଲରେ ପ୍ରଣତୀ



ଭୁବନେଶ୍ୱର, ୧୩।୬ (ସମିସ): ଭାରତର ଜଣାଶୁଣା ଜିମ୍ନାଷ୍ଟ ପ୍ରଣତୀ ନାୟକ ଚଳିତ ଡବ୍ଲ୍ୟୁଏଜି ଏସିଆନ ଚାମ୍ପିଅନସିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଦକ୍ଷିଣ କୋରିଆର ଯେଚିଅନ ସହରରେ ଅନୁଷ୍ଠିତ ଏହି ସମ୍ମାନଜନକ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ର ଭଲ୍ଟ ଇଭେଣ୍ଟ ଯୋଗ୍ୟତା ପର୍ଯ୍ୟାୟରେ ପ୍ରଣତୀ ୧୩.୦୮୩ ସ୍କୋର କରିଥିଲେ। ଏଥିସହ ସେ ୪ର୍ଥ ସ୍ଥାନରେ ରହି ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟତମ ଭାରତୀୟ ଜିମ୍ନାଷ୍ଟ ଭାବେ ପ୍ରୋତିସ୍ତା ସାମନ୍ତା ୧୨.୯୧୬ ସ୍କୋର କରି ୮ମ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି। ଅଶୋକ ମିଶ୍ର ପ୍ରଶିକ୍ଷକ ଭାବେ ଭାରତୀୟ ଦଳ ସହ ଗସ୍ତ କରିଛନ୍ତି। ପ୍ରଣତୀ ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ଏଏମ୍ଏନ୍ଏସ୍ ଜିମ୍ନାଷ୍ଟିକ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ

# ଟାର୍ଗେଟ୍ ୨୮୨: ଦକ୍ଷିଣ ଆଫ୍ରିକା ୨୧୩/୨

ଲଣ୍ଡନ, ୧୩।୬ (ଏଜେନ୍ସି)



ସ୍ଥାନୀୟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ବିପକ୍ଷରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ତୃତୀୟ ସଂସ୍କରଣର ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟ ଦ୍ୱାରଦେଶରେ ପହଞ୍ଚିଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୮୨ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଶୁକ୍ରବାର ଷ୍ଟମ୍ପ ସୁଦ୍ଧା ୫୬ ଓଭରରେ ୨ ୱିକେଟ୍

## ମାର୍କରାମ ଓ ବଭୁମାଙ୍କ ଲଢୁଆ ବ୍ୟାଟିଂ

ହରାଇ ୨୧୩ ରନ ସଂଗ୍ରହ କରିଛି। ଓପନର୍ ଆଇଡେନ ମାର୍କରାମ ୧୦୨ ଓ ଅଧିନାୟକ ତେମ୍ବା ବଭୁମା ୬୫ ରନ କରି କ୍ରିଜରେ ଅପରାଜିତ ରହିଛନ୍ତି। ଅସମାପ୍ତ ୩ୟ ୱିକେଟ୍ ଭାଗୀଦାରିରେ ଉଭୟ ୧୪୩ ରନ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାକୁ ଐତିହାସିକ ବିଜୟ ଦିଗରେ ଅଗ୍ରସର କରାଇଛନ୍ତି। ବିଜୟଠାରୁ ଦକ୍ଷିଣଆଫ୍ରିକା ଆଉ ମାତ୍ର ୬୯ ରନ ଦୂରରେ ରହିଛି। ଆଉଟ୍ ହୋଇଥିବା ବ୍ୟାଟରଙ୍କ ମଧ୍ୟରେ ର୍ୟାନ ରିକଲେଟନ ୬ ଓ ୱିଆନ ମଲଡର୍ ୨୭ ରନ କରି ମିଚେଲ ଷ୍ଟାର୍କଙ୍କ ଶିକାର ବନିଛନ୍ତି।

● ଷ୍ଟାର୍କଙ୍କ ଲଢୁଆ ଅର୍ଦ୍ଧଶତକ

ପୂର୍ବରୁ ୭୪ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିବା ଅଷ୍ଟ୍ରେଲିଆ ଦଳ ଗୁରୁବାର ଦ୍ୱିତୀୟ ଦିବସ ଷ୍ଟମ୍ପସ ଦ୍ୱିତୀୟ ପାଳିରେ ୮ ୱିକେଟ୍ ହରାଇ ୧୪୪ ରନ କରିଥିଲା। ଶୁକ୍ରବାର ଏହି ଅସମାପ୍ତ ଦ୍ୱିତୀୟ ପାଳି ସ୍କୋରରୁ ବ୍ୟାଟିଂ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ୬୩ ରନ ଯୋଡ଼ି ୨୦୭ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ପୂର୍ବଦିନ ୧୬ ରନ କରି ଅପରାଜିତ ରହିଥିବା ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଆଜି ବେଶ୍ ସତର୍କତାର ସହ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ଫଳରେ ଅଷ୍ଟ୍ରେଲିଆ ୨୦୦ ରନ ଅତିକ୍ରମ କରି ଏକ ଚ୍ୟାଲେଞ୍ଜିଂପୂର୍ଣ୍ଣ ଟାର୍ଗେଟ୍ ଧାର୍ଯ୍ୟ କରିବାରେ ସକ୍ଷମ ହୋଇଥିଲା। ଷ୍ଟାର୍କ ୧୩୬ ବଲ୍ ସାମ୍ନା କରି ୫ ଚୌକା ସହାୟତାରେ ୫୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ଏହା ସର୍ବାଧିକ ସ୍କୋର ବିବେଚିତ ହୋଇଛି। ୧୦ମ ୱିକେଟ୍ ଭାଗୀଦାରିରେ ସେ ଜୋଶ୍ ହାଜଲେଉଡ୍ (୧୭ ରନ)ଙ୍କ ସହ ମିଶି ୫୯ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ନାଥନ ଲାୟନ ୨, ଆଲେକ୍ସ କେରୀ ୪୩, ମାର୍ନସ ଲାବୁସେନ ୨୨, ଷ୍ଟିଭେନ ସ୍ମିଥ ୧୩, ଟ୍ରାଭିସ ହେଡ୍ ଓ ବିଉ ୱେବଷ୍ଟର ୯ ରନ ଲେଖାଏ କରିଥିଲେ। ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡା ସବୁଠୁ ସଫଳ ବୋଲର ଭାବେ ୪ଟି ଓ ଲୁନଗି ଏନ୍‌ଗିଡି ୩ଟି ୱିକେଟ୍ ନେଇଥିଲେ। ପ୍ରଥମ ପାଳିରେ ୫ ୱିକେଟ୍ ସଫଳତା ପାଇଥିବା ରାବାଡା ଏଥିସହ ମ୍ୟାଚରେ ୯ ୱିକେଟ୍ ହାସଲ କରିଛନ୍ତି। ପୂର୍ବରୁ ଦୁଇ ଦଳର ଖେଳାଳି ଅହମ୍ମଦାବାଦ୍ ବିମାନ ଦୁର୍ଘଟଣା ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ହାତରେ କଳାପଟି ବାନ୍ଧିଥିଲେ।

● ୨୭ ବର୍ଷ ତଳେ ଆଇସିସି ଟ୍ରଫି ଜିତିଥିଲା ଆଫ୍ରିକା

ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଇତିହାସରେ ଥରେ ମାତ୍ର ଆଇସିସି ଟ୍ରଫି ଜିତିବାରେ ସକ୍ଷମ ହୋଇଛି। ୧୯୯୮ରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ସଂସ୍କରଣରେ ଦକ୍ଷିଣ ଆଫ୍ରିକା ୪ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏହା ମଧ୍ୟରେ ଦକ୍ଷିଣଆଫ୍ରିକା ଏକାଧିକ ଆଇସିସି ଟୁର୍ଣ୍ଣାମେଣ୍ଟ ନକ୍‌ଆଉଟ୍‌ରେ ପ୍ରବେଶ କରିଥିଲେ ମଧ୍ୟ ଟ୍ରଫି ଜିତିପାରି ନାହିଁ। ୧୯୯୮ ପରଠାରୁ ଦକ୍ଷିଣ ଆଫ୍ରିକା ୫ଥର ଆଇସିସି ଚାମ୍ପିଅନ୍ସ ଟ୍ରଫି ସେମିଫାଇନାଲ, ୪ଥର ଆଇସିସି ଦିନିକିଆ ବିଶ୍ୱକପ୍ ସେମିଫାଇନାଲ ଓ ଗତ ବର୍ଷ ଟି-୨୦ ବିଶ୍ୱକପ୍ ଫାଇନାଲରେ ପରାସ୍ତ ହୋଇଛି।

ଭାରତର ଟେଷ୍ଟ ପ୍ରସ୍ତୁତିରେ ବାଧା

# ସ୍ୱଦେଶ ଫେରିଲେ ହେଡ୍ କୋଚ୍ ଗମ୍ଭୀର



କେଣ୍ଟ, ୧୩।୬ (ଏଜେନ୍ସି): ଇଂଲଣ୍ଡ ସହ ଜୁନ୍ ୨୦ରୁ ଆରମ୍ଭ ହେବ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍। ଏହି ସିରିଜ୍ ଲାଗି ପ୍ରସ୍ତୁତି ହେବା ସକାଶେ ଭାରତ ଘରୋଇ ଦେଶର କୌଣସି ଟିମ୍ ସହ ଅଭ୍ୟାସ ମ୍ୟାଚ୍ ଖେଳିନାହିଁ। ବରଂ ଇଂଲଣ୍ଡ ଗସ୍ତରେ ଥିବା ଭାରତ-ଏ' ଖେଳାଳିଙ୍କ ସହ ମିଶି ଏକ ୪ ଦିନିଆ ଅଭ୍ୟାସ୍ ମ୍ୟାଚ୍ ଖେଳିବାକୁ ପସନ୍ଦ କରିଛି। ଏହି ମ୍ୟାଚ୍‌ଟି ଏଠାରେ ଆଜିଠାରୁ ଆରମ୍ଭ ହୋଇଛି। ଭାରତୀୟ ଦଳର ଖେଳାଳିମାନେ ଅହମ୍ମଦାବାଦ୍ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଜଣାଇ ବାହୁରେ କଳାପଟି ବାନ୍ଧି ଖେଳିଥିଲେ। କିନ୍ତୁ ଖେଳ ଅଧାରୁ ଦଳର ହେଡ୍ କୋଚ୍ ଗୌତମ ଗମ୍ଭୀର ସ୍ୱଦେଶ ଫେରିଆସିଛନ୍ତି। ସ୍ୱଦେଶ ଫେରିବାର କାରଣ ହେଲା ତାଙ୍କ ମା'ଙ୍କ ଦେହ ଅସୁସ୍ଥ। ତାଙ୍କ ଚିକିତ୍ସା ସମ୍ପର୍କରେ ବ୍ୟବସ୍ଥା କରିବା ପରେ ସେ ପୁଣି ଦଳ ସହ ଯୋଗଦେବେ। ତାଙ୍କ ଅନୁପସ୍ଥିତିରେ ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଏଶ୍ଚେଟ୍ ଦଳର କୋଚ୍ ଦାୟିତ୍ୱରେ ରହିବେ। ଗମ୍ଭୀରଙ୍କ ଅନୁପସ୍ଥିତିରେ ଟେଷ୍ଟ ଦଳର ପ୍ରସ୍ତୁତି ଯେ ବାଧା ପାଇଛି, ଏହା ନିଃସନ୍ଦେହରେ କୁହାଯାଇପାରେ। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଲା ଏହି ମ୍ୟାଚ୍‌ରେ ରିପୋର୍ଟିଂ କରିବାକୁ ଗଣମାଧ୍ୟମକୁ ବାରଣ କରିଛି। ଏହା ଫଳରେ ମ୍ୟାଚ୍ ସମ୍ପର୍କରେ କେହି କିଛି ଜାଣିବାର ଅବକାଶ ହୋଇନାହିଁ। ଭାରତୀୟ ଟିମ୍ ନିଜ ରଣନୀତି ଅନ୍ୟମାନଙ୍କୁ ନ ଜଣାଇବାକୁ ହେଉ କିମ୍ବା ନିୟମିତ ମ୍ୟାଚ୍ ଖେଳିବାର ନ ଥିବାରୁ ବିସିସିଆଇ ଏହି ମ୍ୟାଚ୍‌କୁ ସର୍ବସାଧାରଣ କିମ୍ବା ଗଣମାଧ୍ୟମକୁ ସୂଚନା ଦେଇନାହିଁ। ଏଣୁ ଭାରତୀୟ ଟିମ୍ ଏହି ସିରିଜ୍‌କୁ କେତେ ଗୁରୁତ୍ୱ ଦେଉଛି ତାହା ଏଥିରୁ ପ୍ରମାଣିତ ହେଉଛି। ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି ଏହି ମ୍ୟାଚ୍ ୩୬୦ ଓଭର ଖେଳାଯିବ। ଏଥିରେ ଜଣେ ଖେଳାଳିଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବ। ଯାହା ଫଳରେ ସେ ମ୍ୟାଚ୍‌ର ସ୍ଥିତି ଅନୁଯାୟୀ ନିଜକୁ ଖାପ୍ ଖୁଆଇପାରିବେ। ଏହି ପରି ସମସ୍ତ ଖେଳାଳିଙ୍କୁ ସେମାନଙ୍କ ପୋଜିସନ ଓ ପ୍ଲେଇଂ ରୋଲ ଅନୁଯାୟୀ ପର୍ଯ୍ୟାପ୍ତ ସୁଯୋଗ ମିଳିବ। ବିଶେଷ କରି ଇଂଲଣ୍ଡର ଜଳବାୟୁ ଓ ପରିବେଶ ସହ ଖେଳକୁ କିପରି ଖାପ୍ ଖୁଆଇବେ ତାହା ଏହି ଅଭ୍ୟାସ ମ୍ୟାଚ୍‌ରେ ଗୁରୁତ୍ୱ ଦିଆଯାଇଛି।

● ଭାରତ ବିପକ୍ଷ ଟି-୨୦ ସିରିଜ

# ଇଂଲଣ୍ଡ ଦଳକୁ ଫେରିଲେ ସୋଫି



ଲଣ୍ଡନ, ୧୩।୬ (ଏଜେନ୍ସି): ଭାରତ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ଶୁକ୍ରବାର ଘରୋଇ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବାମହାତୀ ସ୍ପିନ ଅଲ୍‌ରାଉଣ୍ଡର ସୋଫି ଇକଲେଷ୍ଟୋନ ସାମୟିକ ବିରତିରୁ ବାହାରି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ସିରିଜରେ ୨୬ ବର୍ଷୀୟା ସୋଫି ବିଶ୍ରାମ ନେଇଥିଲେ। ନାଟ୍ ସ୍କିଭର-ବ୍ରଣ୍ଟଙ୍କୁ ୧୪ ଜଣିଆ ଇଂଲଣ୍ଡ ଟି-୨୦ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଜୁନ ୨୮ରୁ ଆରମ୍ଭ ହେବ। ଟ୍ରେଣ୍ଟବ୍ରିଜରେ ପ୍ରଥମ ମ୍ୟାଚ୍ ଖେଳାଯିବ। ଏହାପରେ ଜୁଲାଇ ୧, ୪, ୯ ଓ ୧୨ରେ ପରବର୍ତ୍ତୀ ଚାରୋଟି ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

**ଘୋଷିତ ଇଂଲଣ୍ଡ ଦଳ**

ନାଟ୍ ସ୍କିଭର-ବ୍ରଣ୍ଟ (ଅଧିନାୟକ), ଏମ୍ ଆର୍ଲୋଟ, ତାମି ବିଉମଣ୍ଟ, ଆମି ଜୋନ୍ସ (ଉଭୟ ୱିକେଟ୍‌କିପର), ଲୌରେନ ବେଲ୍, ଆଲିସେ କାପସୀ, ଚାର୍ଲି ଡିନ୍, ସୋଫି ଡଙ୍କଲୀ, ସୋଫି ଇକଲେଷ୍ଟୋନ, ଲୌରେନ ଫିଲର୍, ପାଇଗେ ସ୍କୋଫିଲ୍ଡ, ଲିନସୀ ସ୍ମିଥ, ଡାନି ୱ୍ୟାଟ ଓ ଇସି ୱଙ୍ଗ୍।

ଆଜିଠୁ ଫିଫା କ୍ଲବ୍ ବିଶ୍ୱକପ୍

# ଚାମ୍ପିଅନ ଦଳକୁ ମିଳିବ ୩୪୪.୫ କୋଟି



ନ୍ୟୁୟର୍କ, ୧୩।୬ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା 'ଫିଫା' ପକ୍ଷରୁ କ୍ଲବ ବିଶ୍ୱକପ୍ ଶନିବାରଠାରୁ ଆମେରିକାରେ ଆରମ୍ଭ ହେବାକୁ ଯାଉଛି। ଫିଫା କ୍ଲବ ବିଶ୍ୱକପ୍‌ର ଏହା ହେବ ୨୧ତମ ସଂସ୍କରଣ। ଜୁନ ୧୪ରୁ ଆରମ୍ଭ ହୋଇ ଜୁଲାଇ ୧୩ରେ ଉଦ୍‌ଯାପିତ ହେବାକୁ ଥିବା ବିଶ୍ୱ କ୍ଲବ ଫୁଟ୍‌ବଲର ଏହି ଅନ୍ୟତମ ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ ଏଥର ୩୨ ଗୋଟି ଦଳ ଟ୍ରଫି ପାଇଁ ମଇଦାନକୁ ଅବତୀର୍ଣ୍ଣ ହୋଇଛନ୍ତି। ୩୨ ଗୋଟି ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ମ୍ୟାଚ୍ ଖେଳାଯିବ। ଏହାପରେ ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ପ୍ରି-କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିବେ। ପ୍ରତି ୪ ବର୍ଷରେ ଆୟୋଜିତ ହେଉଥିବା ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ଫିଫା ଏଥର ଆଖିଦୃଶିଆ ପୁରସ୍କାର ରାଶି ଘୋଷଣା କରିଛି। କ୍ଲବ ବିଶ୍ୱକପ୍‌ର ଏହି ସଂସ୍କରଣ ଲାଗି ମୋଟ୍ ୧ ବିଲିୟନ ଡଲାର ପୁରସ୍କାର ରାଶି ରଖାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ୮ ହଜାର ୬୧୩ କୋଟି ୪ ଲକ୍ଷ ଟଙ୍କା ହେବ। ସେହିଭଳି ଚାମ୍ପିଅନ ଦଳକୁ ଆଖି ଝଲସିବା ଭଳି ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥର କ୍ଲବ ବିଶ୍ୱକପ୍‌ରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୪୦ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୩୪୪ କୋଟି ୫୦ ଲକ୍ଷ ଟଙ୍କା) ଅର୍ଥରାଶି ଫିଫା ପକ୍ଷରୁ ଦିଆଯିବ। ସେହିଭଳି ରନର୍ସଅପ୍ ଦଳ ୨୫୮ କୋଟି ୩୯ ଲକ୍ଷ ଟଙ୍କା ପୁରସ୍କାର ପାଇବ।

**ଫିଫାର କ୍ଲବ୍ ବିଶ୍ୱକପ୍ ପୁରସ୍କାର ରାଶି**

| | |
|---|---|
| ଚାମ୍ପିଅନ | : ୩୪୪.୫ କୋଟି ଟଙ୍କା |
| ରନର୍ସଅପ୍ | : ୨୫୮.୪ କୋଟି |
| ସେମିରେ ପରାଜିତ ଦଳ | : ୧୮୦.୮ କୋଟି |
| କ୍ୱାର୍ଟରରେ ପରାଜିତ ଦଳ | : ୧୧୩ କୋଟି |
| ରାଉଣ୍ଡ-୧୬ରେ ପରାଜିତ ଦଳ | : ୬୪.୬ କୋଟି |
| ଗ୍ରୁପ୍‌ରେ ପ୍ରତି ବିଜୟ ଲାଗି | : ୧୭ କୋଟି ୨୨ ଲକ୍ଷ |
| ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଡ୍ର ଲାଗି | : ୮ କୋଟି ୬୧ ଲକ୍ଷ |

# ସର୍ବଭାରତୀୟ ଏ ଗ୍ରେଡ୍ କବାଡ଼ି ଉଦ୍‌ଘାଟିତ




ରସୁଲପୁର, ୧୩।୬ (ସମିସ)

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ଖଣ୍ଡିତରଠାରେ ସର୍ବଭାରତୀୟ ଏ-ଗ୍ରେଡ୍ ଦିବାରାତ୍ର ପୁରୁଷ ଓ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ୭୦ତମ କବାଡ଼ି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଯାଜପୁର କବାଡ଼ି ଆସୋସିଏସନ ଦ୍ୱାରା ଆୟୋଜିତ ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଜେକେଏର ସଭାପତି ପ୍ରଦୀପ କୁମାର ସେଠୀ ସଭାପତିତ୍ୱ କରିଥିଲେ। ସଂପାଦକ ଅଧ୍ୟାପକ ସମରେନ୍ଦ୍ର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଫାଲଗୁନି ବିଭୁକଲ୍ୟାଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଅଭୟ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ତିଆଡ଼ି, ଉପଦେଷ୍ଟା ରବୀନ୍ଦ୍ର କୁମାର ପୃଷ୍ଟି, କୃଷ୍ଣକାନ୍ତ ପଣ୍ଡା, ହେମନ୍ତ କୁମାର କର ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଖେଳାଳିମାନଙ୍କ ଶପଥ ଗ୍ରହଣ ପରେ ଅନୁଷ୍ଠାନିକ ଭାବରେ ୭୦ତମ ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଥିଲା। ପୁରୁଷ ବିଭାଗର ପ୍ରଥମ ମ୍ୟାଚ୍ ଛତିଶଗଡ଼ର ବିଳାଶପୁର ଓ ବାରଙ୍ଗର ରେନ୍‌ବୋ କ୍ଲବ୍ ମଧ୍ୟରେ ୧ନଂ କୋର୍ଟରେ ଅନୁଷ୍ଠିତ ହୋଇଥିଲା। ମୁକେଶ କୁମାର ସାହୁ ରେଫରୀ ଏବଂ କେ. ମାଧବ ରାଓ ଓ ପ୍ରକାଶ କୁମାର ସାହୁ ପ୍ରଥମ ମ୍ୟାଚ୍ ପରିଚାଳନା କରିଥିଲେ।

■ ଜାତୀୟ କରାଟେ ପ୍ରତିଯୋଗିତା

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୭ ପଦକ

ଭୁବନେଶ୍ୱର, ୧୩।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନ ସୁଦ୍ଧା ଓଡ଼ିଶାର ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୫ କାଂସ୍ୟ ପଦକ ସହ ମୋଟ ୭ଟି ପଦକ ବିଜୟୀ ହୋଇଛି। ବିଶ୍ୱ କରାଟେ ସଂଘ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାର ଯୁବ ୭୦ କିଲୋ ଫାଇଟିଂ ଶ୍ରେଣୀରେ ଅଂଶୁମାନ ଆଚାର୍ଯ୍ୟ ଓ ୭୬ କିଲୋରୁ ଊର୍ଦ୍ଧ୍ୱ ଶ୍ରେଣୀ ଫାଇଟିଂରେ ଦିବ୍ୟପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଅନ୍ୟ ପଦକ ବିଜେତାଙ୍କ ମଧ୍ୟରେ ସୁଶ୍ରୀ ଅଲିଶା ସୁବୁଦ୍ଧି, ଓମ୍ ସତ୍ୟମ ମହାନ୍ତି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଦଳ ଲାଗି ୫ଟି କାଂସ୍ୟ ପଦକ ଜିତିଥିବା କରାଟେକାମାନେ ହେଲେ ତପସ୍ୱିନୀ ନାୟକ, ସୁପ୍ରିୟା ମହାନ୍ତି, ଆର୍ଯ୍ୟବ୍ରତ ବିଶ୍ୱାଳ ଏକକରେ କାଂସ୍ୟ ପଦକ ହାସଲ କରିଛନ୍ତି। ଦଳଗି ବିଭାଗରେ ମଧ୍ୟ ଦଳକୁ ଆଉ ୨ଟି କାଂସ୍ୟ ପଦକ ମିଳିଛି। ତାହା ମଧ୍ୟରୁ କନିଷ୍ଠ ବାଳକ ଦଳଗତ କାଟାରେ ଶୁଭମ ଦାଶ, ଦୋଳଗୋବିନ୍ଦ ବେହେରା, ରୀତେଶ ପାତ୍ର ଓ ଅଂଶୁମାନ ମିଶ୍ର କାଂସ୍ୟ ପଦକ ଜିତିଥିଲେ।

୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

# ଅନୁଗୋଳ ଓ କେନ୍ଦ୍ରାପଡ଼ା ବିଜୟୀ

କଟକ, ୧୩।୬ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ କଟକରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଅନୁଗୋଳ ଏବଂ କେନ୍ଦ୍ରାପଡ଼ା ବିଜୟୀ ହୋଇଛନ୍ତି।



ଗୋବିନ୍ଦ ପଟ୍ଟନାୟକ



ସତ୍ୟ ବେହେରା

ରେଭେନ୍ସା ଗ୍ରାଉଣ୍ଡ-୧ରେ କେନ୍ଦ୍ରାପଡ଼ା ଏବଂ ଜଗତସିଂହପୁର ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜଗତସିଂହପୁର ୧୦୨ ରନରେ ଅଲଆଉଟ ହୋଇଥିଲା। ଅରବିନ୍ଦ ମୁଦୁଲି ସର୍ବାଧିକ ୨୭ ରନ କରିଥିଲେ। କେନ୍ଦ୍ରାପଡ଼ାର ଗୋବିନ୍ଦ ପଟ୍ଟନାୟକ ୧୨ରନ ବିନିମୟରେ ୩ଟି ୱିକେଟ ଦଖଲ କରିଥିଲେ। ଜବାବରେ ୧୬.୫ ଓଭରରେ ୪ ୱିକେଟ ହରାଇ କେନ୍ଦ୍ରାପଡ଼ା ବିଜୟ ଲକ୍ଷ୍ୟ ହାସଲ କରିଛି। ଗୋବିନ୍ଦ ଅପରାଜିତ ୧୫ ରନ ସହ ଅଲରାଉଣ୍ଡ ପ୍ରଦର୍ଶନ କରି ଦଳକୁ ଜିତାଇଥିଲେ। ସେହିଭଳି ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଗୋଳ ୮ ରନରେ ଦେବଗଡ଼କୁ ହରାଇଥିଲା। ଅନୁଗୋଳର ଇନିଂସ ୧୦୪ ରନରେ ସୀମିତ ରହିଥିଲା। ହର୍ଷ କୁମାର ସର୍ବାଧିକ ୨୫ ରନ କରିଥିବାବେଳେ ଦେବଗଡ଼ ତରଫରୁ ଶୁଭମ ଦାସ ୩ଟି ୱିକେଟ ନେଇଥିଲେ। ୧୦୫ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଦେବଗଡ଼ ୯୬ ରନରେ ଅଲଆଉଟ ହୋଇଥିଲା। ଅନୁଗୋଳର ସତ୍ୟ ବେହେରା ୧୩ ରନ ବ୍ୟୟ କରି ୩ଟି ୱିକେଟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS